# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ସେପ୍ଟେମ୍ବର ୧୩/୨୦୨୦ (୧୨ ପୃଷ୍ଠା+ଛୁଟିଦିନ) | Dhenkanal, Sunday, September 13/2020 | ★★★★★

୧୬ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


# ନଭେମ୍ବରରେ ଅତିରିକ୍ତ ବଜେଟ


**ଘାରିଲାଣି ଅର୍ଥଚିନ୍ତା**

- ଅଯଥା ପ୍ରସ୍ତାବ ନ ଦେବାକୁ ବିଭାଗଗୁଡ଼ିକୁ ତାଗିଦ କଲା ଅର୍ଥ ବିଭାଗ
- ନିର୍ଦ୍ଦେଶନାମା ଉଲ୍ଲଂଘନ କଲେ ଦାୟୀ ରହିବେ ଅଧିକାରୀ
- ଅକ୍ଟୋବର ୧୨ ସୁଦ୍ଧା ପ୍ରସ୍ତାବ ଦେବାକୁ ପରାମର୍ଶ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

କୋଭିଡ୍-୧୯ କେବଳ ସ୍ୱାସ୍ଥ୍ୟ ନୁହେଁ ଅର୍ଥନୀତିକୁ ମଧ୍ୟ ଉଜାଡି ଦେଇଛି। ରାଜ୍ୟର ଆର୍ଥିକ ଅବସ୍ଥା ଗୁରୁତର ସଙ୍କଟ ଦେଇ ଗତିକରୁଛି। ରାଜସ୍ୱ ଆଦାୟ କମିବା ଯୋଗୁ ପରିସ୍ଥିତି ଆହୁରି ବିଗିଡିବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଅନୁଦାନ କମିବା ଜଳ ଜଳ ଦିଶିଲାଣି। ଏଭିଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାର କଠୋର ବିତ୍ତୀୟ ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୦ ଫେବୃୟାରୀ ୧୮ରେ ବିଧାନସଭାରେ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଉପସ୍ଥାପିତ ହୋଇଥିବା ପୂର୍ଣ୍ଣାଙ୍ଗ ବଜେଟରେ ରାଜ୍ୟ ସରକାର ନୂତନ ଓଡ଼ିଶାର ପରିକଳ୍ପନା କରିଥିଲେ। କରୋନା ଏହାକୁ ଏକ ପ୍ରକାର ଧୂଳିସାତ୍ କରିଦେଇଛି। ଚଳିତ ଆର୍ଥିକ ବର୍ଷରେ କେବଳ ସ୍ୱାସ୍ଥ୍ୟ ଭିତ୍ତିଭୂମି, ବିପର୍ଯ୍ୟୟ ପରିଚାଳନା, ସାମାଜିକ ସୁରକ୍ଷା, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ପ୍ରଶାସନିକ ଖର୍ଚ୍ଚ ମେଣ୍ଟାଇବା ଉପରେ ସରକାର ଗୁରୁତ୍ୱ ଦେବେ। କେନ୍ଦ୍ରୀୟ ଅନୁଦାନ ଆଶା କ୍ଷିଣ ଥିବାରୁ ରାଜ୍ୟ ସରକାର ସମସ୍ତ ଆର୍ଥିକ ବୋଝ ନିଜେ ବୋହିବେ।

ଏହି ଲକ୍ଷ୍ୟ ନେଇ ନଭେମ୍ବରରେ ୨୦୨୦-୨୧ ବିଧାନସଭାରେ ଉପସ୍ଥାପନ ହେବାକୁ ଥିବା ଅତିରିକ୍ତ ବଜେଟ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅକ୍ଟୋବର ୧୨ ସୁଦ୍ଧା ଅନଲାଇନ୍ ଜରିଆରେ ଅତିରିକ୍ତ ବ୍ୟୟବରାଦ ପ୍ରସ୍ତାବ ଦେବାକୁ ଅର୍ଥ ବିଭାଗ ସମସ୍ତ ବିଭାଗକୁ ଚିଠି ଲେଖିଛି। କରୋନା ମୁକାବିଲା ସହ ଅତ୍ୟନ୍ତ ଜରୁରୀ ଖର୍ଚ୍ଚ ପାଇଁ ପ୍ରସ୍ତାବ ଦେବାକୁ ବିଭାଗଗୁଡିକୁ କୁହାଯାଇଛି। ଚଳିତ ଅତିରିକ୍ତ ବଜେଟରେ ପ୍ରଶାସନିକ ଖର୍ଚ୍ଚ, ଚାଲୁ ରହିଥିବା କାର୍ଯ୍ୟକ୍ରମ ଏବଂ ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ଅର୍ଥ ଭରଣା ପାଇଁ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, କୃଷି କ୍ଷେତ୍ର , ନିଯୁକ୍ତି ସୃଷ୍ଟି ଆଦି ବିଭିନ୍ନ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯିବ। ରାଜ୍ୟ ସରକାର କୋଭିଡ୍ ଯୋଦ୍ଧାମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏସବୁ ପାଇଁ ବିଭାଗଗୁଡିକୁ ସମ୍ପୂର୍ଣ୍ଣ ଅର୍ଥ ଯୋଗାଇ ଦିଆଯିବ। ଅତିରିକ୍ତ ବଜେଟର ଓଡ଼ିଶା ବିପର୍ଯ୍ୟୟ ପାଣ୍ଠି (ଓସିଏଫ୍)କୁ ଆଗୁଆ ଅର୍ଥ ପ୍ରଦାନ କରାଯାଇଥାଏ। ତେବେ ଚଳିତ ବର୍ଷ ଓସିଏଫ୍ ପାଇଁ କେବଳ ବକେୟା ଅର୍ଥ ପ୍ରଦାନ ଲାଗି ବିଭାଗ ପ୍ରସ୍ତାବ ଦେଇ ପାରିବେ। ଏଥିପାଇଁ ସମ୍ପୃକ୍ତ ବିଭାଗ ଓସିଏଫ୍‌ର ବକେୟା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ପଡିବ। ଓଡିଶା ସଂଶୋଧିତ ଦରମା ରୁଲ-୨୦୧୭ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ନିମନ୍ତେ ବିଭାଗଗୁଡିକ ପ୍ରସ୍ତାବ ଦେଇପାରିବେ। ଏହାଛଡା ଘରଭଡା, ବିଦ୍ୟୁତ୍, ପାଣି ବିଲ୍ ଏବଂ ପୌରସଂସ୍ଥାଗୁଡିକର ବକେୟା ଇତ୍ୟାଦି ପାଇଁ ଅତିରିକ୍ତ ବଜେଟରେ ପ୍ରସ୍ତାବ ଦେବାକୁ କୁହାଯାଇଛି। ବଜେଟ ପୂର୍ବରୁ ଅନେକ କାର୍ଯ୍ୟ ଆଗୁଆ କରାଯାଇଛି। ସେଥିପାଇଁ ଉକ୍ତ ବଜେଟରେ ପ୍ରସ୍ତାବ ଦିଆଯାଇ ପାରିବ। ଅଦାଲତଙ୍କ ନିର୍ଦ୍ଦେଶରେ ପୈଠ କରିବାକୁ ଥିବା ବକେୟା ଅର୍ଥ ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ଲାଗି ଆସନ୍ତା ବଜେଟରେ ଅର୍ଥ ବରାଦ କରାଯିବ। ଏଥିସହିତ ଜରୁରୀ କ୍ଷେତ୍ରଗୁଡିକ ପାଇଁ ଆବଶ୍ୟକ ହେଉଥିବା ଆଗୁଆ ଅର୍ଥ ଲାଗି ପ୍ରସ୍ତାବ ଦେବାକୁ ଅର୍ଥ ବିଭାଗ ପରାମର୍ଶ ଦେଇଛି। ସ୍ୱାସ୍ଥ୍ୟ ବିଭାଗ ବ୍ୟତୀତ ଅନ୍ୟ କୌଣସି ବିଭାଗ ନୂତନ ସ୍କିମ ପାଇଁ ପ୍ରସ୍ତାବ ଦେଇପାରିବେ ନାହିଁ। ଯଦି କୌଣସି ନୂତନ ସ୍କିମ୍‌ର ଜରୁରୀ ଆବଶ୍ୟକତା ଥିବ ତେବେ ସେଥିପାଇଁ ଅର୍ଥ ବିଭାଗର ଅନୁମତି ନେଇ ପ୍ରସ୍ତାବ ଦେବାକୁ କୁହାଯାଇଛି। କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା(ସିଏସ୍‌ପି) ପାଇଁ ଯଦି କେନ୍ଦ୍ର ସରକାର ନିଜ ଅଂଶଧନ ଅଧିକ ଦେଇଥିବେ ତେବେ ରାଜ୍ୟ ଅଂଶଧନ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ସକାଶେ ପ୍ରସ୍ତାବ ଦେବାକୁ କୁହାଯାଇଛି। ସମସ୍ତ ବିଭାଗ ବାସ୍ତବ ଖର୍ଚ୍ଚକୁ ଆକଳନ କରି ଅତିରିକ୍ତ ବଜେଟରେ ବ୍ୟୟବରାଦ ପାଇଁ ପ୍ରସ୍ତାବ ଦେବେ। ଏହାଦ୍ୱାରା ସମ୍ବଳକୁ ଉଚିତ ☞ପୃଷ୍ଠା-୪




# ଆଜି ଏନ୍‌ଇଇଟି

- ୭ ସହରରେ ହୋଇଛି ୮୩ ସେଣ୍ଟର
- ପରୀକ୍ଷା ଦେବେ ୩୭,୪୫୯ ଛାତ୍ରୀଛାତ୍ର
- କରୋନା ଆକ୍ରାନ୍ତ ଦେଇପାରିବେନି ପରୀକ୍ଷା, ପରବର୍ତ୍ତୀ ସମୟରେ ଘରେ ରହି ପରୀକ୍ଷା ଦେବେ

ଭୁବନେଶ୍ୱର,୧୨।୯(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି(ୟୁଜି) ଆଜି ରାଜ୍ୟର ୭ଟି ସହରରେ ଅନୁଷ୍ଠିତ ହେବ। ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଅନୁଗୋଳର ୮୩ଟି ସେଣ୍ଟରରେ ମୋଟ ୩୭,୪୫୯ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଏଥିପାଇଁ ଛାତ୍ରୀଛାତ୍ର ଅପରାହ୍ନ ୧୨ଟା ୩୦ରୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ।

ଭୁବନେଶ୍ୱରରେ ସର୍ବାଧିକ ୩୧ କେନ୍ଦ୍ରରେ ୧୫,୬୮୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା ସୁପରିଚାଳନା ପାଇଁ ଶନିବାର ଭୁବନେଶ୍ୱର ସର୍କିଟ ହାଉସରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏଡିଏମ୍, ଏନ୍‌ଇଇଟି ରାଜ୍ୟ ସଂଯୋଜକଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀଙ୍କୁ ଏନ୍‌ଟିଏ ପକ୍ଷରୁ ମାସ୍କ ଓ ସାନିଟାଇଜର ଦିଆଯିବ। ପ୍ରତି ପରୀକ୍ଷା ରୁମ୍‌ରେ ୧୨ଜଣ ପରୀକ୍ଷାର୍ଥୀ ବସିବେ। ଏନ୍‌ଇଇଟି ରାଜ୍ୟ ସଂଯୋଜିକା ପଲ୍ଲୀ ପଟ୍ଟନାୟକ କହିଛନ୍ତି ଯେ, ଜେଇଇ ମେନ ଭଳି ଏନ୍‌ଇଇଟି ପାଇଁ ପରୀକ୍ଷା କେନ୍ଦ୍ରରେ ଆଇସୋଲେଶନ ☞ପୃଷ୍ଠା-୪



ଭୁବନେଶ୍ୱର ସର୍କିଟ ହାଉସ୍‌ରେ ଖୋର୍ଦ୍ଧା ଜିଲାପାଳ ସନତ ମହାନ୍ତି ଏନ୍‌ଇଇଟି ପରୀକ୍ଷା ପ୍ରସ୍ତୁତି ନେଇ ସୂଚନା ଦେଉଛନ୍ତି।

# ପେଟ୍ରୋଲ ୧୪, ଡିଜେଲ ୧୩ ପଇସା କମିଲା


ଭୁବନେଶ୍ୱର,୧୨।୯

ଉଭୟ ପେଟ୍ରୋଲ ଓ ଡିଜେଲ ଦରରେ ଶନିବାର ହ୍ରାସ ହୋଇଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ୧୪ ପଇସା ହ୍ରାସ ପାଇ ୮୨.୪୧ ଟଙ୍କା ରହିଛି। ଏଠାରେ ଡିଜେଲ ଦର ଲିଟର ପିଛା ୧୩ ପଇସା ନିମ୍ନରେ ରହିବା ଯୋଗୁ ୭୯.୩୫ ଟଙ୍କା ରହିଛି। ଭୁବନେଶ୍ୱରରେ ପେଟ୍ରୋଲ ଏବଂ ଡିଜେଲ ଦର ନୂଆଦିଲ୍ଲୀଠାରୁ ଉର୍ଦ୍ଧ୍ୱରେ ରହିଛି। ଏହା ପୂର୍ବରୁ ଗୁରୁବାର ପେଟ୍ରୋଲ ଲିଟର ପିଛା ଦର ୯ ପଇସା ଏବଂ ଡିଜେଲ ୧୨ ପଇସା ହ୍ରାସ ହୋଇଥିଲା। ମେଟ୍ରୋ ସହରଗୁଡ଼ିକରେ ଇନ୍ଧନ ଦର ଶନିବାର ୧୧ରୁ ୧୩ ପଇସା ନିମ୍ନରେ ରହିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୧୩ ପଇସା କମି ୮୧.୮୬ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ୧୧ ପଇସା ହ୍ରାସ ପାଇ ୮୪.୮୫ ଟଙ୍କା, ଉଭୟ କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ୧୩ ନିମ୍ନରେ ରହି ଦର ଯଥାକ୍ରମେ ୮୩.୩୬ ଟଙ୍କା, ୮୮.୫୧ ଟଙ୍କା ରହିଛି।


**ଆଜିର ସମ୍ପାଦକୀୟ**

**ଜୟଶଙ୍କରଙ୍କ ତିନୋଟି କଥା**





# 'ବାକ୍ ସ୍ୱାଧୀନତା ସମ୍ପୂର୍ଣ୍ଣ ଅଧିକାର ନୁହେଁ'

ବମ୍ବେ,୧୨।୯(ପି.ଟି.)



ଭାରତୀୟ ସମ୍ବିଧାନର ଧାରା-୧୯ରେ ଉଲ୍ଲେଖ ଥିବା ବାକ୍ ସ୍ୱାଧୀନତା(ଫ୍ରିଡମ୍ ଅଫ୍ ସ୍ପିଚ୍ ଆଣ୍ଡ୍ ଏକ୍ସପ୍ରେଶନ) ସମ୍ପୂର୍ଣ୍ଣ ଅଧିକାର ନୁହେଁ ବୋଲି ଶୁକ୍ରବାର ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ପ୍ରକାଶ କରିଛନ୍ତି। ଏଥିସହିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏବଂ ତାଙ୍କ ପୁତ୍ର ତଥା ମନ୍ତ୍ରୀ ଆଦିତ୍ୟ ଠାକ୍‌ରେଙ୍କ ବିରୋଧରେ ଟୁଇଟ୍‌ରେ ଅପମାନ ସୂଚକ ମନ୍ତବ୍ୟ ଦେଇଥିବା ମହିଳାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ ହାଇକୋର୍ଟଙ୍କ ଯୁଗ୍ମ ଖଣ୍ଡପୀଠ ପ୍ରକାଶ କରିଛନ୍ତି। ସୁନୈନା ହୋଲେ(୩୮) ନାମ୍ନୀ ଜଣେ ମହିଳା ତାଙ୍କ ବିରୋଧରେ କରାଯାଇଥିବା ଏଫ୍‌ଆଇଆର୍‌କୁ ରଦ୍ଦ କରିବା ଉଦ୍ଦେଶ୍ୟରେ ଆଗତ କ୍ରିମିନାଲ ପିଟିଶନର ଶୁଣାଣି କରି ବିଚାରପତି ଏସ୍.ଏସ୍. ଶିନ୍ଦେ ଏବଂ ଏମ୍.ଏସ୍. କର୍ଣ୍ଣିକ ଏହି ରାୟ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ସୁନୈନା ଭିନ୍ନ ଭିନ୍ନ ସମୟରେ ଟୁଇଟ୍‌ରେ ୩ଟି ପୋଷ୍ଟ କରିଥିଲେ। ସେଥିରୁ ଗୋଟିଏ ଏପ୍ରିଲରେ ଲକ୍‌ଡାଉନ ଆରମ୍ଭରେ କରିଥିଲେ। ସେଥିରେ ସେ ଏକ ଭିଡିଓ ପୋଷ୍ଟ କରିଥିଲେ। ଯେଉଁଥିରେ ଜଣେ ବ୍ୟକ୍ତି କୋଭିଡ୍-୧୯ ବିଫଳତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରିଥିଲେ ଏବଂ ଏହି ପୋଷ୍ଟରେ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ। ଦ୍ୱିତୀୟ ଟୁଇଟ୍‌ରେ ସେ ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ଉଦ୍ଧବଙ୍କ ବ୍ୟଙ୍ଗ କରିଥିଲେ। ସେହିପରି ତୃତୀୟ ଟୁଇଟ୍‌ରେ ସେ ଏକ ମେସେଜ୍‌ର ଉତ୍ତର ଦେଇଥିଲେ, ଯେଉଁଥିରେ ତାଙ୍କୁ ପଚରାଯାଇଥିଲା ଯେ, ସେ ଜଣେ ଉତ୍ତର ଭାରତୀୟ ହୋଇ ମହାରାଷ୍ଟ୍ରର ମନ୍ତ୍ରୀଙ୍କ ବିରୋଧରେ ଏପରି ସମାଲୋଚନା କିପରି କରୁଛନ୍ତି ଏବଂ ସେଥିରେ ସେ ଉତ୍ତର ଦେଇଥିଲେ ଯେ, ଯେହେତୁ ସେ ଭାରତୀୟ ସେ କୌଣସି ଭିନ୍ନତା ଅନୁଭବ କରୁନାହାନ୍ତି। ଏହାପରେ ତାଙ୍କ ବିରୋଧରେ ଆଇପିସି ଦଫା-୧୫୩(ଏ) (କୌଣସି ଧର୍ମ, ସମ୍ପ୍ରଦାୟ, ଜନ୍ମ ସ୍ଥାନ, ଭାଷାକୁ ନେଇ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ମନୋଭାବ ସୃଷ୍ଟି କରିବା), ୪୯୯(ମାନହାନୀ) ଏବଂ ୫୦୫(ସର୍ବସାଧାରଣରେ ସମ୍ମାନହାନୀ ଭଳି ମନ୍ତବ୍ୟ ଦେବା)ରେ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ସରକାରୀ ଓକିଲ ଜେ.ପି. ୟାଗ୍ନିକ କୋର୍ଟରେ କହିଥିଲେ ଯେ, ହୋଲିଙ୍କୁ ପୋଲିସ ଏବଂ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହିବାକୁ ନୋଟିସ୍ ଜାରି କରାଯାଇଥିଲେ ସୁଦ୍ଧା ହାଜର ହୋଇ ନ ଥିଲେ କିମ୍ବା ତଦନ୍ତରେ ସହଯୋଗ କରୁନାହାନ୍ତି। ଅପରପକ୍ଷରେ ହୋଲିଙ୍କ ଓକିଲ ଚନ୍ଦ୍ରଚୁଡ଼ କହିଥିଲେ ଯେ, ସେ ଗିରଫକୁ ଭୟ କରି ପୋଲିସ ନିକଟରେ ହାଜର ହୋଇ ନ ଥିଲେ। ଉକ୍ତ ମାମଲାର ବିଚାର କରି ଅଦାଲତ ହୋଲିଙ୍କୁ ୨ ସପ୍ତାହ ପର୍ଯ୍ୟନ୍ତ ଗିରଫ ନ କରିବାକୁ ପୋଲିସ ଏବଂ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଆଇନ୍‌ଜୀବୀ ଚନ୍ଦ୍ରଚୁଡ଼ ଅଦାଲତରେ କହିଛନ୍ତି ଯେ, ହୋଲିଙ୍କ ଟୁଇଟ୍‌କୁ ନେଇ ଏବେ ରାଜନୀତି କରାଯାଉଛି। ତାଙ୍କର ବାକ୍ ସ୍ୱାଧୀନତା ଉପରେ ଜାଣିଶୁଣି ଅଙ୍କୁଶ ଲଗାଯାଉଛି। ଏହାର ଉତ୍ତରରେ ଅଦାଲତ କହିଥିଲେ ଯେ, ବେଳେବେଳେ ନାଗରିକମାନେ ଭାବୁଛନ୍ତି ଯେ, ବାକ୍ ସ୍ୱାଧୀନତା ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଟେ। ସେମାନେ ଭୁଲି ଯାଉଛନ୍ତି ଯେ, ବାକ୍ ସ୍ୱାଧୀନତାରେ ମଧ୍ୟ କିଛି କଟକଣା ରହିଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

## କୋଭାକ୍ସିନ୍ ଟିକା ପ୍ରାଣୀଙ୍କଠାରେ ପରୀକ୍ଷଣ ସଫଳ

ନୂଆଦିଲ୍ଲୀ,୧୨।୯




ଦେଶରେ କରୋନା ସ୍ଥିତି ସାଂଘାତିକ ହେଉଥିଲାବେଳେ କରୋନା ଟିକା ପରୀକ୍ଷଣକୁ ନେଇ ଏକ ଆଶ୍ୱସ୍ତିକର ଖବର ଆସିଛି। ହାଇଦ୍ରାବାଦ୍‌ସ୍ଥିତ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍ କରୋନା ଟିକା ପରୀକ୍ଷଣ ପ୍ରାଣୀଙ୍କଠାରେ ସଫଳ ହୋଇଛି। ଏ ନେଇ ଭାରତ ବାୟୋଟେକ ପକ୍ଷରୁ ଘୋଷଣା କରାଯାଇଛି। ଏହାର ପରୀକ୍ଷଣ ବେଶ୍ ଉତ୍ସାହ ଜନକ ରହିଥିବା କୁହାଯାଇଛି। ଏବେ ଏହି ଟିକାକୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ପାଇଁ ଅନୁମତି ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୨୦ଟି ମାଙ୍କଡଙ୍କୁ ନେଇ ୪ଟି ଗ୍ରୁପ ଜରିଆରେ ଏହି ପରୀକ୍ଷଣ ହୋଇଥିଲା। ଗୋଟିଏ ଦଳର ପ୍ଲାସେବୋକୁ ଯାଞ୍ଚ କରାଯାଇଥିଲା। ଅନ୍ୟ ୩ ଗ୍ରୁପ୍‌ଙ୍କ ଉପରେ ୧୪ ଦିନ ମଧ୍ୟରେ ୩ ପ୍ରକାର ଭିନ୍ନ ଭିନ୍ନ ଟିକା ଦିଆଯାଇଥିଲା। ୧୪ ଦିନ ପରେ ଦ୍ୱିତୀୟ ଡୋଜ୍ ଦିଆଯାଇଥିଲା। ଯେଉଁ ମାଙ୍କଡ଼ଙ୍କୁ ଟିକା ଦିଆଯାଇଥିଲା ସେମାନଙ୍କ ଶରୀରରେ କରୋନା ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥିଲା। ହିଷ୍ଟୋପାଥୋଲୋଜିକାଲ ପରୀକ୍ଷାରେ ସେମାନଙ୍କଠାରେ ନିମୋନିଆର କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ଭାରତୀୟ ଭେଷଜ ଗବେଷଣ ପରିଷଦ (ଆଇସିଏମ୍‌ଆର୍) ରିପୋର୍ଟ ଅନୁସାରେ, ଦେଶରେ ୩ଟି ଟୀକାର ପରୀକ୍ଷଣ କରାଯାଉଛି। ସିରମ୍ ଇନଷ୍ଟିଚ୍ୟୁଟ୍‌ର ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଭାଗ ଏବଂ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଅଧାରୁ ବନ୍ଦ ରହିଛି। ଏବେ ଭାରତ ବାୟୋଟେକ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ ହେବ। ସେହିପରି ଜେଡସ୍ କେଡ଼ିଲାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣରେ ୫୦ ଜଣଙ୍କଠାରେ ଟିକାର ପ୍ରୟୋଗ କରାଯାଇଛି।

## ଅନୁରାଧା ପୋଡୱାଲଙ୍କ ପୁଅ ଆଦିତ୍ୟଙ୍କ ଅକାଳ ମୃତ୍ୟୁ


ଆଦିତ୍ୟ

ମୁମ୍ବାଇ,୧୨।୯: ବଲିଉଡ ଗାୟିକା ଅନୁରାଧା ପୋଡୱାଲଙ୍କ ପୁଅ ଆଦିତ୍ୟଙ୍କ ଶନିବାର ୩୫ ବର୍ଷ ବୟସରେ ମୃତ୍ୟୁ ଘଟିଛି। କିଛିଦିନ ହେବ ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ବଲିଉଡ ଗାୟକ ଶଙ୍କର ମହାଦେବନ ପ୍ରଥମେ ଟୁଇଟ୍ କରି ଜଣାଇଥିବା ବେଳେ ଅନୁରାଧାଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ଟିକା ନ ଆସିବା ପର୍ଯ୍ୟନ୍ତ କୋହଳ ହେବନି କଟକଣା

ନୂଆଦିଲ୍ଲୀ, ୧୨।୯

ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକ୍ରମଣରୁ ଦୂରେଇ ରହିବା ପାଇଁ ଘୋଷଣା କରାଯାଇଥିବା ମାର୍ଗଦର୍ଶିକା ପାଳନ କରିବା ଲାଗି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଯେ ପର୍ଯ୍ୟନ୍ତ ଟିକା ଆସିନି ସେ ପର୍ଯ୍ୟନ୍ତ କଟକଣା କୋହଳ ହେବନି ବୋଲି ମୋଦି କହିଛନ୍ତି। ସାମାଜିକ ଦୂରତା ବଜାୟ ରଖିବା ସହିତ ମାସ୍କ ପିନ୍ଧିବା ଉପରେ ମୋଦି ଗୁରୁତ୍ୱାରୋପ କରିଥିବାବେଳେ ଟିକା ନ ଆସିବା ପର୍ଯ୍ୟନ୍ତ ଅତିରିକ୍ତ ସାବଧାନତା ଅବଲମ୍ବନ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ଦେଶରେ କରୋନା ମହାମାରୀକୁ ହରାଇବା ଲାଗି ମାର୍ଗଦର୍ଶିକା ପାଳନ କରିବା ଅପରିହାର୍ଯ୍ୟ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଗୃହ ଯୋଜନା ଅନ୍ତର୍ଗତ ମଧ୍ୟପ୍ରଦେଶରେ ଗରିବଙ୍କ ପାଇଁ 'ଗୃହ ପ୍ରବେଶ' କାର୍ଯ୍ୟକ୍ରମର ଲୋକାର୍ପଣ ଅବସରରେ ଭିଡିଓ କନ୍‌ଫରେନ୍ସିଂରେ ମୋଦି ଏଭଳି କହିଛନ୍ତି।


ନରେନ୍ଦ୍ର ମୋଦି

## ୫ ଯୁବକଙ୍କୁ ଛାଡ଼ିଲା ଚାଇନା

ନୂଆଦିଲ୍ଲୀ,୧୨।୯

ସେପ୍ଟେମ୍ବର ୪ରୁ ଅରୁଣାଚଳ ପ୍ରଦେଶର ନିଖୋଜ ଥିବା ୫ ଯୁବକ ଶନିବାର ଭାରତ ଫେରିଛନ୍ତି। ଏହା ଭାରତର କୁଟନୈତିକ ସଫଳତା ବୋଲି କୁହାଯାଉଛି। ଶନିବାର ଚାଇନା ସୈନ୍ୟ ସେମାନଙ୍କୁ କିବିତୁ ସୀମା ନିକଟରେ ଥିବା ୱାଛାଠାରେ ଭାରତୀୟ ଯବାନଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ କେନ୍ଦ୍ରୀୟ ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ଟୁଇଟ୍ କରି ସୂଚନା ଦେଇଛନ୍ତି। କରୋନା ମାର୍ଗଦର୍ଶିକା ଅନୁସାରେ ସେମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଛି।

ଯୁବକମାନଙ୍କୁ ଚାଇନା ସୈନ୍ୟ ଅପହରଣ କରି ନେଇଥିବା ସମ୍ପର୍କରେ କଂଗ୍ରେସ ବିଧାୟକ ନନୋଙ୍ଗ୍ ଏରିଙ୍ଗ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟୁଇଟ୍ କରି ଜଣାଇଥିଲେ। ରାଜ୍ୟର ସୀମାବର୍ତ୍ତୀ ଉପର ସୁବନସିରି ଜିଲାରୁ ଯୁବକମାନଙ୍କୁ ଉଠାଇ ନିଆଯାଇଥିଲା। ତନୁ ବାକାର, ପ୍ରଶାତ ରିଙ୍ଗ୍‌ଲିଙ୍ଗ୍, ନଗାରୁ ଦିରି, ଡୋଙ୍ଗତୁ ଇବିୟା ଏବଂ ତୋଚ୍ ଇଙ୍ଗକାମ୍ ମାଛ ଧରୁଥିବାବେଳେ ସେମାନଙ୍କୁ ଅପହରଣ କରାଯାଇଥିଲା। ଅନ୍ୟପକ୍ଷରେ ସେମାନେ ଶିକାର କରିବାକୁ ଯାଇଥିବାବେଳେ ସୀମାନ୍ତ ଅଞ୍ଚଳ ଜାଣି ନ ପାରି ଘଞ୍ଚ ଜଙ୍ଗଲକୁ ପ୍ରବେଶ କରିଯାଇଥିବାରୁ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି(ପିଏଲଏ) ସେମାନଙ୍କୁ ଉଠାଇ ନେଇଥିବା କୁହାଯାଇଛି। ଚାଇନା ଗଣମାଧ୍ୟମ ସଂସ୍ଥା ସମ୍ପୃକ୍ତ ଯୁବକଙ୍କୁ ଗୁପ୍ତଚର ବୋଲି କହିଛି।



ତେବେ ଏନେଇ ଚାଇନା ସେନା ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ସୂଚନାଯୋଗ୍ୟ, ଏହା ପୂର୍ବରୁ ମାର୍ଚ୍ଚରେ ଜଣେ ଯୁବକଙ୍କୁ ଚାଇନା ସୈନ୍ୟ ଅପହରଣ କରି ନେଇଥିଲେ। ସେ ୧୯ ଦିନ ପରେ ଘରକୁ ଫେରିଥିଲେ।

# ଫୁର୍‌ସତ୍

## ଶୁଟିଂ ସେଟ୍‌କୁ ଫେରିଲେ ଦିଶା


ଦିଶା ପଟାନି

**ମୁମ୍ବାଇ:** ବେଶ୍ କିଛିଦିନ ହେବ କରୋନା ପାଇଁ ବଲିଉଡ୍‌ରେ ଶୁଟିଂ ବନ୍ଦ ରହିଥିଲା। ପ୍ରାୟ ସମସ୍ତ ସେଲିବ୍ରିଟି ଘରେ ପରିବାର ସହ କ୍ୱାଲିଟି ଟାଇମ ସ୍ପେଣ୍ଡ କରୁଥିଲେ। ଏବେ କିଛି ଫିଲ୍ମର ଶୁଟିଂ ଆରମ୍ଭ ହୋଇଥିବା ବେଳେ ଶୁଟିଂ ସେଟ୍‌କୁ ଫେରି କଳାକାରମାନେ ନିଜର ଖୁସି ପ୍ରକାଶ କରିଛନ୍ତି। ରକୁଲପ୍ରିତ ସିଂ ଓ ଅର୍ଜୁନ କପୁରଙ୍କ ପରେ ଏବେ ବଲିଉଡ୍ ନାୟିକା ଦିଶା ପଟାନି ନିଜ କାମକୁ ଅର୍ଥାତ୍ ଶୁଟିଂ ସେଟକୁ ଫେରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଏବେ ସୋସିଆଲ ମିଡିଆରେ ସେ ଏକ ଭିଡିଓ ଶେୟାର କରି ଲେଖିଛନ୍ତି ଶେଷରେ ମୁଁ ଫେରିଲି। ଭିଡିଓରେ ସେ ତାଙ୍କ ଭ୍ୟାନିଟି ଭ୍ୟାନରେ ବସିଥିବା ପରି ଲାଗୁଛି। ତାଙ୍କୁ ମେକଅପ ଦେବାଲାଗି ୨ ଯୁବତୀ ମାସ୍କ ପିନ୍ଧି ତାଙ୍କ ନିକଟରେ ଠିଆ ହୋଇଥିବା ଦେଖାଯାଇଛି। ତେବେ ଦିଶା କେଉଁ ଫିଲ୍ମ ପାଇଁ ଶୁଟିଂ ଆରମ୍ଭ କରିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସେ ଶେୟାର କରିଥିବା ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦିଶା ବଲିଉଡ ନାୟକ ଟାଇଗରଙ୍କ ସହ ରିଲେସନଶିପରେ ଥିବା ଆଲୋଚନା ହେଉଥିବା ବେଳେ ଲକ୍‌ଡାଉନ ସମୟରେ ସେ ଟାଇଗରଙ୍କ ମା' ଓ ଭଉଣୀଙ୍କ ସହ ସମୟ କାଟୁଥିବା ସୋସିଆଲ ମିଡିଆରେ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ଏମିତିକି ଟାଇଗରଙ୍କ ଭଉଣୀ କ୍ରିଷ୍ଣାଙ୍କ ଜନ୍ମଦିନରେ ମଧ୍ୟ ଦିଶା ସେମାନଙ୍କ ସହ ନଜର ଆସିଥିଲେ।

## ଆମେରିକୀୟଙ୍କୁ ନିଶାସକ୍ତ କରିଥିଲା ୯/୧୧

ମାନବ ଇତିହାସରେ କଳାଦିବସ ୯/୧୧। ଏହିଦିନ ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ର ଆମେରିକାକୁ ନାଲିଆଖି ଦେଖାଇଥିଲେ ଆତଙ୍କବାଦୀ। ଆତଙ୍କବାଦୀ ସଙ୍ଗଠନ ଅଲ୍‌କାଏଦା ପକ୍ଷରୁ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର) ଉପରେ କରାଯାଇଥିବା ବିମାନ ଆକ୍ରମଣରେ ସ୍ତବ୍ଧ ହୋଇଯାଇଥିଲା ସାରା ବିଶ୍ୱ। ଏହି ଘଟଣା ଆମେରିକୀୟଙ୍କ ମନରେ ସୃଷ୍ଟି କରିଥିଲା ଭୟ ଏବଂ ଆତଙ୍କ। ଘଟଣା ପରେ ଦୁଃଖକୁ ଭୁଲିବା ପାଇଁ ଆମେରିକୀୟ ନିଶାକୁ ନିଜର କରିନେଇଥିଲେ। ଏପରି କି କେବେ ଗୀର୍ଜା ଯାଉ ନ ଥିବା ଲୋକେ ଗିର୍ଜାଘରକୁ ଯାଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଆରମ୍ଭ କରିଦେଇଥିଲେ।

୨୦୦୧ ସେପ୍ଟେମ୍ବର ୧୧ ଆତଙ୍କବାଦୀ ଆକ୍ରମଣର ସ୍ମୃତି ଆଜି ବି ସେତିକି ତାଜା। ଘଟଣାକୁ ୧୯ ବର୍ଷ ବିତିଯାଇଥିଲେ ବି ଏବେ ମଧ୍ୟ ଏହି ଲୋମଟାଙ୍କୁରା ଅଧ୍ୟାୟକୁ ମନେରଖିଛି ସାରା ବିଶ୍ୱ। ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନ ଅଲ୍‌କାଏଦା ପକ୍ଷରୁ ଆମେରିକାସ୍ଥିତ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ପେଗନ୍ ଏବଂ ପେନ୍‌ସିଲଭାନିଆ ଉପରେ କରାଯାଇଥିବା ସିରିଜ ଆକ୍ରମଣ ଯେତିକି ବର୍ବର ଥିଲା, ସେତିକି ଦୁଃଖଦ ଥିଲା ଏହାର ପରିଣାମ। ସେଦିନର ଆମେରିକାର ଶାନ୍ତ ସକାଳ ନିମିଷକ ମଧ୍ୟରେ ହୋଇପଡ଼ିଥିଲା ଥରହର। ନିରୀହଙ୍କ ରକ୍ତରେ ଭିଜିଯାଇଥିଲା ସହର ରାସ୍ତା। ଆତଙ୍କବାଦୀଙ୍କ ଏହି ବର୍ବରୋଚିତ ଆକ୍ରମଣରେ ୩୦୫୦ରୁ ଊର୍ଦ୍ଧ୍ୱ ଶିଶୁ ହରାଇଥିଲେ ନିଜର ମାତାପିତାଙ୍କୁ।

ଏହି ଆକ୍ରମଣର ପ୍ରଭାବ ଲମ୍ବା ସମୟ ଧରି ରହିଥିଲା ଆମେରିକାବାସୀଙ୍କ ମନରେ। ଘଟଣାର ପ୍ରତ୍ୟକ୍ଷଦର୍ଶୀ ଏବଂ ପ୍ରଭାବିତଙ୍କୁ ପୁଣିଥରେ ସ୍ୱାଭାବିକ ହେବାକୁ ଲାଗିଯାଇଥିଲା ଦୀର୍ଘବର୍ଷ। ବଦଳିଯାଇଥିଲା ଆପଣାର ମଣିଷଙ୍କୁ ହରାଇଥିବା ଲୋକଙ୍କ ଜୀବନ। ହତାଶ, ମାନସିକଚାପ ଏବଂ ନିରାଶା ମଧ୍ୟରେ ଅନେକେ ମଦ, ଗଞ୍ଜେଇ, ତମାଖୁ ଭଳି ନିଶା କବଳରେ ପଡ଼ିଯାଇଥିଲେ।

ଏକ ଅଧ୍ୟୟନ ଅନୁଯାୟୀ, ଘଟଣା ପରେ ମାନ୍‌ହାଟାନ୍ ସହରରେ ମଦର ଚାହିଦା ୨୫% ବଢ଼ିଯାଇଥିଲା। ସେହିପରି ତମାଖୁ ସେବନ ୧୦% ଏବଂ ଗଞ୍ଜେଇ ସେବନ ୩.୨% ଯାଏ ବୃଦ୍ଧି ଘଟିଥିଲା। ଆମେରିକା ଇତିହାସରେ ୯/୧୧ ଥିଲା ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ। ଏହା ରାଷ୍ଟ୍ରର ଲୋକଙ୍କ ମାନସିକତାକୁ ଏପରି ପ୍ରଭାବିତ କରିଥିଲା ଯେ, ଲୋକମାନେ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ନିଶାକୁ ନିଜର କରିନେଇଥିଲେ।

### ବଢ଼ିଯାଇଥିଲା ଈଶ୍ୱର ବିଶ୍ୱାସ

କୁହାଯାଏ ଭୟରୁ ଭକ୍ତିର ସୃଷ୍ଟି। କେଉଁ ଆବହମାନକାଳରୁ ଏହି ଚିରାଚରିତ ମାନସିକତା ମାନବ ସଭ୍ୟତା ମଧ୍ୟରେ ରହିଆସିଛି। ବିଶ୍ୱ ବାଣିଜ୍ୟ ସଙ୍ଗଠନ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଆମେରିକାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏପରି ଏକ ଘଟଣା ପାଇଁ ପ୍ରସ୍ତୁତ ନ ଥିବା ଆମେରିକୀୟମାନଙ୍କ ମଧ୍ୟରେ ହଠାତ୍ ବଢ଼ିଯାଇଥିଲା ଈଶ୍ୱର ବିଶ୍ୱାସ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ୯/୧୧ ଆକ୍ରମଣ ପରେ ଆମେରିକାର ଚର୍ଚ୍ଚରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଚର୍ଚ୍ଚ ଯାଉଥିବା ଲୋକମାନଙ୍କ ସଂଖ୍ୟାରେ ହଠାତ୍ ୨୦% ବୃଦ୍ଧି ଘଟିଥିଲା। କେବଳ ଏତିକି ନୁହେଁ, ଗିର୍ଜାଘରେ ଆକ୍ରମଣରେ ମୃତକଙ୍କ ଆତ୍ମାର ସଦ୍‌ଗତି ଲାଗି ସାମୂହିକ ପ୍ରାର୍ଥନାର ଆୟୋଜନ କରାଯାଇଥିଲା। ଏହି ଘଟଣାକୁ ଭୁଲି ପୁଣି ଥରେ ନୂଆ ଜୀବନ ଆରମ୍ଭ କରିବାକୁ ଅନେକେ ପ୍ରାର୍ଥନା ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା।

## ଅନ୍‌ଲାଇନ୍ ଦୁର୍ଗାପୂଜା



ନୂଆଦିଲ୍ଲୀ: କରୋନା ଭାଇରସ୍ ସଂକ୍ରମଣଠାରୁ ରକ୍ଷା କରି ନୀରୋଗ ଓ ସୁସ୍ଥ ରଖିବେ ମା' ଦୁର୍ଗା। ଏଥିପାଇଁ ଏବେ ଅନ୍‌ଲାଇନ୍‌ରେ ଆରମ୍ଭ ହୋଇଛି 'କରୋନା ରିଲିଫ୍ ପୂଜା'। ଯେଉଁମାନେ କରୋନା ଭାଇରସ୍ ପ୍ରକୋପରୁ ରକ୍ଷା ପାଇବାକୁ ଚାହୁଁଛନ୍ତି ସେମାନେ ମାଆ ଦୁର୍ଗାଙ୍କ ଶରଣାପନ୍ନ ହୋଇ ପୂଜା ନିମନ୍ତେ ରେଜିଷ୍ଟ୍ରେସନ୍ କରିପାରିବେ। ଏବେ ସୋସିଆଲ ମିଡିଆରେ ଏମିତି ସୁଯୋଗ ଦେଉଛନ୍ତି କିଛି ପୂଜା ଅନୁଷ୍ଠାନ। କରୋନା ଭାଇରସ୍ ସଂକ୍ରମଣ ପାଇଁ ଏଥର କେଉଁଠାରେ ବି ଦୁର୍ଗାପୂଜାର ଉତ୍ସାହ ନାହିଁ। କେଉଁଠି କିଭଳିଭାବେ ମା' ଦୁର୍ଗାଙ୍କର ପୂଜା କରାଯିବ ସେନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ନାହିଁ। ହେଲେ ଶ୍ରଦ୍ଧାଳୁମାନେ ଅନ୍‌ଲାଇନ୍‌ରେ ମା'ଙ୍କର ପୂଜା କରିପାରିବେ। ଶକ୍ତିପୀଠ ଡିଜିଟାଲ ନାମରେ ଏକ ଇନଷ୍ଟାଗ୍ରାମ ପେଜରେ ଏଭଳି ଏକ ସୂଚନା ଏବେ ଦେଖିବାକୁ ମିଳୁଛି। ଏଥିରେ କୁହାଯାଇଛି କି ଦୁର୍ଗା ସପ୍ତଶତୀ ପାଠ ହେଉଛି ଏକ ପ୍ରଭାବଶାଳୀ ପୂଜା। ତେଣୁ ଏହି ପୂଜା କଲେ ମା' ଦୁର୍ଗା ହିଁ ସମସ୍ତ ଦୁଷ୍ଟ ଶକ୍ତିର ବିନାଶ କରିବେ। ତାଙ୍କର ଆଶୀର୍ବାଦ ରହିଲେ ସମସ୍ତେ ସ୍ୱାସ୍ଥ୍ୟ, ସମ୍ପଦ ଲାଭ କରିବା ସହିତ ସମସ୍ତ ପ୍ରକାରର ନକାରାତ୍ମକ ଶକ୍ତି ଉପରେ ବିଜୟ ପ୍ରାପ୍ତ କରିବେ। ୱେବସାଇଟ୍‌ର ସୂଚନା ଅନୁସାରେ ଏହି ଅନ୍‌ଲାଇନ୍ ପୂଜା ନିମନ୍ତେ ପ୍ରାୟ ୨୧୦୦ ଟଙ୍କା ସହିତ ଅଧିକ ୧୮ ପ୍ରତିଶତ ଜିଏସ୍‌ଟି ଖର୍ଚ୍ଚ କରିବାକୁ ପଡ଼ିବ। ତେଣୁ କୋଭିଡ୍-୧୯ ମହାମାରୀରୁ ରକ୍ଷା ନିମନ୍ତେ ମା' ଦୁର୍ଗାଙ୍କ ଅନ୍‌ଲାଇନ୍ ପୂଜା ହିଁ ବେଶ୍ ଫଳପ୍ରଦ ହୋଇପାରିବ।

କିଛିଦିନ ତଳେ କରୋନାରୁ ମୁକ୍ତ କରିବା ପାଇଁ ଏକ ବିଶେଷ ପ୍ରକାରର ମିଠା ଦୋକାନ ସମ୍ପର୍କରେ ଖବର ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। କାରଣ ଏହି ବିଶେଷ ପ୍ରକାରର ମିଠାଟି ତୁଳସୀ, ହଳଦୀ, ଗୁଜୁରାତି, ଜାଇଫଳ, ଅଦା ଆଦି ବିଭିନ୍ନ ପ୍ରକାରର ପ୍ରାକୃତିକ ଜିନିଷରେ ତିଆରି ହୋଇଥିବାରୁ କରୋନା ଭାଇରସ୍‌ଠାରୁ ରକ୍ଷା କରିପାରିବ ବୋଲି ମିଠା ଦୋକାନୀ ଦାବି କରିଥିଲେ।

## ଗିରଫ କରିଥିବା ପୋଲିସକୁ କିଡ୍‌ନୀ ଦେଲେ ମହିଳା

**ମୋଣ୍ଟଗୋମେରୀ:** ଆପରାଧିକ ମାମଲାରେ ଯେଉଁ ପୋଲିସ ଅଧିକାରୀ ଗିରଫ କରିଥିଲେ ତାଙ୍କ ପ୍ରତି ଜଣେ ମହିଳା ଦୟା ଦେଖାଇଛନ୍ତି। ମହିଳା ଜଣକ ନିଜ କିଡ୍‌ନୀ ପୋଲିସ ଅଧିକାରୀଙ୍କୁ ଦେଇଛନ୍ତି। ଏଭଳି ଘଟଣା ଆମେରିକାର ଦକ୍ଷିଣ ପଶ୍ଚିମ ରାଜ୍ୟ ଆଲବାମାରେ ଘଟିଛି। ୪୦ ବର୍ଷ ବୟସ୍କା ମହିଳା ଜୋସେଲାୟନ୍ ଜେମ୍ସ ଡ୍ରଗ୍ସ ଚୋରା କାରବାର ମାମଲାରେ ଗିରଫ ହେଇଛନ୍ତି। ତାଙ୍କୁ ବହୁଥର ପୋଲିସ ଅଧିକାରୀ ଟେରେଲ ପୋଟର ଗିରଫ କରିଥିଲେ। ତେବେ ପୋଟରଙ୍କ କିଡ୍‌ନୀ ଅକାମୀ ହୋଇଯାଇଥିବା ଖବର ପାଇ ଜୋସେଲାୟନ୍ ହସ୍ପିଟାଲରେ ପହଞ୍ଚି ନିଜ କିଡ୍‌ନୀ ଦାନ କରିଛନ୍ତି। ଫକ୍ସ ନିୟୁଜ୍ ଅନୁସାରେ ୨୦୦୭ରୁ ୨୦୧୨ ମଧ୍ୟରେ ଜୋସେଲାୟନ୍ ୧୬ ଥର ଗିରଫ ହୋଇଥିଲେ। ବର୍ଷେ ତଳେ ଜୋସେଲାୟନ୍‌ଙ୍କୁ ପୋଟର ଗିରଫ କରିଥିଲେ। ଜୋସେଲାୟନ୍‌ଙ୍କୁ ୬ ମାସ କାରାଦଣ୍ଡାଦେଶ ହୋଇଥିଲା। ଏବେ ଜୋସେଲାୟନ୍‌ଙ୍କ ମାନବିକତା ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୭୮୮,୯୨୨ | ୯,୨୧,୮୭୯ | ୨୦,୬୭୫,୬୬୯ |
| ଭାରତ | ୪୭,୧୩,୧୧୨ | ୭୮,୦୩୧ | ୩୬,୭୦,୧୮୭ |
| ଓଡ଼ିଶା | ୧,୪୬,୮୯୪ | ୬୧୬(+୫୩) | ୧,୧୫,୨୭୯ |

ଶନିବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଝିକାଙ୍କ ପରଲୋକ

### ନିଜ ଗାଁ ସୁବେଇରେ ସରିଲା ଶୋକକୃତ୍ୟ

**ଗୁଣପୁର,୧୨।୯(ଡି.ଏନ୍.ଏ):** ରାୟଗଡା ଜିଲା ଗୁଣପୁରର ପୂର୍ବତନ ବିଧାୟକ ତଥା ଭାଜପା ନେତା ରାମମୂର୍ତ୍ତି ମୁଝିକାଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ଶନିବାର ତାଙ୍କ ଦେହ ହଠାତ୍ ଖରାପ ହେବାରୁ ସେ



ସକାଳେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ମଧୁମେହରେ ପୀଡିତ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଆନ୍ଧ୍ର ଶ୍ରୀକାକୁଲମ୍‌ର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ପହଁଞ୍ଚିବା ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ରାମମୂର୍ତ୍ତି ୨ଥର ରାମନାଗୁଡା ବ୍ଲକ ଅଧକ୍ଷ ଥିଲେ। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଜେଡିରୁ ପ୍ରାର୍ଥୀ ହୋଇ ସେ ଗୁଣପୁର ନିର୍ବାଚନମଣ୍ଡଳୀର ବିଧାୟକ ହୋଇଥିଲେ। ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ଜିଲା ସଭାପତି ଦାୟିତ୍ୱ ମଧ ସେ ତୁଲାଇଥିଲେ। ରାମମୂର୍ତ୍ତିଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ବିଭିନ୍ନ ମହଲରୁ ସମବେଦନାର ସୁଅ ଛୁଟିଛି। ତାଙ୍କ ମୃତଦେହକୁ ନିଜ ଗାଁ ସୁବେଇକୁ ଅପରାହ୍ନ ୩.୩୦ରେ ଅଣାଯାଇଥିଲା। ସେଠାରେ ତାଙ୍କର ଶହଶହ ସମର୍ଥକଙ୍କ ଉପସ୍ଥିତିରେ ଶୋକକୃତ୍ୟ ସମ୍ପନ୍ନ ହୋଇଥିଲା।

### ବିଧାୟକ ଶଶି ବେହେରା, ସରୋଜ ମେହେରଙ୍କୁ କରୋନା






ଶଶିଭୂଷଣ ବେହେରା ଓ ସରୋଜ ମେହେର

**ଭୁବନେଶ୍ୱର ୧୨।୯(ବ୍ୟୁରୋ):** ଜଣଙ୍କ ପରେ ଜଣେ ବିଧାୟକ, ମନ୍ତ୍ରୀ ଏବଂ ଏମ୍‌ପି ବର୍ତ୍ତମାନ କରୋନାରେ ସଂକ୍ରମିତ ହେବାରେ ଲାଗିଛନ୍ତି। ଶୁକ୍ରବାର ୨ ଜଣ ମନ୍ତ୍ରୀଙ୍କୁ କରୋନା ହୋଇଥିବା ବେଳେ ଶନିବାର କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା କୋଭିଡ-୧୯ ସଂକ୍ରମିତ ହୋଇଛନ୍ତି। ଏନେଇ ସେ ଟୁଇଟ୍ କରି ସୂଚନା ଦେଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାଇଛନ୍ତି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସମସ୍ତଙ୍କୁ କୋଭିଡ-୧୯ ପରୀକ୍ଷା କରାଇ ନେବା ଲାଗି ସେ କହିଛନ୍ତି। ପାଟଣାଗଡ ବିଧାୟକ ସରୋଜ କୁମାର ବେହେରାଙ୍କ କରୋନା ପଜେଟିଭ ରିପୋର୍ଟ ଆସିଛି। ହେଲେ ତାଙ୍କର କୌଣସି ଲକ୍ଷଣ ନ ଥିବା ସେ ଜଣାଇଛନ୍ତି। ଶନିବାର ସେ ଟୁଇଟ୍ କରି ସୂଚନା ଦେଇଛନ୍ତି ଯେ, ତାଙ୍କର କରୋନା ଟେଷ୍ଟ ରିପୋର୍ଟ ପଜେଟିଭ ଆସିଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି। ସେ ସୁସ୍ଥ ଥିବାବେଳେ ଗତ କିଛିଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ କରୋନା ପରୀକ୍ଷା କରାଇ ନେବା ପାଇଁ ସେ ଅନୁରୋଧ କରିଛନ୍ତି।

### କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାରଙ୍କୁ କରୋନା

**ଭୁବନେଶ୍ୱର ୧୨।୯(ବ୍ୟୁରୋ):** ଓଡିଶା ନୂତନ ପ୍ରଭାରୀ ଚେଲ୍ଲା କୁମାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ତାଙ୍କର କୋଭିଡ-୧୯ ପରୀକ୍ଷାରେ ପଜିଟିଭ ଆସିଛି। ଯେଉଁମାନେ କିଛିଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସମସ୍ତଙ୍କୁ ନିଜ ସୁରକ୍ଷା ଦୃଷ୍ଟିରୁ



କରୋନା ପରୀକ୍ଷା କରାଇ ନେବାକୁ ସେ ଅନୁରୋଧ କରିଛନ୍ତି। ତାମିଲନାଡୁ ନେତା ତଥା ଲୋକସଭା ଏମ୍‌ପି ଚେଲ୍ଲା କୁମାରଙ୍କୁ ଶୁକ୍ରବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଓଡିଶା ପ୍ରଭାରୀ ଭାବେ ନିଯୁକ୍ତି କରାଯାଇଛି।

# ରାଜ୍ୟରେ ଲାଗୁ ହେଉ ଆୟୁଷ୍ମାନ୍ ଭାରତ

## ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ(ଏନ୍‌ଡିଏଚ୍‌ଏମ୍) ଏବଂ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏହି ଯୋଜନାଗୁଡିକ ରାଜ୍ୟବାସୀଙ୍କ ଜୀବନରେ ଉନ୍ନତି ଆଣିବ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀର ଲାଲକିଲ୍ଲାରୁ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଶୁଭାରମ୍ଭ କରିଥିଲେ। ଏହି ମିଶନ ଟେକ୍ନୋଲୋଜି ମାଧ୍ୟମରେ ରାଜ୍ୟର ପ୍ରବାସୀଙ୍କ ସମେତ ଦେଶର ସମସ୍ତ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାରେ ସହାୟକ ହେବ। ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆଇଡି ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକ ସବୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଯଥା ମେଡିକାଲ ପରୀକ୍ଷା, ପୂର୍ବ ଔଷଧୀୟ ସୂଚୀ, ରୋଗ ନିରାକରଣ, ଚିକିତ୍ସା ଉପଚାର, ସବୁ ସ୍ୱାସ୍ଥ୍ୟସେବା ରେକର୍ଡର ସୁବିଧା ପାଇପାରିବେ।



ଧର୍ମେନ୍ଦ୍ର ପ୍ରଧାନ

ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଦିଗରେ ମଧ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଅଗ୍ରସର ହେବ ବୋଲି ସେ କହିଛନ୍ତି। କୋଭିଡ୍-୧୯ ମହାମାରୀରେ ବାହାରେ କାମ କରୁଥିବା ଲୋକମାନେ ଏହି ସାମାଜିକ କଲ୍ୟାଣକାରୀ ଯୋଜନା ପାଇବାରେ ଅସୁବିଧା ଭୋଗୁଛନ୍ତି। ଦେଶବ୍ୟାପୀ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ପରିଚୟ ପ୍ରବାସୀ ତଥା ବାହାରେ କାମ କରୁଥିବା ଲୋକଙ୍କୁ ଲାଭ ଦେବ। ଏହାଦ୍ୱାରା ସ୍ୱାସ୍ଥ୍ୟସେବା ପାଉ ନ ଥିବା ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକମାନେ ମଧ କମ୍ ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବାର ସୁବିଧା ପାଇପାରିବେ। ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ସଂସ୍ଥାକୁ ମଧ ସଶକ୍ତ କରିବ। ଏହାକୁ କେନ୍ଦ୍ରଶାସିତ ଅଞ୍ଚଳ ଯଥା ଚଣ୍ଡିଗଡ଼, ଲଦାଖ, ଦାଦ୍ରା ଏବଂ ନଗର ହାବେଳି, ଡାମନ ଏବଂ ଡିଉ, ପୁଡୁଚେରୀ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଲାକ୍ଷାଦ୍ୱୀପରେ ପାଇଲଟ୍ ମୋଡ୍‌ରେ ଲାଗୁ କରାଯାଉଛି। ଏହାଦ୍ୱାରା ଓଡ଼ିଶାର ୬୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସମେତ ଦେଶର ୫୦ କୋଟି ଲୋକଙ୍କୁ ଅନ୍ତର୍ଭୁକ୍ତ କରିବାର ଯୋଜନା ରହିଛି। ଏହାକୁ ଲାଗୁ କରାଗଲେ ଓଡ଼ିଶାର ଲୋକମାନେ ଠିକ୍ ସମୟରେ କମ୍ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

### ନଓ୍ୱଦା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

### ହିତେଶଙ୍କୁ ୩ ପୁରସ୍କାର

**ଯାଜପୁର ଅଫିସ୍, ୧୨।୯**

ବିହାରରେ ଗତ ୩୦ତାରିଖରେ ଅନୁଷ୍ଠିତ ନଓ୍ୱଦା ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଯାଜପୁର ଜିଲା ବ୍ୟାସନଗର ସହରର ହିତେଶ କୁମାରଙ୍କୁ ୩ଟି ବିଭାଗରେ ୩ ଶ୍ରେଷ୍ଠ ପୁରସ୍କାର ମିଳିଛି। ଚଳଚ୍ଚିତ୍ର 'ଜୟ ତୁ ଜୟତୁ ଭାରତମ୍' ଶ୍ରେଷ୍ଠ ମ୍ୟୁଜିକାଲ ଡକ୍ୟୁମେଣ୍ଟାରୀ ଫିଲ୍ମ, ଶ୍ରେଷ୍ଠ ଏଡିଟର ଓ ଶ୍ରେଷ୍ଠ ସିନେମାଟୋଗ୍ରାଫର ଭାବେ ପ୍ରଥମ ସ୍ଥାନ ଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଛି। ନଓ୍ୱଦା ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ନିର୍ଦ୍ଦେଶକ ତଥା ଅଭିନେତା ରାହୁଲ ବର୍ମାଙ୍କ ପ୍ରୟାସରେ ଗତ ଜୁନ୍ ୧ ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ମହୋତ୍ସବରେ ୧୫ଟି ଦେଶରୁ ୯୫୦ଟି ଚଳଚ୍ଚିତ୍ର ସାମିଲ ହୋଇଥିଲା। ତନ୍ମଧ୍ୟରୁ ୭୦ଟି ଚଳଚ୍ଚିତ୍ରକୁ ୨୧ଟି ବିଭାଗରେ ପୁରସ୍କାର ମିଳିଥିବା ବେଳେ ସେଥିରୁ ହିତେଶ ୩ଟି ପୁରସ୍କାର ଜିତିବା ସହ ଯାଜପୁର ଜିଲାକୁ ଗର୍ବିତ କରିଛନ୍ତି।

# ବଜାରରେ ମିଳିବ କରୋନା ଔଷଧ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ)**

ଏଣିକି ବଜାରରେ କରୋନା ଔଷଧ ମିଳିବ। କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ବ୍ୟବହାର ହେଉଥିବା ଫାଭିପିରାଭିର୍ ଟାବ୍‌ଲେଟ୍ ଓ ରେମ୍‌ଡେସିଭିର ଇଞ୍ଜେକ୍ସନ ବିକ୍ରି ପାଇଁ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ପକ୍ଷରୁ ଅନୁମତି ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ମଧ ଉକ୍ତ ୨ଟି ଔଷଧ ଉପଲବ୍ଧ ହେବ ବୋଲି ଡାଇରେକ୍ଟୋରେଟ୍ ଅଫ୍ ଡ୍ରଗ୍ସ କଣ୍ଟ୍ରୋଲ ଓଡ଼ିଶାଙ୍କ ପକ୍ଷରୁ ଶନିବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପ୍ରେସ୍କ୍ରିପ୍‌ଶନ ଥିଲେ ଏହି ଔଷଧଗୁଡ଼ିକ କିଣିହେବ। ତେବେ ଚିକିତ୍ସା ଆରମ୍ଭ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ଫର୍ମରେ ରୋଗୀ କିମ୍ବା ତାଙ୍କ ପ୍ରତିନିଧିଙ୍କଠାରୁ ସମ୍ମତିପତ୍ର ଆଣିବାକୁ ପଡ଼ିବ। ଏହି ଔଷଧଗୁଡ଼ିକୁ ବିକ୍ରିବେଳେ ଦୋକାନୀ ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ଶନ, ରୋଗୀଙ୍କ ସମ୍ମତି ପତ୍ର, ଔଷଧ କିଣୁଥିବା ବ୍ୟକ୍ତିଙ୍କ ବାସସ୍ଥାନ ପ୍ରମାଣପତ୍ର, ସମ୍ପୂର୍ଣ୍ଣ ଠିକଣାର ଫଟୋ କପି ରଖିବାକୁ ପଡ଼ିବ। ଏଥିସହିତ ଏହି ଔଷଧ କିଣାବିକା ସମ୍ପର୍କରେ ଔଷଧ ଦୋକାନୀ ପ୍ରତି ସପ୍ତାହରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଜଣାଇବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

**UTKAL UNIVERSITY**
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
: 0674 - 2567711 / 9438014469, 6371615706.
Website : www.citeutkal.com
e-mail : admission@citeutkal.com, centreforiteducation@gmail.com
UTKAL UNIVERSITY
NAAC-A+ Accreditation

**ADMISSION NOTICE FOR M. TECH. (IT)**

EXTENSION OF LAST DATE OF SUBMISSION OF APPLICATION FORM

In continuation with our Admission Notification published in various news papers, the last date of issue and submission of application form for admission into **M.Tech. (IT)** course program for the academic session **2020-21** is hereby extended to **10.10.2020** by **05.00 p.m.** The Entrance Test which was scheduled to be held on **19.09.2020**, is shifted to **15.10.2020**.

Chairman, P.G. Council
Utkal University

# ଅଧାରୁ ଅଧିକ ଯୁବବର୍ଗ ସଂକ୍ରମିତ

## ଆଉ ୩୭୭୭ ଚିହ୍ନଟ, ୧୧ ମୃତ

- ଖୋର୍ଦ୍ଧା ଜିଲାରେ ତୃତୀୟଥର ପାଇଁ ୮ଶହରୁ ଊର୍ଦ୍ଧ୍ୱ ପଜିଟିଭ୍
- ରାଜ୍ୟରେ ଆକ୍ରାନ୍ତ ସଂଖ୍ୟା ୧, ୪୬,୮୯୪ରେ ପହଞ୍ଚିଲା
- ଯୁବବର୍ଗ ୮୦,୭୧୧, ବୃଦ୍ଧ ୧୩ହଜାର

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଥମିବାର ନାଁ ଧରୁନି। ବିଶେଷକରି କଟକଣା କୋହଳ ହେବାଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ଉପରମୁହାଁ ରହୁଛି। ଶେଷ ୨୪ ଘଣ୍ଟାରେ ୫୦,୯୭୯ ନମୁନା ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୩,୭୭୭ ରିପୋର୍ଟ ପଜିଟିଭ୍ ଆସିଛି। ଫଳରେ ସଂକ୍ରମିତଙ୍କ ସଂଖ୍ୟା ୧,୪୬,୮୯୪ରେ ପହଞ୍ଚିଛି। ପରୀକ୍ଷା ହୋଇଥିବା ୨୩,୭୪,୬୨୦ ନମୁନାର ଏହା ହେଉଛି ମାତ୍ର ୬.୧୯%। ତେବେ ଉକ୍ତ ରିପୋର୍ଟ ଆଶ୍ୱସ୍ତି ଦେଉଥିଲେ ମଧ ସଂକ୍ରମିତଙ୍କ ମଧ୍ୟରେ ଅଧାରୁ ଅଧିକ ଯୁବବର୍ଗ ରହିବା ଚିନ୍ତା ବଢ଼ାଇଛି। ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡର ତଥ୍ୟ ଅନୁସାରେ, ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ସର୍ବାଧିକ ୮୦,୭୧୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ୪୧ରୁ ୬୦ବର୍ଷ ବୟସ ମଧ୍ୟରେ ୪୪,୮୧୯ଜଣ ରହିଥିବାବେଳେ ୬୦ବର୍ଷରୁ ଊର୍ଦ୍ଧ୍ୱ ୧୩,୦୦୦ଜଣ ଏବଂ ୦ରୁ ୧୪ବର୍ଷ ବୟସ ମଧ୍ୟରେ ୮,୩୬୪ଜଣ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩୨% ମହିଳା ଥିବାବେଳେ ୬୮% ପୁରୁଷ ରହିଛନ୍ତି।



ଅନ୍ୟପକ୍ଷରେ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲାରେ ସଂକ୍ରମଣ ସ୍ଥିତି ଉଦ୍‌ବେଗଜନକ ରହିଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୮୧୫ରହିଥିବାବେଳେ ଜିଲାରେ ତୃତୀୟ ଥର ପାଇଁ ଦୈନିକ ସଂକ୍ରମଣ ୮ଶହ ଉପରେ ରହିଛି। ଏହା ପୂର୍ବରୁ ଗତ ୪ ତାରିଖରେ ୮୫୯ ଓ ୫ ତାରିଖରେ ୮୭୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାସହ ଆଉ ୧୩ ଜିଲାରେ ନୂଆ ସଂକ୍ରମଣ ଶହେ ଉପରେ ରହିଛି। କଟକ ୩୬୮, ପୁରୀ ୨୩୭, ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ାରୁ ୧୪୮ଜଣ ଲେଖାଏ, ବରଗଡ଼ ୧୩୯, ଯାଜପୁର ୧୩୦, ବାଲେଶ୍ୱର ୧୨୭, ସମ୍ବଲପୁର ୧୧୨, ଅନୁଗୋଳ ୧୧୫, ନବରଙ୍ଗପୁର୧୦୭, ଓ ଜଗତ୍‌ସିଂହପୁରରୁ ୧୦୦ଜଣ ରହିଛନ୍ତି। ସେପଟେ କରୋନାରେ ଆଉ ୧୧ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଟକରୁ ୩ଜଣ ଥିବାବେଳେ ଭୁବନେଶ୍ୱରରୁ ୨, ବଲାଙ୍ଗୀର, ରାୟଗଡ଼ା, ନୟାଗଡ଼, ଯାଜପୁର, କନ୍ଧମାଳ ଓ କେନ୍ଦୁଝରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁ ସଂଖ୍ୟା ୬୧୬ ଛୁଇଁଛି।

ଅମ୍ଳାନ Amlan
ଟସର ଓ ରେଶମ ବସ୍ତ୍ର ଓଡିଶାର ଗୌରବ
ମହାଳୟା ଉପଲକ୍ଷେ ବିଶେଷ ରିହାତି
୧୩/୦୯/୨୦ ଠାରୁ ୧୭/୦୯/୨୦ ପର୍ଯ୍ୟନ୍ତ
ଭୁବନେଶ୍ୱର, ପୁରୀ, ସୁନାବେଡା ଓ ବାରିପଦା ଶାଖାରେ ଉପଲବ୍ଧ
୧୦% +୨୦%
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

# ଡ୍ରଗ୍ସ ଲିଙ୍କ୍‌ରେ ସାରା ଅଲ୍ଲୀଙ୍କ ନାମ ନେଲେ ରିଆ

## ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ମାମଲା

**ବମ୍ବେ,୧୨।୯(ପି.ଟି.)**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ଘଟଣାର ତଦନ୍ତ ସମୟରେ ଡ୍ରଗ୍ସ ଲିଙ୍କ୍ କାରବାର ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଦ୍ୱାରା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି। ଏନ୍‌ସିବିର ଜେରା ସମୟରେ ରିଆ ଡ୍ରଗ୍ସ କାରବାରରେ ବଲିଉଡ୍‌ର ୨୫ଜଣ ସେଲିବ୍ରିଟିଙ୍କ ସମ୍ପୃକ୍ତି ଥିବା ସ୍ୱୀକାର କରିଛନ୍ତି। ସେମାନଙ୍କ ମଧ୍ୟରୁ ଏବେ ୫ଜଣଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେଥିମଧ୍ୟରେ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏବଂ ଅଭିନେତ୍ରୀ ରାକୁଲ ପ୍ରୀତ୍ ସିଂ, ସୋମନ୍ ଖମ୍ବାଟାଙ୍କ ନାମ ରହିଛି। ୨୦୧୬ରେ କେଦାରନାଥ ଚଳଚ୍ଚିତ୍ର ଶୁଟିଂ ସମୟରେ ସାରା ଏବଂ ସୁଶାନ୍ତ ପରସ୍ପରକୁ ଡେଟ୍ କରୁଥିଲେ।



ରିଆ ଚକ୍ରବର୍ତ୍ତୀ ସାରା ଅଲ୍ଲୀ ଖାନ୍

ସେହି ସମୟରେ ଉଭୟେ ଡ୍ରଗ୍ସ ନେଉଥିଲେ ବୋଲି ରିଆ ପ୍ରକାଶ କରିଥିବା ଜଣାପଡ଼ିଛି। ସେହିପରି ଅଭିନେତ୍ରୀ ରାକୁଲ ପ୍ରୀତ୍ ସିଂ ମଧ ଡ୍ରଗ୍ସ ଲିଙ୍କ ମାମଲାରେ ଜଡ଼ିତ ଅଛନ୍ତି ବୋଲି ରିଆ ଏନ୍‌ସିବି ନିକଟରେ ପ୍ରକାଶ କରିଛନ୍ତି। ଏମାନଙ୍କ ବ୍ୟତୀତ ରୋହିଣୀ ଆୟର ଏବଂ ମୁକେଶ ଛାବ୍‌ରାଙ୍କ ନାମ ମଧ ରିଆ ପ୍ରକାଶ କରିଛନ୍ତି। ରିଆ ତାଙ୍କ ୨୦ପୃଷ୍ଠାର ବୟାନରେ ନିର୍ଦ୍ଦିଷ୍ଟ ଭାବେ ଉପରୋକ୍ତ ଅଭିନେତ୍ରୀ ଅଭିନେତାଙ୍କ ନାମ ଡ୍ରଗ୍ସ ଲିଙ୍କ୍‌ରେ ସମ୍ପୃକ୍ତି ଥିବା ପ୍ରକାଶ କରିଛନ୍ତି। ରିଆଙ୍କ ବୟାନକୁ ଆଧାରକରି ଏନ୍‌ସିବି ଏବେ ଏ, ବି ଓ ସି ଗ୍ରେଡ୍‌ର ଅଭିନେତା ଅଭିନେତ୍ରୀଙ୍କ ଏକ ତାଲିକା ପ୍ରସ୍ତୁତ କରୁଛି। ଯେଉଁମାନଙ୍କୁ ଖୁବ୍‌ଶୀଘ୍ର ସମନ୍ ଜାରି କରାଯିବ। ଏଥିରେ ବଲିଉଡ୍‌ର ପ୍ରାୟ ୨୫ଜଣଙ୍କ ନାମ ରହିଛି। ସେମାନଙ୍କ ମଧ୍ୟରେ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକ ଏବଂ ପ୍ରଡକ୍ସନ ହାଉସ ମଧ ରହିଛି। ରିଆ ଜାମିନ୍ ଆବେଦନ ଖାରଜ ହେବା ପରେ ସେ ଏବେ ଆସନ୍ତା ୨୨ ପର୍ଯ୍ୟନ୍ତ ଜେଲ୍ ହାଜତରେ ଅଛନ୍ତି।

ଭାଇରାଲ ସଂକ୍ରମଣ, ଋତୁକାଳୀନ ରୋଗକୁ ପ୍ରତିରୋଧ କରିବାରେ ଲାଭଦାୟକ
ପରମ ପୂଜନୀୟ ବୈଦ୍ୟ ସତ୍‌ପାଲ ମଧୋକଜୀଙ୍କ ଅତ୍ୟନ୍ତ ସ୍ୱତନ୍ତ୍ର ବିଧିରେ ପ୍ରସ୍ତୁତ, ବର୍ଷ ବର୍ଷର ପୁରୁଣା, ବିଶ୍ୱସନୀୟ ଏବଂ ଲାବ୍ ପ୍ରମାଣିତ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ଆପଣାନ୍ତୁ, ଅନ୍ୟ କୌଣସି କେମିକାଲଯୁକ୍ତ ତୁଳସୀ ଡ୍ରପ୍‌ସ ନୁହେଁ
Anti Viral
Anti Bacterial
Anti Oxidant
Anti Septic
Anti Aging
ଗୁଣରେ ଭରପୂର




ଇମ୍ୟୁନିଟି ବୁଷ୍ଟର୍
BODY DETOX କରେ
ଅନେକ ରୋଗରେ ଲାଭଦାୟକ
ବର୍ଷ ବର୍ଷର ପୁରୁଣା
ଭରସାଯୋଗ୍ୟ ବ୍ରାଣ୍ଡ
ପାଞ୍ଚ ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ
JOLLY
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ
ଏକା ସଦୃଶ ନାମର ତୁଳସୀ ଡ୍ରପ୍‌ସ ପ୍ରତି ସାବଧାନ... ବହୁତ ସାବଧାନ ରୁହନ୍ତୁ
Odisha : S.S» Jeevan Dhara Enterprises, Bbsr 0161-520-1588
Like & follow us on: /JOLLYPHARMAINDIA /JOLLYPHARMAINDIA • Shop online at: www.jollypharmaindia.com

# ଚାଷ ଜମିରୁ କୁମ୍ଭୀର ଉଦ୍ଧାର

**ଦିଗପହଣ୍ଡି,୧୨।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ତଲାସିଙ୍ଗୀ ଗ୍ରାମର ସୀମାଞ୍ଚଳ ପାଣିଗ୍ରାହୀଙ୍କ ଧାନ ଜମିରୁ ଶନିବାର ଅପରାହ୍ନରେ ସ୍ଥାନୀୟ ବନବିଭାଗ ଓ ପୋଲିସ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏକ କୁମ୍ଭୀର ଉଦ୍ଧାର କରାଯାଇଛି। କୁମ୍ଭୀରଟି ନିକଟସ୍ଥ ଘୋଡ଼ାହାଡ଼ ଡ୍ୟାମରୁ କେନାଲ ପାଣିରେ



ଉଦ୍ଧାର କୁମ୍ଭୀର

ଭାସି ଆସିଥିବା ଦିଗପହଣ୍ଡି ରେଞ୍ଜର ପ୍ରମୋଦ ଖଡ଼ଗରାୟ କହିଛନ୍ତି। ଉଦ୍ଧାର କୁମ୍ଭୀର ଟି ଗୋ – ମୁହାଁ ପ୍ରଜାତିର। ଲମ୍ବା ପ୍ରାୟ ୬ ଫୁଟ ଏବଂ ୪ ବର୍ଷ ବୟସର ହେବ ବୋଲି ସେ କହିଛନ୍ତି। ଗ୍ରାମର କିଛି ଚାଷୀ ଜମିରେ କାମ କରି ଫେରୁଥିବା ବେଳେ କୁମ୍ଭୀରକୁ ଦେଖିଥିଲେ। ପଞ୍ଚାୟତ ସମିତି ସଭ୍ୟ ଅରୁଣ ଗୌଡ ଏନେଇ ଜଣାଇବା ପରେ ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟର ବନରକ୍ଷୀ ସୁଜାତା ରଥ, ମୁରଲୀଧର ନାୟକଙ୍କ ସହ ବନବିଭାଗ ପାରା କର୍ମଚାରୀ ବୃନ୍ଦ ପହଞ୍ଚି ସାମାଜିକ କର୍ମୀ କିଶୋର ଶୁକ୍ଳଙ୍କ ସହାୟତାରେ କୁମ୍ଭୀର ଟିକୁ ଧରି ଘୋଡ଼ାହାଡ଼ ଡ୍ୟାମରେ ଛାଡିଥିଲେ। ସୂଚନାଯୋଗ୍ୟ, ଗତ ପ୍ରାୟ ୨ ବର୍ଷ ମଧ୍ୟରେ ଘୋଡ଼ା ହାଡ଼ ଡ୍ୟାମ ସଂଲଗ୍ନ ବୁରି ପଦର, ଶଙ୍କର ଖାଳି, କୈଠଖଣ୍ଡି, ଖମାରି ଗାଁ, ଗୋଲଣ୍ଡା, ସେବକ ଟିକର ପଡ଼ା, ଲୁଣ୍ଡୁ ଲୁଣିଆ ଆଦି ଗାଁରୁ ୮ ରୁ ଊର୍ଦ୍ଧ୍ୱ କୁମ୍ଭୀରଙ୍କୁ ଉଦ୍ଧାର କରାଯାଇଛି। ଗତ ମହାବାତ୍ୟା ଓ ବନ୍ୟା ସମୟରେ ଘୋଡ଼ାହାଡ଼ ଡ୍ୟାମରୁ ବହୁ ସଂଖ୍ୟକ କୁମ୍ଭୀର ଆଖପାଖ ଗାଁ ଗୁଡ଼ିକୁରେ ଥିବା ପୋଖରୀକୁ ଚାଲିଆସି ସେମାନଙ୍କ ବଂଶ ବିସ୍ତାର କରିଥିବା ସହ ସେସବୁ ପୋଖରୀ ଓ ଜଳାଶୟ ଗୁଡ଼ିକରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ କୁମ୍ଭୀର ରହିଥିବା ନେଇ ବନବିଭାଗ କୁମ୍ଭୀର ଗଣନା ରିପୋର୍ଟରୁ ଜଣାପଡ଼ିଛି।

## ଜଣେ କଏଦୀ ମୃତ, ଜଣେ ଗୁରୁତର

କେନ୍ଦୁଝର,୧୨।୯ (ସ୍ୱ.ପ୍ର.)-କେନ୍ଦୁଝର ଜିଲା କାରାଗାରରେ ସଜା କାଟୁଥିବା ଜଣେ କଏଦୀଙ୍କର ଶନିବାର ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଲେ ତେଲକୋଇ ବ୍ଲକ ସାପଲାଞ୍ଜି ଅଞ୍ଚଳର ବିଦ୍ୟାଧର ଜୁଆଙ୍ଗ(୫୩)। ଅପରାହ୍ନ ସାଢେ ୪ଟାରେ କଏଦୀ ଜଣକ ହଠାତ ଅସୁସ୍ଥ ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ୩୦୨ ଦଫାରେ ଗିରଫ ହୋଇ ଜେଲରେ ଥିଲେ। ଖବର ପାଇ ଟାଉନ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଥିଲା। ସେହିପରି ପଦ୍ମଲୋଚନ ମହାକୁଡ ନାମକ ଅନ୍ୟଜଣେ କଏଦୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ତେବେ ଏ ଘଟଣାର ତଦନ୍ତ ଚାଲିଥିବା ଆସିଷ୍ଟାଣ୍ଟ ଜେଲ୍‌ର ମହେଶ୍ୱର କୁଜୁରୁ କହିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଚିଣ୍ଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାହାରେ ବାହାରେ କଳିକଜିଆ**
**ଭିତରେ ଭିତରେ ସଲାସୁତୁରା ।**

ନିଜ ନିଜ ମଧ୍ୟରେ ବୁଝାମଣା ଏକଦମ୍ ଠିକ୍ ଅଥଚ ଲୋକ ଜାଣିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା। କପଟୀ ବ୍ୟକ୍ତିଙ୍କ ଏପରି ମନ୍ଦ ସ୍ୱଭାବକୁ ବାହାର ଲୋକ ଜାଣି ନ ପାରି ଧୋକା ଖାଇଯାଇଥାନ୍ତି। ଛଳନାପୂର୍ଣ୍ଣ ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖାଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଡ଼ ମଜା**
**ଠିଆ ଠାକୁରକୁ ନଡ଼ିଆ ଖଜା ।**

ଯାହାକୁ ଯେମିତି, ଯେଉଁଠି ଯେମିତି ତାହା ହିଁ କରିବା ଠିକ୍। ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବାକୁ ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

**ଆଜିର ମନ୍ତବ୍ୟ**

ଆଫଗାନିସ୍ତାନ ସହ ଭାରତର ବନ୍ଧୁତା ବହୁ ପୁରୁଣା। ଏହି ଦେଶର ୪ଶହରୁ ଅଧିକ ବିକାଶ ପ୍ରକଳ୍ପରେ ଭାରତ ଭାଗ ନେଇଛି। ତେଣୁ ଆଫଗାନିସ୍ତାନ କୌଣସି ଭାରତ ବିରୋଧୀ କାର୍ଯ୍ୟକଳାପ ବଢିବାକୁ ଦେବନି ବୋଲି ଆଶା। **–ଏସ୍. ଜୟଶଙ୍କର, ବୈଦେଶିକ ମନ୍ତ୍ରୀ**

# ବ୍ରହ୍ମପୁର ରେଳ ଓଭରବ୍ରିଜ୍, ଦିଗପହଣ୍ଡି ଗିନିଂ ମିଲ୍ ଉଦ୍‌ଘାଟିତ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ବ୍ରହ୍ମପୁର ରେଳ ଓଭର ବ୍ରିଜ୍ ଏବଂ ଦିଗପହଣ୍ଡି ସମବାୟ ଗିନିଂ ମିଲ୍ ଉଦ୍‌ଘାଟନ କରୁଛନ୍ତି।

- ଉପକୃତ ହେବ ୪୦ ହଜାର ଲୋକ
- ଜନସାଧାରଣଙ୍କ ସହଯୋଗ ଯୋଗୁ କୋଭିଡ୍ ସଂକ୍ରମଣ କମିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସରେ ବ୍ରହ୍ମପୁର ଠାରେ ରେଳ ଓଭର ବ୍ରିଜ୍ ଏବଂ ଦିଗପହଣ୍ଡି ସମବାୟ ଗିନିଂ ମିଲ୍ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଞ୍ଜାମ ଲୋକମାନଙ୍କ ସହଯୋଗ ଯୋଗୁ ଜିଲାରେ କୋଭିଡ୍-୧୯ ସଂକ୍ରମଣ ହ୍ରାସ ପାଇଛି। ଏଥିପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ କଠୋର କାର୍ଯ୍ୟ ପାଇଁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବାଣିଜ୍ୟ ହବ୍ ପାଇଁ ବ୍ରହ୍ମପୁର ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣ କରିପାରିଛି। ବ୍ରହ୍ମପୁରକୁ ଏକ ଆଧୁନିକ ସହରରେ ପରିଣତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି।୨୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ରେଳ ଓଭର ବ୍ରିଜ୍ ମୁକ୍ତ ଭାବେ ଯିବା ଆସିବା କରିବା ଦିଗରେ ଲୋକମାନଙ୍କର ଆଶା ପୂରଣ କରିପାରିବ। ଦିଗପହଣ୍ଡିର ସମବାୟ ଗିନିଂ ମିଲ୍ ୧୦୦ ଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ରୋଜଗାର ଯୋଗାଇବା ସହିତ ଜିଲାର ୬ ବ୍ଲକରେ କପା ଉତ୍ପାଦନ କରିବାରେ ସହାୟତା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଞ୍ଜାମ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ତେବେ ବିପଦ ଏବେ ସୁଦ୍ଧା ଶେଷ ହୋଇନାହିଁ। କୋଭିଡ୍ ଯୁଦ୍ଧ ଶେଷ ହେବା ଯାଏ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଅର୍ଥନୈତିକ କାର୍ଯ୍ୟକ୍ରମକୁ ପୁଣି ଚଳଚଞ୍ଚଳ କରିଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଏବଂ ପୂର୍ତ୍ତ ବିଭାଗ ସଚିବ ଉପସ୍ଥିତ ଥିଲେ । ଇଞ୍ଜିପାଲିରୁ ଇଞ୍ଜିନିୟରିଂ ସ୍କୁଲକୁ ସଂଯୋଗ କରୁଥିବା ଏହି ରେଳ ଓଭର ବ୍ରିଜ୍ ୨୦୧୫ରେ ଆରମ୍ଭ ହୋଇଥିଲା। ଏହାଦ୍ୱାରା ୪୦ ହଜାର ଲୋକ ଉପକୃତ ହେବେ। ଦିଗପହଣ୍ଡି ଗିନିଂ ମିଲ୍ ସରକାରୀ ଓ ଘରୋଇ ଭାଗୀଦାରି(ପିପିପି) ମୋଡରେ ସ୍ଥାପନ କରାଯାଇଛି। ଏଥିରେ ୨.୧୦ କୋଟି ଟଙ୍କା ପୁଞ୍ଜିନିବେଶ କରାଯାଇଛି। ଦୈନିକ ମିଲ୍‌ରୁ ୫୦ କୁଇଣ୍ଟାଲ ତୁଳା ବାହାରିବ। ଏଥିରେ ୧୦୦ କୁଶଳୀ ଓ ଅଣକୁଶଳୀ ଶ୍ରମିକ କାର୍ଯ୍ୟ କରିବେ। ଏହି ମିଲ୍ ଦ୍ୱାରା ଦିଗପହଣ୍ଡି, ସାନଖେମୁଣ୍ଡି, ଧରାକୋଟ, ଶେରଗଡ଼, ଜଗନ୍ନାଥ ପ୍ରସାଦ ଓ ଭଞ୍ଜନଗର ବ୍ଲକର ଚାଷୀମାନେ ଉପକୃତ ହେବେ।

## ପ୍ରଥମ ପୃଷ୍ଠାରୁ...

### ନଭେମ୍ବରରେ ଅତିରିକ୍ତ ...

ମାର୍ଗରେ ବିନିଯୋଗ କରାଯାଇ ପାରିବ। ଯଦି କୌଣସି ବିଭାଗର ଅଧିକାରୀ ଅର୍ଥ ବିଭାଗର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ପ୍ରସ୍ତାବ ଦେବେ ତେବେ ସେମାନଙ୍କ ବିରୋଧରେ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା(ଏଫ୍‌ବିଆର୍‌ଏମ୍) ଆଇନ ଅନୁଯାୟୀ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି। ପ୍ରସ୍ତାବଗୁଡିକ କଣ୍ଟ୍ରୋଲିଂ ଅଫିସର ଇଣ୍ଟିଗ୍ରେଟେଡ ଫାଇନାନସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଏଫ୍‌ଏମ୍‌ଏସ୍) ପ୍ଲାଟ୍‌ଫର୍ମ ଜରିଆରେ ପ୍ରଶାସନିକ ବିଭାଗଗୁଡିକୁ ପ୍ରଦାନ କରିବେ। ପ୍ରଶାସନିକ ବିଭାଗ ଏହି ପ୍ରସ୍ତାବକୁ ଭଲ ଭାବେ ତଦାରଖ କରିବା ପରେ ଅର୍ଥ ବିଭାଗ ନିକଟରେ ଉପସ୍ଥାପନ କରିବାକୁ କୁହାଯାଇଛି। ସମସ୍ତ ପ୍ରସ୍ତାବ କେବଳ ଅନଲାଇନ ଜରିଆରେ ପ୍ରଦାନ କରାଯିବ। ବିଭାଗଗୁଡିକରେ ଯେପରି କୌଣସି ଅର୍ଥ ପଡି ନ ରହିବ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯିବ।

### ଆଜି ଏନ୍‌ଇଇଟି

ରୁମ୍ ରହିବ। ଅସୁସ୍ଥ ଥିବା ପରୀକ୍ଷାର୍ଥୀ ସେଠାରେ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ୨ଜଣ ପରୀକ୍ଷା ନିୟନ୍ତ୍ରକ ପିପିଇ କିଟ୍ ପିନ୍ଧି ପରୀକ୍ଷା ପରିଚାଳନା କରିବେ। ଜିଲାପାଳ ମହାନ୍ତି କହିଛନ୍ତି, ଭୁବନେଶ୍ୱରର ମୋଟ ୩୧ ପରୀକ୍ଷା କେନ୍ଦ୍ରକୁ ୯ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ବାହାରୁ ଆସୁଥିବା ପିଲାଙ୍କ ପାଇଁ ରାଜଧାନୀରେ ୬ଟି ରହଣି କେନ୍ଦ୍ରର ସୁବିଧା ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଛାତ୍ରୀଛାତ୍ରଙ୍କୁ ସୁରୁଖୁରୁରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ସବୁ ବ୍ୟବସ୍ଥା କରାଯାଇଥିବା ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ଆକ୍ରାନ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିବେନି ବୋଲି ସଂଶୋଧିତ ଗାଇଡ୍‌ଲାଇନ୍ ଜାରି କରିଛି ଏନ୍‌ଟିଏ। ଉକ୍ତ ଗାଇଡ୍‌ଲାଇନ୍ ଅନୁଯାୟୀ, ପଜିଟିଭ୍ ଚିହ୍ନଟ ପରୀକ୍ଷାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଘରେ ରହି ପରୀକ୍ଷା ଦେବାର ସୁଯୋଗ ଦିଆଯିବ। ରବିବାର ପରୀକ୍ଷା ସରିବା ପରେ ଦ୍ୱିତୀୟ ପରୀକ୍ଷା ତାରିଖ ଘୋଷଣା କରାଯିବ। ସେହିଭଳି ସେମାନଙ୍କୁ ଏନ୍‌ଇଇଟି ଆଡ୍‌ମିଟ୍ କାର୍ଡ ଓ କରୋନା ପଜିଟିଭ୍ ରିପୋର୍ଟ ଦେବାକୁ ହେବ। ଏଥିପାଇଁ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଇମେଲ୍-ncov19@nta.ac.inକୁ ରିପୋର୍ଟ ପଠାଇବେ। ପରୀକ୍ଷାର୍ଥୀ ଓ ଆୟୋଜକଙ୍କ ସୁରକ୍ଷା ଦୃଷ୍ଟିରୁ ଏନ୍‌ଟିଏ ଏପରି ନିଷ୍ପତ୍ତି ନେଇଥିବା କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି କେତେକାଂଶରେ ବ୍ୟାହତ ହେବ । କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ଓ କଳା, କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ।

**ବୃଷ** କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ଅଶାନ୍ତି ଦେଖାଦେବାର ସମ୍ଭାବନା ରହିଛି। ଅର୍ଥ କିମ୍ବା ଆବଶ୍ୟକତା ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ । ସାଧାରଣ ପରିସ୍ଥିତିରେ ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ** ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଜମିଜମା ବିବାଦର ସମାଧାନ, ବାଣିଜ୍ୟ ବ୍ୟବସାୟ, ପରିବହନରେ ଉନ୍ନତି କରିବେ । ସଭାସମିତି,ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ** କର୍ମାରମ୍ଭର ପ୍ରାଥମିକ ସ୍ତରରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେବ । ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ,ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସୀ ରହିବ । ପୁନର୍ବସୁ କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ।

**ସିଂହ** ପୂର୍ବାପେକ୍ଷା ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ସଦାବେଳେ ହାତ ଖାଲି ରହିବାରୁ ମନରେ ସରସତା ରହିବ ନାହିଁ । ଅବଶ୍ୟ, ଆଜି ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ । ଚିତ୍ରା ନକ୍ଷତ୍ରର ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ । ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁ ମିଳନ ଘଟିବ । ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବା ସହ ପରିବହନରେ ଝଗଡା ଲାଗିପାରେ।

**ବିଛା** ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ବ୍ୟବସାୟକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ଦିନ ମଧ୍ୟରେ ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ମଧ୍ୟ ପ୍ରଫୁଲ୍ଲ ରହିବ । ଯେ କୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି । ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ବହୁତ ହଇରାଣ, ହରକତ ହେବାକୁ ପଡିପାରେ। ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।


**ମକର** ପୂର୍ବାହ୍ନରେ କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା କରିବାକୁ ପଡିପାରେ। ନିଜସ୍ୱ ଅବହେଳା ଯୋଗୁଁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ । ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବାର ସୂଚନା ରହିଛି। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ନୂତନ ଗୃହ, ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆର୍ଥିକ ସମସ୍ୟା, ମାମଲା, ଜମିଜମା ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ଦୂରଯାତ୍ରା ଆରମ୍ଭ ପୂର୍ବରୁ ହଠାତ୍ ସ୍ଥଗିତ ହୋଇଯାଇପାରେ।

**ମୀନ** ଆଜି ଯେଉଁ କାମରେ ହାତଦେବେ, ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ । ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ ଇନ୍ଦିରା ଏକାଦଶୀ ରବିବାର, ସେପ୍ଟେମ୍ବର ୧୩ ତାରିଖ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୧୦.୩୪ମି. ଗତେ କର୍କଟଚନ୍ଦ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୬.୨୬ମି. ଗତେ ଘ.୦୯.୪୦ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୨୨ମି.ଗତେ ଘ.୦୮.୫୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୩୭ମି. ଗତେ ଘ.୦୬.୨୫ମି.ମଧ୍ୟେ, ଘ.୧୨.୫୫ମି.ଗତେ ଘ.୦୧.୪୪ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୩୪ମି. ଗତେ ଘ.୦୭.୨୨ମି. ମଧ୍ୟେ, ରାତ୍ରି ଘ.୧୨.୦୬ମି.ଗତେ ଘ.୦୩.୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୧୬ମି.ଗତେ ଘ.୦୫.୪୭ମି.ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**BRIDE WANTED**

ଘରଜୋଇଁଆ ପାଇଁ ପ୍ରସ୍ତୁତ ଗୋପାଳଜାତିର ପୁଅ 1988/ +2, ITI ପ୍ରାଇଭେଟ୍ ଚାକିରି। 9078936157, 9238578590. D-69340

**GROOM WANTED**

56age Anganbadi Supervisor କରଣ ଝିଅଙ୍କୁ any caste ପୁଅ ଦରକାର। 7381366108. D-67956




**SALE**

ମାସିକ Rs.7000/- କିସ୍ତିରେ ହଂସପାଳ ଛକଠାରୁ ୩କିମି ଦୂର ବାଲିଅନ୍ତାରେ ଜମି କିଣନ୍ତୁ। 7064994691. D-18193

15 plots for sale @1150 and 30 metres from Ganga Patna main road and a corner plot at Nuaguan Sum Hospital @1600. Contact Jyostna-: 78944 13311. D-18225

**2000sqft land @600/- per sqft near Mount Litera Zee School, Kateni is for sale. 9937162220.** D-18212

ଭୁବନେଶ୍ୱର Gudiapokhari ଏବଂ KECଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-18223

**Ready to move 2BHK flat @22.99lakh near Mount Litera Zee School, Kateni is for sale. 9937162220.** D-18211

A prime location plot having 2000sqft. immediate for sale at Baramunda, Bhubaneswar. Price-87lakhs (No Brokers). Contact: 8260595320. D-69743

ପଟିଆରେ 2500/-, ନଖରାରେ 950/-,2nd infosis ପାଖରେ 750/-, IIT ଅରଗୁଳରେ 300/-, instalmentରେ possission plot କିଣନ୍ତୁ। 7978641199. D-69538

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK-9937329999.** D-69914

Contact for Construction of Simplex/ Duplex/ Apartment and Interior Design from the experts. MPlanets: 7008550473. D-18213

**Plot sale near AIIMS Hospital, Bhubaneswar with 30' road, 9439206202.** D-69161

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69338

**Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK-9937329999.** D-69907

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

**2BHK flat near Tamando Market, Starts @45,15,000/-, 9937166932.** D-69332

(COVID OFFER – Registration free) Gharabari Plot at Hanspal. 9937816565, 9937568585. D-18210

**ରବିଟକିକ୍ ପାଖ ପିପିଲି NHକୁ ଲାଗି yellowzone gharabari boundary 30' ରୋଡ୍ ଥାଇ plot ବିକ୍ରିହେବ। 8917441342, 7855853154.** D-69540

**Gharabari developed plot with boundary near Phulnakhara (Synergy College), 9439487505.** D-69333

1BHK (2Nos.) ready flat sale at Telengapentha, Cuttack-Bhubaneswar highway. Contact: 9090196181. D-69744

**Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363.** D-69533

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




2BRHouseatNayapalli Beherasahi Square, Bhubaneswar. Contact: 9437005150. D-69339

**7000sqft ready made shades with transformers, generator, Ac for any showroom purposes for rent near Hanspal square, Bhubaneswar. Contact: 9438362399.** D-18209

AC Vegetarian restaurant 2500sqft. Cuttack, Puri mainroad, Bhubaneswar. Contact: 6371001523. D-69435




Herbal full body massage by smart / expert therapist. Contact: 8338067247. D-69745

Rejuvenate and Ayurvedic full body massage by smart therapist. 9348123330. D-69706

Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Newly open full body massage SPA in Bhubaneswar. Contact: 7205058838. D-69741

Refresh your mind and soul with best therapy at Orchid Salon/ Spa, 9937287222. D-69541


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସଂକ୍ଷେପରେ

### ଘୂର୍ଣ୍ଣିବଳୟ: ୧୪ ଯାଏ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୨।୯(ବ୍ୟୁରୋ): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୧୩ ତାରିଖରେ ଏହା ଲଘୁଚାପରେ ପରିଣତ ହେବ । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଏବଂ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ପୁରୀ, ନୟାଗଡ, ବୌଦ୍ଧ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ୧୪ ତାରିଖ ଯାଏ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୧୩ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

### ରାଜ୍ୟ ଆଇନସେବା ପ୍ରାଧିକରଣର ଇ-ଲୋକ ଅଦାଲତ

କଟକ ଅଫିସ,୧୨।୯: ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରଥମଥର ନିମନ୍ତେ ଇ-ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ମାମଲାର ଶୁଣାଣି କରାଯାଇଥିଲା। ୩୦ଟି ଜିଲାରେ ଅନୁଷ୍ଠିତ ଇ-ଲୋକ ଅଦାଲତରେ ମୋଟ୍ ୨୧୨୫ ମାମଲାର ସମାଧାନ କରାଯାଇଥିଲା। ୫୪ କୋଟି ୬୬ ଲକ୍ଷ ୩୦ ହଜାର ୫୭୮ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ହାଇକୋର୍ଟରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦୭ଟି ମାମଲାର ସମାଧାନ କରାଯାଇ ୮ କୋଟି ୯୧ ଲକ୍ଷ ୫୬ ହଜାର ୬୫୬ ଟଙ୍କା କ୍ଷତିପୂରଣ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ପାର୍ଟନ-ଇନ୍-ଚିଫ୍ ଜଷ୍ଟିସ୍ ମହମ୍ମଦ ରଫିକ୍, ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧକ୍ଷା ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ହାଇକୋର୍ଟ ଆଇନସେବା କମିଟିର ଅଧକ୍ଷ ଜଷ୍ଟିସ୍ ସି.ଆର. ଦାସଙ୍କ ତତ୍ତ୍ୱାବଧାନରେ ଏହି ଇ- ଲୋକ ଅଦାଲତ ପରିଚାଳିତ ହୋଇଥିଲା।

# ପରପାରିରେ ଭିକୁ ସେଠ୍

**ଯାତ୍ରା ଜଗତର ଚର୍ଚ୍ଚିତ ଚେହେରା ମହେନ୍ଦ୍ର ଦାଶ**

'ଶାଗୁଣା ବସିଛି ଡେଣା ମେଲାଇ'ରୁ ଚର୍ଚ୍ଚାକୁ ଆସିଥିଲେ



ଚୌଦ୍ୱାର,୧୨।୯(ଡି.ଏନ୍.ଏ)

ଓଡ଼ିଆ ଯାତ୍ରା ଜଗତର ମହାନ ଖଳନାୟକ ମହେନ୍ଦ୍ର ଦାଶଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୫୫ବର୍ଷ ହୋଇଥିଲା। ଯାତ୍ରା ମଞ୍ଚରେ ସେ ଭିକୁ ସେଠ୍ ଭାବେ ବେଶ୍ ପରିଚିତ। ଚୌଦ୍ୱାରସ୍ଥିତ ବାସଭବନରେ ଥିବାବେଳେ ତାଙ୍କୁ ହୃଦଘାତ ହୋଇଥିଲା । ଶନିବାର ସକାଳ ୮ଟା ସମୟରେ ହଠାତ୍ ଛାତିରେ ଯନ୍ତଣା ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଚୌଦ୍ୱାରର ଏକ ଘରୋଇ ନର୍ସିଂହୋମ ଓ ପରେ କଟକ ବଡ଼ ମେଡିକାଲ ନେଇଥିଲେ । ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବୁଦ୍ଧିଜୀବୀ, ଯାତ୍ରା କଳାକାର ଓ ତାଙ୍କ ଅଗଣିତ ଦର୍ଶକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ଭିକୁ ସେଠ ନାଁ ଶୁଣିଲେ ଦର୍ଶକଙ୍କ ମନରେ ଉତ୍ସାହ ଖେଳିଯାଉଥିଲା। ସେ ତାଙ୍କର ବଳିଷ୍ଠ ଅଭିନୟ, ଉତ୍କଣ୍ଠା ଭରା ଡାଏଲଗ ହିଁ ଯାତ୍ରା ଦର୍ଶକଙ୍କୁ ନିଜଆଡ଼କୁ ଟାଣିପାରୁଥିଲେ। ଜଲିଉଡର ଏହି ଚର୍ଚ୍ଚିତ କଳାକାର ପ୍ରାୟ ୩୦ବର୍ଷ ଧରି ଯାତ୍ରା ମଞ୍ଚରେ ରାଜ୍ କରିଛନ୍ତି। ୧୯୯୧ ମସିହାର ବହୁ ଆଦୃତ ଯାତ୍ରା 'ଶାଗୁଣା ବସିଛି ଡେଣାମେଲାଇ'ରୁ ତାଙ୍କୁ ପ୍ରସିଦ୍ଧି ମିଳିଥିଲା। ଏହି ଯାତ୍ରାରେ ଭିକୁ ସେଠ୍ ଭାବେ ତାଙ୍କ ଚରିତ୍ର ଓ ଡାଏଲଗ୍ ଆଜିଯାଏ ମନେ ରଖିଛନ୍ତି ଦର୍ଶକ। ସେହିପରି ଗୌରୀ ଓ କଳିଙ୍ଗ ଗଣନାଟ୍ୟରେ ସେ ଦୀର୍ଘଦିନ ଧରି କାମ କରିଥିଲେ। ଗୋଟିଏ ସମୟରେ ତାଙ୍କୁ ନେଇ କଳିଙ୍ଗ ଗଣନାଟ୍ୟ ମଧ ନିଜର ପରିଚୟ ସୃଷ୍ଟି କରିପାରିଥିଲା। ପାର୍ବତୀ ଓ ଧଉଳି ଗଣନାଟ୍ୟରେ ମଧ ନିଜ ଚମତ୍କାର ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଏପରିକି ସ୍ୱର୍ଗତ ହର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ 'ଯଶୋଦା'ଚଳଚ୍ଚିତ୍ରରେ ମଧ ମହେନ୍ଦ୍ର ଦାସ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ।

ପୁରୀ ଜିଲା ଚନ୍ଦନପୁର ଥାନା କୁଶପଦା ଗ୍ରାମର ବାପା ହରିହର ଦାସ ଓ ମାତା ନେତ୍ରମଣୀଙ୍କ ପୁତ୍ର ମହେନ୍ଦ୍ର ୧୯୬୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୯୮୫ରେ ସାତଶଙ୍ଖ ଅପେରାରେ ଯୋଗଦେଇ ନିଜର କଳାକାର ଜୀବନ ଆରମ୍ଭ କରିଥିଲେ। କର୍ମମୟ ଜୀବନ ମଧ୍ୟରେ ମହେନ୍ଦ୍ର ୧୯୯୦ରେ ସ୍ତ୍ରୀ ହଂସମଣୀ ଓ ୩ ଝିଅଙ୍କୁ ଧରି ଚୌଦ୍ୱାର ପୌରପାଳିକାର ଲେବରଟେନାମେଣ୍ଟ କଲୋନୀରେ ରହି ଆସୁଥିଲେ। ଇତି ମଧ୍ୟରେ ୨ ଝିଅଙ୍କ ବିବାହ ହୋଇଯାଇ ଥିବାବେଳେ ଗୋଟିଏ ଝିଅ ଘରେ ଅଛନ୍ତି। ଓଡ଼ିଶା ଯାତ୍ରା କଳାକାର ସଂଘର ସଭାପତି ଦୈତାରୀ ପଣ୍ଡା ଓ ଉପ-ସଭାପତି ଭାବେ ଥିବା ମହେନ୍ଦ୍ର ଦାସ କରୋନା ପ୍ରଭାବରେ ପ୍ରଭାବିତ ଯାତ୍ରା କଳାକାରଙ୍କ ଜୀବନଜୀବିକାକୁ ନେଇ ସଂଘ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ନିଜେ ମଧ ଖୁବ୍ ଚିନ୍ତାରେ ଥିବା ଉକ୍ତ ୱାର୍ଡର ପୂର୍ବତନ କାଉନସିଲର ଶୁଭେନ୍ଦୁ ସାମଲ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ଚୌଦ୍ୱାର ଅଞ୍ଚଳରେ ରହି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଏଥିସହ ମହେନ୍ଦ୍ର ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଉକ୍ତ ୱାର୍ଡରେ ଥିବା ଯଯାତି କେଶରୀ ନାଟ୍ୟ ସଂସଦର ମୁଖ୍ୟ ଉପଦେଷ୍ଟା ଭାବେ ଅବସ୍ଥାପିତ ଥିଲେ। ତାଙ୍କର ଏଭଳି ଅକସ୍ମାତ ମୃତ୍ୟୁ ଖବର ଶୁଣି ସାରା ଚୌଦ୍ୱାରବାସୀ ମର୍ମାହତ ହୋଇପଡ଼ିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଶୋକ**

ବିଶିଷ୍ଟ ଯାତ୍ରା ଅଭିନେତା ମହେନ୍ଦ୍ର ଦାଶଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗ ଓଡ଼ିଆ ଯାତ୍ରା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ନିଆରା ଯାତ୍ରା ପରିବେଷଣ ଶୈଳୀ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ନକଲି ପୂଜା ସାମଗ୍ରୀ ତିଆରି କାରଖାନା ଠାବ



**ବିପୁଳ ପରିମାଣର ଜିନିଷ ଜବତ, ମାଲିକ ଗିରଫ**

କଟକ ଅଫିସ,୧୨।୯

ମାଲଗୋଦାମ ଥାନା ଅଧୀନ ରାଣୀହାଟ କେନାଲରୋଡ ଚମଡା ଗୋଦାମ ଗଳିରେ ଥିବା ନକଲି ପୂଜା ସାମଗ୍ରୀ ତିଆରି କାରଖାନାକୁ ଶନିବାର ପୋଲିସ ଠାବ କରିଛି। ସେଠାରେ ଥିବା ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ କାରଖାନା ମାଲିକ ଚଣ୍ଡୀ ରାଓଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଶନିବାର ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଚଣ୍ଡୀ ନକଲି ପୂଜା ସାମଗ୍ରୀ ତିଆରି କରି ସହର ସମେତ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ। ଏହି ସାମଗ୍ରୀ ପ୍ରସ୍ତୁତି ଓ ବିକ୍ରି ପାଇଁ ଅଭିଯୁକ୍ତଙ୍କ ପାଖରେ କୌଣସି ପଞ୍ଜୀକରଣ ବା ଟ୍ରେଡ୍ ଲାଇସେନ୍ସ ନ ଥିଲା। ଏହା ଜଣାପଡିବା ପରେ ଶନିବାର ମଧ୍ୟାହ୍ନରେ ଉକ୍ତ କାରଖାନାରେ ପୋଲିସ ଚଢାଉ କରି ପ୍ରାୟ ୧୮୦ ବୋତଲ ଗଙ୍ଗାଜଳ, ୩୪୫୬ ବୋତଲ ଗୋଲାପ ଜଳ, ୧୧୯୬ ବୋତଲ ମହୁ, ୪୮୦ ବୋତଲ ସପ୍ତତୀର୍ଥ ପଞ୍ଚଜଳ, ୧୫୦୩ ବୋତଲ ଅଗୁର, ୨୦୧୯ଟି ଖାଲି ବୋତଲ, ୫୦ ଓ ୧୦୦ ଲିଟର ବିଶିଷ୍ଟ ଦୁଇଟି ବଡ ଜାର, ରୋଷେଇ କାର୍ଯ୍ୟରେ ବ୍ୟବହୃତ ହେଉଥିବା ୧୦୦ ଲିଟର ବିଶିଷ୍ଟ ଗୋଟିଏ ହଣ୍ଡା ଓ ଗୋଟିଏ ଗ୍ୟାସ ଚୁଲା ଜବତ କରିଛି। ଏ ନେଇ ପୋଲିସ ଆଇପିସିର ଦଫା ୪୨୦, ୨୭୨, ୨୭୩, ୪୮୨ ଅନୁଯାୟୀ ଏକ ମାମଲା(ନଂ.୧୭୫/୨୦) ରୁଜୁ କରିଛି।



ଗିରଫ ମାଲିକ ଚଣ୍ଡୀ ରାଓ

# ରେଢ଼ାଖୋଲରୁ ୨୪୦୦ ଲିଟର ପିଡିଏସ୍ କିରୋସିନ ଜବତ କଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୨।୯ (ବ୍ୟୁରୋ)

ଖଣି ଚୋରା କାରାବର, ବ୍ରାଉନ୍ ସୁଗାର, ଗଞ୍ଜେଇ ପରେ ଏବେ କିରୋସିନ ମାଫିଆଙ୍କୁ ଟାର୍ଗେଟ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଗରିବଙ୍କ ପାଇଁ ଆସୁଥିବା ପିଡିଏସ୍ କିରୋସିନ୍ ହିତାଧିକାରୀଙ୍କ ପାଖରେ ନ ପହଞ୍ଚି ଚୋରା ଚାଲାଣ ହେଉଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଚଢ଼ାଉ ଜୋର୍‌ଦାର କରିଛି। ଶନିବାର ଏସ୍‌ଟିଏଫ୍‌ର ଏକ ଟିମ୍ ସମ୍ବଲପୁର ଜିଲା ରେଢାଖୋଲ ଥାନା ଅନ୍ତର୍ଗତ ବୈଷ୍ଣବଝୁଲି ଅଞ୍ଚଳରେ ଥିବା ଏକ ଗୋଦାମରେ ଚଢାଉ କରିଛି। ଚଢାଉ ସମୟରେ ଅନ୍ୟମାନେ ଫେରାର ହୋଇଯାଇଥିବାବେଳେ ଗୋଦାମ ମାଲିକ ପବିତ୍ର ସାହୁଙ୍କୁ ଗିରଫ କରାଯାଇଛି। ଏଥିସହ ସେଠାରୁ ୨୪୦୦ ଲିଟର ପିଡିଏସ୍ କିରୋସିନ, ୨ଲକ୍ଷ ୮୫ ହଜାର ୯୧୦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏନେଇ ରେଢାଖୋଲ ଥାନାରେ ଆଇପିସି ଦଫା ୩୭୯, ୪୧୧, ୨୮୫ରେ ମାମଲା (ନଂ.୧୫୬/୨୦) ରୁଜୁ କରାଯାଇ ଅଧିକ ଖୋଳତାଡ଼ ଚାଲିଛି।

ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ, ପବିତ୍ରଙ୍କର ରେଢାଖୋଲ ଥାନାଞ୍ଚଳରେ ଏକ ଗୋଦାମ ରହିଛି। ସେଠାରେ ଚୋରା ପିଡିଏସ୍ କିରୋସିନ ଓ ଅନ୍ୟ ବେଆଇନ ସାମଗ୍ରୀ ଲୁଚାଇ ରଖାଯାଇ କଳାବଜାରରେ ବିକ୍ରି କରାଯାଉଥିବା ନେଇ ଏସ୍‌ଟିଏଫ୍ ନିକଟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏକ ଟିମ୍ ଶନିବାର ସକାଳେ ଉକ୍ତ ଗୋଦାମରେ ଅତର୍କିତ ଭାବେ ଚଢାଉ କରି ଯାଞ୍ଚ ପରେ ସେଠାରେ ବିପୁଳ ଚୋରା କିରୋସିନ ମହଜୁଦ ଥିବା ଜଣାପଡିଥିଲା। ଏହା ପରେ ପଦକ୍ଷେପ ନେଇଥିଲା ଏସ୍‌ଟିଏଫ୍।

# ଏମ୍‌ପି ରମେଶ ମାଝି, ମନ୍ତ୍ରୀ ପଦ୍ମିନୀ ଦିଆନ ଭୁବନେଶ୍ୱର ସ୍ଥାନାନ୍ତର

ଜୟପୁର/ନବରଙ୍ଗପୁର,୧୨।୯(ଡି.ଏନ.ଏ/ନି.ପ୍ର./ବି.ପ୍ର.)

ନବରଙ୍ଗପୁର ଏମ୍‌ପି ରମେଶ ମାଝି ଓ ରାଜ୍ୟ ହସ୍ତତନ୍ତ ଏବଂ ବୟନଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସେମାନଙ୍କୁ ଶନିବାର ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ହୋମ୍ କ୍ୱାରାଣ୍ଟାଇନରେ ଥିବା ମନ୍ତ୍ରୀ ଦିଆନ ଶୁକ୍ରବାର ରାତିରେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ କୋଟପାଡସ୍ଥିତ ବାସଭବନରୁ ଜୟପୁର କୋଭିଡ୍ ଚିକିତ୍ସାଳୟକୁ ଅଣାଯାଇଥିଲା। ସେହିଭଳି କରୋନାରେ ଆକ୍ରାନ୍ତ ତାଙ୍କ ସ୍ୱାମୀ ସଦାଶିବଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ମଧ ଜୟପୁର କୋଭିଡ୍ ଡାକ୍ତରଖାନାକୁ ଅଣାଯାଇଥିଲା। ମନ୍ତ୍ରୀ ଦିଆନଙ୍କୁ ଅକ୍ସିଜେନ ଦିଆଯିବା ପରେ ସେ ସାମାନ୍ୟ ସୁସ୍ଥ ଅନୁଭବ କରିଥିଲେ। କିନ୍ତୁ ତାଙ୍କ ସ୍ୱାମୀଙ୍କଠାରେ କିଛି ସମସ୍ୟା ଦେଖାଦେଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ବୋଲି କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସେହିଭଳି ନବରଙ୍ଗପୁର ଏମ୍‌ପି ରମେଶ ମାଝିଙ୍କ ଶନିବାର ସକାଳେ ଛାତିରେ ଯନ୍ତ୍ରଣା ଓ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ ତାଙ୍କୁ ଉମରକୋଟସ୍ଥିତ ବାସଭବନରୁ ନବରଙ୍ଗପୁର କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ଅକ୍ସିଜେନ ଦିଆଯାଇ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ନବରଙ୍ଗପୁର କୋଭିଡ୍ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ନାଗ କହିଛନ୍ତି। ଗତ ୪ ତାରିଖରୁ ସେ କରେନାରେ ଆକ୍ରାନ୍ତ ହୋଇଥିଲେ।

# ଶ୍ରୀମନ୍ଦିର ୩ କବାଟ ହେବ ରୁପା ଛାଉଣି

ପୁରୀ ଅଫିସ,୧୨।୯: ଶ୍ରୀମନ୍ଦିରର ୩ଟି ପ୍ରମୁଖ ଦ୍ୱାର (କଳାହାଟ ଦ୍ୱାର, ବେହେରଣ ଏବଂ ଜୟବିଜୟ)ରେ ଲାଗିଥିବା କବାଟଗୁଡିକୁ ରୁପା ଛାଉଣି କରାଯିବ। ଏଥିପାଇଁ ଆବଶ୍ୟକ ରୁପା ଦାତା ଦେବେ। ଏହାକୁ ଆଧାର କରି ମନ୍ଦିର ପ୍ରଶାସନ ପକ୍ଷରୁ ଏହାର ଡିଜାଇନ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ରତ୍ନଭଣ୍ଡାରରେ ଥିବା ଅନେକ ସ୍ୱର୍ଣ୍ଣ ଅଳଙ୍କାର ନଷ୍ଟ ହୋଇଗଲାଣି। ତେଣୁ ସେ ସବୁକୁ ନୂତନ ଭାବେ ନିର୍ମାଣ କରାଯିବ ବୋଲି ଆଲୋଚନା ହୋଇଛି। ମୁମ୍ବାଇର ୩ ଜଣ ବିଶେଷଜ୍ଞ ପୁରୀ ଆସି ଏସବୁର ଅନୁଧ୍ୟାନ କରିଛନ୍ତି। ବର୍ମାଟିକ କାଠରେ ପ୍ରଥମେ ୩ଟି ଦ୍ୱାର ପାଇଁ ନୂଆ କବାଟ ତିଆରି କରାଯିବ। ଏହାପରେ କବାଟଗୁଡ଼ିକୁ ରୁପା ଛାଉଣି କରାଯିବ। ୩ଟି କବାଟରେ ପ୍ରାୟ ୨ ହଜାର କେଜି ରୁପା ଲାଗିବ ବୋଲି ପ୍ରାଥମିକ ଆକଳନ କରାଯାଇଛି। ସେହିପରି ଦାନ ସୁନାରେ ନୂତନ ଭାବେ ନିର୍ମାଣ ହେବ ରତ୍ନଭଣ୍ଡାରର ନଷ୍ଟ ହୋଇଥିବା ମହାପ୍ରଭୁଙ୍କ ଅଳଙ୍କାର। ଝୋଭା, ରାହୁରେଖା ଓ ଚନ୍ଦ୍ରିକା ଆଦିର ନିର୍ମାଣ ହେବ। ଶ୍ରୀମୁଖ ପଦ୍ମ ଅନୁଧ୍ୟାନ ଗଜପତି ମହାରାଜାଙ୍କ ପ୍ରତିନିଧି, ଶ୍ରୀମନ୍ଦିର କମାଣ୍ଡର, ନୀତି ପ୍ରଶାସକ ଓ ସେବାୟତ ପ୍ରତିନିଧିଙ୍କ ଉପସ୍ଥିତିରେ କରାଯାଇଛି। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।

# ଜଳ ସମ୍ପଦ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଭାରତୀୟ ପାଣିପାଗ ବିଭାଗ ଆକଳନ ଅନୁଯାୟୀ ରାଜ୍ୟରେ ୧୨ରୁ ୧୫ ତାରିଖ ମଧ୍ୟରେ ବିଶେଷକରି ଆନ୍ଧ୍ର ଉପକୂଳ, ଓଡ଼ିଶା ଏବଂ ଛତିଶଗଡ଼ରେ ଲଘୁଚାପ ଯୋଗୁ ଅଧିକରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ଏଥିଯୋଗୁ ଦକ୍ଷିଣ ଓଡ଼ିଶାରେ ଯେପରି ବନ୍ୟା ନ ହେବ ସେଥିପ୍ରତି ଦୃଷ୍ଟିଦେଇ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ଜଳଭଣ୍ଡାରରେ ଜଳପତ୍ତନକୁ ନିୟନ୍ତ୍ରଣ ରଖିବା ପାଇଁ ସତର୍କତା ଅବଲମ୍ବନ ପୂର୍ବକ କାର୍ଯ୍ୟ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ସଚିବ ଅନୁ ଗର୍ଗ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଲଘୁଚାପଜନିତ ବର୍ଷାରେ ଦକ୍ଷିଣ ଓଡ଼ିଶାର ନବରଙ୍ଗପୁର ଜିଲାର ଅପର ଇନ୍ଦ୍ରାବତୀ, କୋରାପୁଟର ଅପର କୋଲାବ ଏବଂ ମାଲକାନଗିରିର ବାଲିମେଳା ଜଳଭଣ୍ଡାରଗୁଡିକରେ ଜଳପତ୍ତନ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ଦକ୍ଷିଣ ଓଡ଼ିଶାର କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ଗଞ୍ଜାମ ଓ ଗଜପତି ଜିଲା ପ୍ରଭାବିତ ହେବା ସମ୍ଭାବନା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଭିଜ୍ଞତାସମ୍ପନ୍ନ ଯନ୍ତ୍ରୀ ଓ ଅଧିକାରୀଙ୍କୁ ସେହିସବୁ ଅଞ୍ଚଳକୁ ପଠାଯାଇଛି। ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ଜଳ ସମ୍ପଦ ବିଭାଗ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ ଖୋଲାଯାଇ ସ୍ଥିତି ନିୟନ୍ତ୍ରଣ କରାଯିବ ବୋଲି ବିଭାଗୀୟ ସଚିବ କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଅପର ଇନ୍ଦ୍ରାବତୀ ଜଳଭଣ୍ଡାରର ୬୪% ଅପର କୋଲାବରେ ୩୫.୭୦% ଓ ବାଲିମେଳା ଜଳଭଣ୍ଡାରରେ ୬୫.୬୦% ଜଳ ପୂର୍ଣ୍ଣ ରହିଛି। ଅପର ଇନ୍ଦ୍ରାବତୀ ଜଳଭଣ୍ଡାର ଜଳଧାରଣ କ୍ଷମତା ୬୪୨ ମିଟର ଥିବାବେଳେ ଏବେ ଏଥିରେ ଜଳ ୬୩୭.୨ମିଟର ରହିଛି। ଅପର କୋଲାବର କ୍ଷମତା ୮୫୮.୦୦ ମିଟର ଥିବାବେଳେ ଏବେ ଏହାର ଜଳ ପତ୍ତନ ୮୫୦.୭୬ ମିଟର ରହିଛି। ସେହିପରି ବାଲିମେଳା ଜଳ ଭଣ୍ଡାରର ଜଳଧାରଣ କ୍ଷମତା ୧୫୧୬.୦୦ ଫୁଟ ଥିବାବେଳେ ଏବେ ଏହାର ଜଳପତ୍ତନ ୧୪୯୭.୬ ଫୁଟ ଅଛି।

**ଲଘୁଚାପ ବର୍ଷା ଯୋଗୁ ଦକ୍ଷିଣ ଓଡ଼ିଶାରେ ବନ୍ୟା ଆଶଙ୍କା**


OFFICE OF THE MUNICIPAL COUNCIL, KEONJHARGARH
email-keonjharm.hud@rediffmail.com
Invitation for Bids (IFB) 'e' Procurement NOTICE
Bid Identification No.KGM-07/2020-21
Letter No.4870/KGM/Date 11.09.2020

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in single cover system through e-Procurement.

1. Nature of work - Electrical work
2. No. of work - 02 Nos.
3. Value of works: Rs.6,05,455.00 to 6,68,625.00
4. Date & time of availability of bid document in the portal: From 14.09.2020 at 11.00 A.M. upto 22.09.2020 at 5.00 P.M.
5. Date of opening of bid in portal 24.09.2020 at 11.00 A.M.
6. Name & address of the officer in inviting bid: EO, Keonjhargarh Municipality.


Further details can be seen from website: www.tendersorissa.gov.in
Sd./- Executive Officer, Keonjhargarh Municipality

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BANSAL TOWER
ପ୍ରଥମ ଥର ଓଡିଶାରେ ଏମିତି ଅଫର୍ ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ




20yrs Court Agreement
Bansal Tower B Wing, Bangalore, Karnataka-400021.
7055041635
7599929291

Hindustan Tower Group
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାୱାର୍ ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000ର ଭଡ଼ା + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫ୍ରୀ ସେବା ୩ ଘଣ୍ଟାରେ ଘରେବସି ୧୦୦% ସମାଧାନ
ଯେପରୀ- ମନଚାହାଁ ପ୍ରେମ, ଲଭ୍ ମ୍ୟାରେଜ୍, ବ୍ୟବସାୟ, ବିଦେଶ ଯାତ୍ରା, ଗୃହକ୍ଳେଶ, ବିବାହରେ ବାଧା, ସଉତୁଣୀ, ଶତ୍ରୁମୁକ୍ତି, କର୍ଜମୁକ୍ତି, ଚାକିରୀ, କ୍ୟାରିୟରରେ ଅସଫଳତା, ବଶୀକରଣ, ମୂଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ଘରେବସି ତୁରନ୍ତ ସମାଧାନ ।



ବାବା ମୁସ୍ତାକ ଆଲମ
ସ୍ପେ- ବଶୀକରଣ, ମହାମୂଠକରଣୀ ଏବଂ ବ୍ୟବସାୟ
9654196674
9667700474

ଜାତୀୟ ପରୀକ୍ଷା ସଂସ୍ଥା
ଜାତୀୟ ଯୋଗ୍ୟତା ଏବଂ ପ୍ରବେଶ ପରୀକ୍ଷା NEET (UG)
୧୩ ସେପ୍ଟେମ୍ବର, ୨୦୨୦ (ରବିବାର)

୧୩ ସେପ୍ଟେମ୍ବର, ୨୦୨୦ (ରବିବାର) ଦିନ ସର୍ବଭାରତୀୟ ସ୍ତରରେ ରାଷ୍ଟ୍ରିୟ ଯୋଗ୍ୟତା ଏବଂ ପ୍ରବେଶିକା ପରୀକ୍ଷା (NEET-UG) ଲିଖିତ ଆକାରରେ ଦେଶର ୧୫୫ ଟି ସହରରେ ଅପରାହ୍ନ ୨ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

COVID-19 ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଜାରୀ କରାଯାଇଥିବା ଆଦର୍ଶ ସଂଚାଳନ ପ୍ରକ୍ରିୟାକୁ ସମସ୍ତେ କଡାକଡି ଭାବେ ପାଳନ କରିବେ ।

ସମସ୍ତ କର୍ମଚାରୀ, ପରୀକ୍ଷାର୍ଥୀ ଏବଂ ଅଭିଭାବକମାନେ ସର୍ବଦା-

- ପରସ୍ପର ଠାରୁ ସର୍ବନିମ୍ନ ୬ ଫୁଟର ଶାରିରୀକ ଦୂରତ୍ୱ ରଖିବେ ।
- ମୁହଁ ଏବଂ ନାକକୁ ଘୋଡାଇ ରଖିବା ବାଧତା ମୂଳକ ।
- ହାତ ଅପରିଷ୍କାର ଦେଖା ଯାଉନଥିଲେ ମଧ, ନିୟମିତ ସମୟ ବ୍ୟବଧାନରେ (୪୦-୬୦ ସେକେଣ୍ଡ ପର୍ଯ୍ୟନ୍ତ) ସାବୁନ ଦ୍ୱାରା ହାତ ସଫା କରିବେ । ଆଲ୍‌କୋହଲ ଯୁକ୍ତ ସାନିଟାଇଜର୍ (୨୦ ସେକେଣ୍ଡ ପାଇଁ) ମଧ ବ୍ୟବହାର କରାଯାଇ ପାରିବ ।
- ଶ୍ୱାସ- ପ୍ରଶ୍ୱାସ ସମ୍ବନ୍ଧୀୟ ଶିଷ୍ଟାଚାରକୁ କଡାକଡି ଭାବେ ପାଳନ କରିବେ । କାଶିବା କିମ୍ବା ଛିଙ୍କିବା ସମୟରେ ନାକ ଏବଂ ପାଟିକୁ ରୁମାଲ୍ କିମ୍ବା ଟିସୁ କାଗଜ ଦ୍ୱାରା ଘୋଡାଇ ରଖିବା ସହ, ଟିସୁ କାଗଜକୁ ସଠିକ ଜାଗାରେ ପକାଇବେ ।
- ସମସ୍ତେ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ତଥା ଦାୟିତ୍ୱବାନ ହେବା ସହ ଅସୁସ୍ଥତା ଅନୁଭବ କରିବାମାତ୍ରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତୁରନ୍ତ ଅବଗତ କରାଇବେ ।

ଏଣେ ତେଣେ ଛେପ ପକାଇବା ସଂପୂର୍ଣ୍ଣ ନିଷେଧ । ଯେତେ ସମ୍ଭବ " ଆରୋଗ୍ୟ ସେତୁ " ଆପ୍‌ର ବ୍ୟବହାର କରିବେ ।
ପରୀକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ତଥା COVID-19 ପାଇଁ ଉପଦେଶାବଳୀ ମାନ ପରିକ୍ଷାର୍ଥୀ ମାନଙ୍କୁ ସେମାନଙ୍କ ନିଜ ନିଜ ପ୍ରବେଶ ପତ୍ରରେ ଦିଆଯାଇଛି । ପରୀକ୍ଷାର୍ଥୀମାନେ ଶେଷତମ ପ୍ରବେଶପତ୍ରକୁ ଡାଉନ୍‌ଲୋଡ୍ କରି ସେଥିରେ ଥିବା ନିର୍ଦ୍ଦେଶ ତଥା ଉପଦେଶ ଗୁଡିକ ପଢ଼ିବା ସହ କଡାକଡି ଭାବେ ପାଳନ କରିବେ ।

ପରୀକ୍ଷା କେନ୍ଦ୍ରରେ ଅନାବଶ୍ୟକ ଭିଡକୁ ଏଡାଇବା ପାଇଁ, ପରୀକ୍ଷାର୍ଥୀ ମାନେ ସେମାନଙ୍କୁ ଦିଆଯାଇଥିବା ଧାର୍ଯ୍ୟ ସମୟରେ ହିଁ ଆସି କେନ୍ଦ୍ରରେ ଉପସ୍ଥିତ ହେବେ ।

ପରୀକ୍ଷାର୍ଥୀମାନେ ନିଜ ସହ କେବଳ ନିମ୍ନଲିଖିତ ଜିନିଷ ଗୁଡିକ ପରୀକ୍ଷା କେନ୍ଦ୍ରକୁ ନେଇପାରିବେ ।

- ପ୍ରବେଶ ପତ୍ର ଏବଂ ତା ସହ ବର୍ତ୍ତମାନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଘୋଷଣା ପତ୍ର ।
- ସରକାରୀ ସ୍ୱୀକୃତି ପ୍ରାପ୍ତ ପରିଚୟ ପତ୍ର ।
- ବ୍ୟକ୍ତିଗତ ସ୍ୱଚ୍ଛ ପାଣି ବୋତଲ ।
- ଏକ ପାସପୋର୍ଟ ମାପର ଫଟୋ (ଆବେଦନ ପତ୍ରରେ ଦିଆଯାଇଥିବା ଅବିକଳ ଫଟୋ) ଉପସ୍ଥାନ ପତ୍ର ପାଇଁ ।
- ଆଲ୍‌କୋହଲ ଯୁକ୍ତ ବ୍ୟକ୍ତିଗତ ସାନିଟାଇଜର୍ (୫୦ ମି.ଲି.) ।
- ମାସ୍କ ଏବଂ ଗ୍ଲୋଭ୍ ।
- ପି.ଡବ୍ଲ୍ୟୁ.ଡି ସାର୍ଟିଫିକେଟ୍ ଏବଂ ଅନ୍ୟାନ୍ୟ କାଗଜପତ୍ର, ଦରକାର ସ୍ଥଳେ ।

ପରୀକ୍ଷାର୍ଥୀମାନଙ୍କ ପ୍ରବେଶ ପାଇଁ ଉଦ୍ଦିଷ୍ଟ ସମୟ ସେମାନଙ୍କ ପ୍ରବେଶ ପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରସ୍ଥାନର ସମୟ ପରୀକ୍ଷା କେନ୍ଦ୍ର ତରଫରୁ ନିଷ୍ପତ୍ତି ନିଆଯିବ । ପରୀକ୍ଷାର୍ଥୀ ଏବଂ ଅଭିଭାବକ ମାନେ କଡାକଡି ଭାବେ ସମୟ ସୂଚୀକୁ ପାଳନ କରିବେ ।

ସିନିୟର ଡାଇରେକ୍ଟର, ଏନଟିଏ

ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। —ଶ୍ରୀଅରବିନ୍ଦ

# ଜୟଶଙ୍କରଙ୍କ ତିନୋଟି କଥା



ଆକାର ପଟେଲ

ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଏକ ବିଦ୍ୱାନ ପରିବାରରୁ ଆସିଛନ୍ତି। ତାଙ୍କ ବାପା କେ. ସୁବ୍ରମଣ୍ୟମ୍ ଦିଲ୍ଲୀର ପ୍ରତିଷ୍ଠିତ ଥିଙ୍କ୍ଟ୍ୟାଙ୍କ ଆଇଡିଏସ୍‌ଏର ପ୍ରତିଷ୍ଠାତା ଥିଲେ। ସେ ମଧ୍ୟ ଇନ୍ଦିରା ଗାନ୍ଧୀଙ୍କ ପରାମର୍ଶଦାତା ଥିଲେ। ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାକୁ ଭାରତର ଆଣବିକ ପରିଯୋଜନା ଏବଂ ବାଂଲାଦେଶରେ ସାମରିକ ହସ୍ତକ୍ଷେପରେ ସୁବ୍ରମଣ୍ୟମଙ୍କର ଭୂମିକା ରହିଥିଲା। କେ. ସୁବ୍ରମଣ୍ୟମଙ୍କ ପୁଅ ତଥା ଜୟଶଙ୍କରଙ୍କ ଭାଇ ସଞ୍ଜୟ ମଧ୍ୟ ଜଣେ ବିଶ୍ୱ ବିଖ୍ୟାତ ବିଦ୍ୱାନ ଥିଲେ। ମୋ କହିବା କଥା ହେଲା ଡ. ଏସ୍. ଜୟଶଙ୍କରଙ୍କ ଯେଉଁଭଳି ପାରିବାରିକ ପୃଷ୍ଠଭୂମି ରହିଛି ସେଭଳି ଅନ୍ୟ ମନ୍ତ୍ରୀମାନଙ୍କର ନାହିଁ। କିଛି ଦିନ ତଳେ ଜୟଶଙ୍କରଙ୍କର ଏକ ବହି ପ୍ରକାଶ ପାଇଛି। ତନୋଟି କଥା ବା ତତ୍ତ୍ୱ ଭାରତର ବୈଦେଶିକ ନୀତିକୁ ନକାରାତ୍ମକ ଭାବେ ପ୍ରଭାବିତ କରିଥିଲା ବୋଲି ସେଥିରେ ସେ ଉଲ୍ଲେଖ କରିଛନ୍ତି। ପ୍ରଥମଟି ହେଲା ବିଭାଜନ। ଏହା ଭାରତର ସୀମାକୁ ସଙ୍କୁଚିତ କରିଦେବା ସହ ଚାଇନାର ଗୁରୁତ୍ୱ ଅଧିକ ବଢ଼ାଇଦେଇଥିଲା। ଦ୍ୱିତୀୟଟି ଥିଲା ୧୯୯୧ର ଅର୍ଥନୈତିକ ସଂସ୍କାରରେ ବିଳମ୍ବ ଏବଂ ଏହା ପୂର୍ବରୁ କରାଯାଇଥିଲେ ଭାରତ ଶୀଘ୍ର ବିକଶିତ ହୋଇ ପାରିଥାଆନ୍ତା। ତୃତୀୟରେ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣରେ ଭାରତ ନିଷ୍ପତ୍ତି ନେବାରେ ବିଳମ୍ବ। ସେ ଏହି ତିନୋଟିକୁ ଭାରତ ପାଇଁ ବୋଝ ବୋଲି କହିଛନ୍ତି। ସେ ଯାହା କହୁଛନ୍ତି ତା' ଉପରେ ଆମେ କ'ଣ କରିବା ଉଚିତ? ସେ ଯାହା କହିଛନ୍ତି ତାହା କେତେ ଦୂର ସତ ତାହା ଦେଖିବାକୁ ପଡିବ। ପ୍ରଥମରେ ସେ କହିଛନ୍ତି ଯେ ଭାରତ ବିଭାଜନ ଯୋଗୁ ତା'ର ପରିସୀମା କମିଗଲା। ଯଦି ବିଭାଜନ ହୋଇ ନ ଥାନ୍ତା ତେବେ ଅବିଭକ୍ତ ଭାରତର ସୀମା ବର୍ମାଠାରୁ ଇରାନ ଯାଏ ଏକ ବିଶାଳ ଭୂଖଣ୍ଡ ହୋଇଥାନ୍ତା ଏବଂ ଏହାର ଜନସଂଖ୍ୟା ହୋଇଥାନ୍ତା ୧୭୦ କୋଟି। ଅର୍ଥବ୍ୟବସ୍ଥା,ମୁଣ୍ଡପିଛା ଆୟ, ଉତ୍ପାଦକତା କିମ୍ବା ଅନ୍ୟ କୌଣସି ଦୃଷ୍ଟିରୁ ବିଶେଷ କିଛି ପ୍ରଭେଦ ରହି ନ ଥାନ୍ତା। ସମାଗ୍ରିକ ଭାବେ ଦକ୍ଷିଣ ଏସିଆ ସମୃଦ୍ଧ, କିନ୍ତୁ ବ୍ରିଟିଶ୍ ଇଣ୍ଡିଆ ଅଧୀନରେ ଥିବା ତିନୋଟି ଦେଶ ଏବେ ନା ବିକଶିତ ହୋଇପାରିଛନ୍ତି ନା ସାମାନ୍ୟ ବିକାଶଶୀଳ ହେବାରେ ସଫଳ ହୋଇଛନ୍ତି। ପାକିସ୍ତାନ ଏବଂ ବାଂଲାଦେଶକୁ ଗଲେ ସେଠାକାର ପରିସ୍ଥିତି ଭାରତର ଅଧିକାଂଶ ଭାଗଠାରୁ ଭିନ୍ନ ନୁହେଁ ବୋଲି ଜଣିପାରିବେ।

ଦ୍ୱିତୀୟ ସମସ୍ୟାଟି ହେଉଛି ଅର୍ଥନୈତିକ ସଂସ୍କାରରେ ବିଳମ୍ବ। ଜୟଶଙ୍କର ଜଣେ ଅର୍ଥନୀତିଜ୍ଞ ନୁହନ୍ତି। ଏଣୁ ସେ ଯାହା କହୁଛନ୍ତି ତାହା ସତ ବୋଲି ଗ୍ରହଣ କରିବା ପୂର୍ବରୁ ଆମକୁ ସତର୍କ ରହିବାକୁ ହେବ। ନେହେରୁଙ୍କ ଅମଳରେ ଭାରତର ଅର୍ଥବ୍ୟବସ୍ଥାର ସାମାନ୍ୟ ସାମର୍ଥ୍ୟ ରହିଥିଲା। ଦେଶରେ ମୁଖ୍ୟତଃ ଭାରି ଶିଳ୍ପ କ୍ଷେତ୍ରରେ ପୁଞ୍ଜିର ଆବଶ୍ୟକତା ଥିଲା। ବହୁ ଅନୁଷ୍ଠାନ ପାଇଁ ଆମେ ସ୍ୱୀକୃତି ପାଇଲେ ମଧ୍ୟ ଉଚ୍ଚ ଶିକ୍ଷାରେ ତାହା ଆଦୌ ସଫଳ ହୋଇନାହିଁ। ଆମେ ଘରୋଇକରଣର ଯେତେ ଗୁଣ ଗାଇଲେ ବି ଏବେ ଭାରତରେ ଆଇଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମକକ୍ଷ କୌଣସି ଘରୋଇ ଅନୁଷ୍ଠାନ ନାହିଁ। ଇନ୍ଦିରା ଗାନ୍ଧୀଙ୍କ ଲାଇସେନ୍ସ ରାଜ୍ ଭଲ ଥିଲା ବୋଲି ଆମେ କହିପାରିବା ନାହିଁ। ଅନ୍ୟପକ୍ଷରେ ଅର୍ଥନୈତିକ ସଂସ୍କାରରେ ବିଳମ୍ବ ହୋଇଥିବା ଜୟଶଙ୍କରଙ୍କ ମନ୍ତବ୍ୟକୁ ସମ୍ପୂର୍ଣ୍ଣ ସମର୍ଥନ କରିପାରିବା ନାହିଁ।

ତୃତୀୟଟି ହେଲା ଆଣବିକ ବିକଳ୍ପ, ଯାହା ମେ'୧୯୭୪ରେ ହିଁ ଘଟିଥିଲା। ଭାରତ ପାଖରେ ପରମାଣୁ ବୋମା ରହିଛି ବୋଲି ପ୍ରକାଶ କରିବା ବଡ଼ କଥା ନ ଥିଲା। କାରଣ, ଦକ୍ଷିଣ ଆମେରିକା, ୟୁରୋପ, ଏସିଆ ଏବଂ ଆଫ୍ରିକାର ଅନେକ ଦେଶର ପରମାଣୁ ବୋମା ତିଆରି କରିବାର କ୍ଷମତା ଥିଲା, କିନ୍ତୁ କେହି ତିଆରି କରିବାକୁ ଚାହିଁ ନ ଥିଲେ। ଅନ୍ୟପକ୍ଷରେ ଭାରତ ବୋମା ତିଆରି କରିବାକୁ ବୈଦେଶିକ ପ୍ରତିଶ୍ରୁତିକୁ ଉଲ୍ଲଂଘନ କଲା। ବୋମାରେ ଉପଯୋଗ ହେଉଥିବା ସାମଗ୍ରୀ ଉତ୍ପାଦନକାରୀ ରିଆକ୍ଟର କାନାଡ଼ାରୁ ଆସିଥିଲା ଏବଂ ତାକୁ କଥା ଦେଇଥିଲୁ କି ଏହାକୁ ଆମେ ଶାନ୍ତି ଉଦ୍ଦେଶ୍ୟରେ ବିନିଯୋଗ କରିବୁ (ଏଥିପାଇଁ ୧୯୭୪ ବିସ୍ଫୋରଣକୁ ଇନ୍ଦିରା ଗାନ୍ଧୀ ଏକ 'ଶାନ୍ତିପୂର୍ଣ୍ଣ ବିସ୍ଫୋରଣ' ବୋଲି କହିଥିଲେ)। ଆମେ ଏହି ଆଣବିକ ଅସ୍ତ୍ରକୁ ୪୫ ବର୍ଷ ହେବ ରଖିଛୁ। ବାସ୍ତବରେ ସେଗୁଡ଼ିକୁ ଆମକୁ କେତେ ସାହାଯ୍ୟ କରିଛି? ଆମେ ୩୦ ବର୍ଷ ହେବ ପାକିସ୍ତାନକୁ ସନ୍ତ୍ରାସବାଦ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗ କରି ଆସୁଥିଲେ ହେଁ ତାହାକୁ ପାକିସ୍ତାନ ବିପକ୍ଷରେ ପ୍ରୟୋଗ କରିପାରିନାହୁଁ। ଏବେ ଆମ ସୀମା ଭିତରେ ଥିବା ଚାଇନା ବିରୋଧରେ ବି ଏହାକୁ ବ୍ୟବହାର କରିପାରିବୁ ନାହିଁ। ପ୍ରଥମରୁ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାର ଯୋଜନା ଆମକୁ କୌଣସି ବାଟରେ ଆମକୁ ସାହାଯ୍ୟ କରିଛି ବୋଲି କହିବା ଏକ ବିତର୍କର ପ୍ରସଙ୍ଗ।

ଏହି ତିନୋଟି କଥାକୁ ଜୟଶଙ୍କର ବୋଝ ବୋଲି କହିଛନ୍ତି ଓ ଏଥିପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି।ଆସନ୍ତୁ ଦେଖିବା ତାଙ୍କ ପାର୍ଟି କ'ଣ କରିଛିବା କରୁଛି। ଭାରତ ବିଭାଜନ ହୋଇଥାଇପାରେ କିନ୍ତୁ ଏବେ ସୁଦ୍ଧା ତା' ପଡ଼ୋଶୀ ଭାବେ ବାଂଲାଦେଶ ଓ ପାକିସ୍ତାନ ରହିଛନ୍ତି। ସେମାନେ ତ ଆଫ୍ରିକା ଭିତରକୁ ଚାଲିଯାଇନାହାନ୍ତି। ତେବେ ପୂରା ଉପମହାଦେଶକୁ ବାଣିଜ୍ୟ ଓ ଯାତାୟାତ ମାଧ୍ୟମରେ ଏକାଠି କରିବାକୁ ଭାରତକୁ କିଏ ବନ୍ଦ କରିଛି? ଏହା ଆମର ଜାତୀୟତା। ବିନା ଭିଜାରେ ଆମେ ନେପାଳ ଯାଇପାରିବା କିନ୍ତୁ ବାଂଲାଦେଶକୁ ନୁହେଁ। କାହିଁକି? ଯଦି ଚାହିଁବା ଭିଜାମୁକ୍ତ ଯାତାୟାତ ଓ ବାଣିଜ୍ୟ ଦ୍ୱାରା ଆମେ ଦକ୍ଷିଣ ଏସିଆକୁ ଏକାଠି କରିପାରିବା। କିନ୍ତୁ ଭାଜପା ଏହା ଚାହୁଁନାହିଁ।

ଉଦାରୀକରଣ ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ଅପଣାଛାଏଁ ହେଉଛି ବୋଲି ଯାହା ଜୟଶଙ୍କର ଅନୁମାନ କରିଛନ୍ତି ତାହା ଭୁଲ। ଭାଜପା ଶାସନରେ ଜାନୁୟାରୀ ୨୦୧୮ରୁ ଅର୍ଥନୈତିକ ଅଭିବୃଦ୍ଧି କମି କମି ଚାଲିଛି। ଏହା ଭାଜପା ପ୍ରଦତ୍ତ ତଥ୍ୟରୁ ହିଁ ସ୍ପଷ୍ଟ ହୋଇଛି। ଏହାର ୬ ବର୍ଷ ଶାସନରେ ଅଢ଼େଇ ବର୍ଷ ଅଭିବୃଦ୍ଧି କମିଛି। ଏହା ସମାଜବାଦ କିମ୍ବା ଲାଇସେନ୍ସ ରାଜ ସମୟରେ ହୋଇ ନ ଥିଲା। ଚଳିତ ବର୍ଷ ଆମ ଅର୍ଥବ୍ୟବସ୍ଥା ଆହୁରି ତଳକୁ ଯିବ। ଜୟଶଙ୍କର ଯେଉଁ ତିନୋଟି କଥା କହିଛନ୍ତି ତାହା ଖୁବ୍ ହାଲୁକା ଓ ସରଳ। ଯଦି ଜୟଶଙ୍କରଙ୍କ ମୂଲ୍ୟାଙ୍କନ ବା ଧାରଣା ଠିକ୍ ତେବେ ତାହାକୁ ସୁଧାରିବା କରିବା ପାଇଁ ତାଙ୍କୁ କିଏ ଅଟକାଉଛି?

Email:aakar.patel@gmail.com

# ଯୁବ ଶକ୍ତିର ବରବାଦ



ସହଦେବ ସାହୁ

ମାତ୍ର ୧୦ ବର୍ଷ ଭିତରେ ସବୁ ଓଲଟା ହୋଇଗଲା। ଚାଇନାର ଅର୍ଥନୈତିକ ଅଭିବୃଦ୍ଧିକୁ ଗତ ଅର୍ଦ୍ଧଶତାବ୍ଦୀର ବୃହତ୍ତମ ଅର୍ଥନୈତିକ ଘଟଣା ବୋଲି ଆଲୋଚକମାନେ କହୁଥିଲା ବେଳେ କେବଳ ଭାରତ ତାକୁ ଦିନେ ଟକ୍କର ଦେଇପାରିବ ବୋଲି କହୁଥିଲେ, ଏପରି କହିବା ମୂଳରେ ସେମାନେ 'ଡିମୋଗ୍ରାଫିକ୍ ଡିଭିଡେଣ୍ଡ' ବୋଲି ଗୋଟିଏ ବାକ୍ୟାଂଶ ବ୍ୟବହାର କରୁଥିଲେ। ଆମ ଭାଷାରେ ତାହାକୁ ଜନସଂଖ୍ୟା ଭିତ୍ତିକ ଲାଭାଂଶ କହିହେବ। କମ୍ପାନୀରେ ଶେୟାର କିଣିଲେ କମ୍ପାନୀର ଲାଭ ବଢିବା ସାଙ୍ଗେ ସାଙ୍ଗେ ଶେୟାର ଉପରେ ଶେୟାର କିଣିଥିବା ଅର୍ଥାତ୍ ପୁଞ୍ଜି ଖଟାଇଥିବା ବ୍ୟକ୍ତିକୁ ଯାହା ଲାଭାଂଶ ମିଳେ ତାହାକୁ ଡିଭିଡେଣ୍ଡ କହନ୍ତି। ଆମେ ଜନସଂଖ୍ୟା ବୃଦ୍ଧି ଉପରେ କୌଣସି ଅଙ୍କୁଶ ଲଗାଇ ନ ଥିବାରୁ ଓ ସ୍ୱାସ୍ଥ୍ୟସେବା ଉନ୍ନତ ହୋଇଥିବାରୁ ଦେଶରେ କାମ ନ କରିପାରି ପିଲାଙ୍କ ଉପରେ ନିର୍ଭର କରୁଥିବା ବୃଦ୍ଧଗୋଷ୍ଠୀଙ୍କ ସଂଖ୍ୟା ତୁଳନାରେ ରୋଜଗାରକ୍ଷମ ଯୁବଗୋଷ୍ଠୀର ସଂଖ୍ୟା ବେଶି ହେବ, ତେଣୁ ଘରଖର୍ଚ୍ଚ ତୁଳନାରେ ସଞ୍ଚୟ ବଢିବ, ସଞ୍ଚୟ ଯେତେ ବଢିବ ଦେଶରେ ବିକାଶ ଲାଗି ପୁଞ୍ଜି ସେତେ ମିଳିବ। ବସି ବସି ବ୍ୟୟକରୁଥିବା ଲୋକଙ୍କ ତୁଳନାରେ ଆୟ କରି ସଞ୍ଚୟ କରୁଥିବା ଲୋକ ସଂଖ୍ୟା ଯେତେ ବଢିବ ଆମକୁ ଡିମୋଗ୍ରାଫିକ୍ ଡିଭିଡେଣ୍ଡ ସେତେ ମିଳିବ। ଅନ୍ୟ ଦେଶମାନଙ୍କରେ (ଆଫ୍ରିକାର କେତେକ ଦେଶ ଛାଡି) ଜନସଂଖ୍ୟା ତ ହ୍ରାସ ପାଉଛି, ଅଧିକନ୍ତୁ ବୟୋବୃଦ୍ଧମାନଙ୍କ (ଯାହାଙ୍କୁ ଆମେ ବରିଷ୍ଠ ନାଗରିକ କହୁଛୁ) ସଂଖ୍ୟା ହାର ବଢିଚାଲିଛି, ଅଧିକାଂଶ ପରିବାର ନିଃସନ୍ତାନ। ଆଫ୍ରିକାରେ ଯୁବତୀଯୁବକଙ୍କ ସଂଖ୍ୟା ବଢୁଥିଲେ ବି ଦେଶମାନଙ୍କରେ ଶାନ୍ତି ନାହିଁ, ଶାନ୍ତି ନ ଥିଲେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆବହାୱା ନ ଥାଏ। ତେଣୁ ବିଶେଷଜ୍ଞମାନଙ୍କ ମତ ଯେ କେବଳ ଭାରତ ହିଁ ଚାଇନା ସାଙ୍ଗେ ଟକ୍କର ଦେଇପାରିବ। ଜିଡିପି ଆକଳନରେ ବି। କିନ୍ତୁ ଭାରତ ସେ ସୁବିଧା ହରାଉଛି। କରୋନା ସଂକ୍ରମଣ ସିନା ଆପାତତଃ ତଳକୁ ଖସାଇ ଦେଇଛି କିନ୍ତୁ ଭାରତ ଚାହିଁଲେ ଏହାକୁ ସମ୍ଭବ କରିପାରିବ। ଭାରତ ମାନେ ତା'ର ନେତାମାନେ।

ଭାରତ ଏକ ପ୍ରାଚୀନ ସଭ୍ୟତା। ଏବକାର ଜନସଂଖ୍ୟା ପରିସଂଖ୍ୟାନ ତାକୁ ଏକ ଯୁବ ରାଷ୍ଟ୍ର କରିଛି। ଚାଇନାରେ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ପ୍ରତି ପରିବାର ଗୋଟିଏ ସନ୍ତାନ ଜାତ କରାଇଲେ ସରକାରୀ ସାହାଯ୍ୟ ପାଇବେ, ଏକାଧିକ ସନ୍ତାନ ହେଲେ ଅପରାଧୀ ରୂପେ ଗଣାହେବେ ବୋଲି ଆଇନ କରିଥିଲା, ଫଳରେ କେବଳ ଗୋଟିଏ ବର୍ଷରେ, ୨୦୧୨ରେ, ଚାଇନାର କାମିକା ଲୋକ ସଂଖ୍ୟା ୩୦ ଲକ୍ଷ କମିଗଲା। କିନ୍ତୁ ଭାରତରେ ପ୍ରତିବର୍ଷ ୨୦ ଲକ୍ଷ କାମିକା ଲୋକ ଜନସଂଖ୍ୟାରେ ଯୋଡିହେଉଛନ୍ତି। ଏବେ ଅବଶ୍ୟ ଚାଇନା ପରିବାର ନିୟନ୍ତ୍ରଣ ଆଇନ ବଦଳାଇ ଦେଲାଣି, ଏକାଧିକ ସନ୍ତାନ ଅନୁମତି ଦେଲାଣି।

କିନ୍ତୁ ଦୁଃଖର କଥା ଯେଉଁ ଯୁବଗୋଷ୍ଠୀ ଉପରେ ଜିଡିପି ଅଭିବୃଦ୍ଧି ନିର୍ଭର କରିବ ସେହି ଯୁବ ଗୋଷ୍ଠୀ ନେତାମାନଙ୍କୁ ସନ୍ଦେହ କରୁଛନ୍ତି। ସେମାନଙ୍କୁ ତ କାମ ମିଳୁନାହିଁ, ଉପସ୍ଥିତ ଅଭିବୃଦ୍ଧିରେ ତ ସେମାନଙ୍କୁ ଉପେକ୍ଷିତ କରାଯାଉଛି, ନେତାମାନଙ୍କ ସମ୍ପର୍କୀୟମାନେ ସବୁ ମାରି ନେଉଛନ୍ତି, ସେମାନେ ଦେଶର ଅର୍ଥନୈତିକ ବୃଦ୍ଧିରେ କିପରି ଯୋଗଦେବେ?

୨୦୦୫ରୁ ୨୦୦୭ ଭିତରେ ଆମର ଆର୍ଥିକ ଅଭିବୃଦ୍ଧି ବର୍ଷକୁ ୭% ବଢ଼ିଲା, ଏପରି କି ୨୦୧୦ରେ ଭାରତର ଅଭିବୃଦ୍ଧି ହାର ଚାଇନାର ଅଭିବୃଦ୍ଧି ହାରଠାରୁ ବେଶି ଥିଲା। ସେତେବେଳର ଉପା ସରକାରର ନେତାମାନଙ୍କ ହାରାହାରି ବୟସ ୬୫ରୁ ବେଶିଥିଲା, ସେତେବେଳେ ଯୁବଗୋଷ୍ଠୀ ପ୍ରତି ସେମାନେ ଧ୍ୟାନ ଦେଲେ ନାହିଁ, ଭ୍ରଷ୍ଟାଚାରରେ ଉବୁଟୁବୁ ସରକାର ଠିକାଦାରମାନଙ୍କ ସ୍ୱାର୍ଥ ଦେଖିଲେ, ସମ୍ଭବତଃ ସେଥିରୁ ସିଧାସଳଖ ପଇସା ମିଳୁଥିଲା। ଅସମ୍ପର୍କୀୟ ଯୁବଗୋଷ୍ଠୀକୁ ଚାକିରି ଯୋଗାଇ ଏତେ ପଇସା ପାଇ ନ ଥାନ୍ତେ। ମନରେଗା ଯୋଜନାରେ ଶାରୀରିକ ଶ୍ରମ ବଦଳରେ ମେଶିନ୍ ଲାଗିବ ନାହିଁ ବୋଲି ଆଇନରେ ଥିଲେ ବି ଠିକାଦାରମାନେ ଲାଭ ବଢାଇବା ଆଶାରେ ମେଶିନ୍ ଲଗାଇଦେଲେ। ଠିକା କାମର ତତ୍ତ୍ୱାବଧାନ ପାଇଁ ଅବସରପ୍ରାପ୍ତ ଲୋକଙ୍କୁ ଲଗାଇଲେ, ଯୁବ ଇଂଜିନିୟରଙ୍କୁ ଚାକିରି ଦେଲେ ନାହିଁ। ୧୯୯୧ରେ କଂଗ୍ରେସ ସରକାର ଉଦାର ଅର୍ଥନୀତି ଗ୍ରହଣ କଲାବେଳକୁ ଆଜିର ଭାରତୀୟମାନଙ୍କ ଭିତରୁ ୪୦% ଜନ୍ମ ହୋଇ ନ ଥିଲେ, ସେହି ନେତାମାନେ ୨୦୧୩ ପର୍ଯ୍ୟନ୍ତ ସରକାର ଚଳାଇଥିଲେ ମଧ୍ୟ ସେମାନଙ୍କ ୬୫ବର୍ଷିଆ ଆଖିକୁ ଯୁବଗୋଷ୍ଠୀର ଦୁର୍ଦ୍ଦଶା ଓ ଦୁଶ୍ଚିନ୍ତା ଦିଶିଲା ନାହିଁ। ପାଚିଲା କେଶ ଓ ଧୁଡୁଧୁଡୁକା ଚମର ଲୋକେ ଭାରତକୁ ଚଳାଇଆସିଲେ। ୨୦୧୪ ଓ ପରେ ନୂଆ ସରକାର ଆସିଛି, ତହିଁରେ ଯୁବଗୋଷ୍ଠୀର ମତ ପ୍ରଦାନ ନିର୍ଣ୍ଣାୟକ ହୋଇଛି ବୋଲି ମନେହେଲା, କିନ୍ତୁ ନଭେଲ୍ କରୋନା ଭାଇରସ୍ ୧୯ ସବୁକୁ ଓଲଟପାଲଟ କରିଦେଇଛି। ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଦୂରତା ରଖିବା ଦରକାର ହେଉଥିବାରୁ ୱାଇଫାଇ ତଥା ଇଣ୍ଟରନେଟ ଉପରେ ତଥା ସୋସିଆଲ ମିଡିଆ ଉପରେ ନିର୍ଭର କରି କାର୍ଯ୍ୟ ଚଳାଇବାକୁ ପଡିବ। ଆମର ଶିକ୍ଷା ବ୍ୟବସ୍ଥା ସେହି ଅନୁସାରେ ବଦଳିବ। କିନ୍ତୁ ଏବର ଓ ଭବିଷ୍ୟତର ନିଯୁକ୍ତି ଅଟୋମେଶନ ଓ ଟେକ୍ନୋଲଜି ଦ୍ୱାରା ପରିଚାଳିତ ହେଉଥିବା ବେଳେ ଆମ ଦେଶର ଉଚ୍ଚଶିକ୍ଷାପ୍ରାପ୍ତ ଯୁବତୀ ଯୁବକଙ୍କ ଭିତରୁ ୨୦%ରୁ କମ୍ ନିଯୁକ୍ତି-ଯୋଗ୍ୟ (ଏମ୍ପ୍ଲୟେବ୍ଲ) ବୋଲି ସର୍ଭେ କହୁଛି। ଉଚ୍ଚ ଶିକ୍ଷାର ଅନୁଷ୍ଠାନମାନ ତ ଆମ ରାଜନେତାଙ୍କ କଳାଧନରେ ପରିଚାଳିତ ଏବଂ ହଠାତ୍ ଧନୀ ହେବାର ଲକ୍ଷ୍ୟ ରଖିଥିବା ଦଳୀୟ ନେତାମାନଙ୍କ ହାତରେ ଅଛି, ଭଲ କୋଠା ବାଡି କରିଦେଲେ ଉତ୍ତମ ଶିକ୍ଷାନୁଷ୍ଠାନ ହୋଇଗଲା ଏବଂ ଡିଗ୍ରୀ ଡିପ୍ଲୋମା ବିକ୍ରି କରିବା ସେମାନଙ୍କ ଲକ୍ଷ୍ୟ ହୋଇଗଲା। ଏପରି ଉଚ୍ଚଶିକ୍ଷାପ୍ରାପ୍ତ ଯୁବଗୋଷ୍ଠୀ କିପରି ଜିଡିପି ଅଭିବୃଦ୍ଧିରେ ସାହାଯ୍ୟ କରିବେ?

ପିଲାମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସରକାର ଚିନ୍ତିତ ହେଲେ, କିନ୍ତୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସେହି ଲାଭଖୋର କମ୍ପାନୀ-ମାଲିକଙ୍କ ହାତରେ ଛାଡି ଦିଆଗଲା, ତେଣୁ ପୁଣି ସାର୍ଟିଫିକେଟ୍ ବିକିବା କାମ ମୁଖ୍ୟ ହୋଇଗଲା, କମ୍ପାନୀଗୁଡ଼ିକ ତାଲିମ କେନ୍ଦ୍ରର ଉପସ୍ଥାନ ଖାତା ଉପରେ ନିର୍ଭର କରି ପିଲାଙ୍କ ସଂଖ୍ୟା ଉପରେ ସରକାରଙ୍କଠାରୁ ପଇସା ପାଇଗଲେ, ତଥାକଥିତ ତାଲିମ ପାଇ ଦକ୍ଷତା ପାଇଥିବା ପିଲାମାନଙ୍କୁ ତାଲିମ ଦେଇଥିବା କମ୍ପାନୀଗୁଡ଼ିକ ବି ନିଯୁକ୍ତି ଦେଲେ ନାହିଁ, ଏବେ ବି ଶହ ଶହ କାର୍ଯ୍ୟଦକ୍ଷତା ସାର୍ଟିଫିକେଟ୍ ପାଇଥିବା ପିଲାଏ ଏ ଦ୍ୱାର ସେ ଦ୍ୱାର ହେଉଛନ୍ତି। ଡିମୋଗ୍ରାଫିକ୍ ଡିଭିଡେଣ୍ଡ କୁଆଡେ ଗଲା? ଗୋଷ୍ଠୀ କାମ ପାଉନାହିଁ ତ ସେମାନେ କିପରି ଜିଡିପି ଅଭିବୃଦ୍ଧିରେ ଯୋଗଦାନ କରିବେ?

ମାନୁଫାକ୍ଚରିଂ ଇଣ୍ଡଷ୍ଟ୍ରି ଯୋଗୁ ଚାଇନା ପୃଥିବୀରେ ଶ୍ରେଷ୍ଠ ସ୍ଥାନ ଲାଭ କରିଛି। ଚାଇନା ତିଆରି ସାମଗ୍ରୀ ପୃଥିବୀସାରା ବ୍ୟାପିଛି। ଆମ ଲୋକେ ମାନୁଫାକ୍ଚରିଂ ଅପେକ୍ଷା କନଷ୍ଟ୍ରକ୍ସନ୍ କାମରେ ଲାଗିଛନ୍ତି, ପ୍ରଦେଶ ବାହାରେ ସହରୀବାବୁମାନଙ୍କ ଘରେ ପାଇଟି ବା କମ୍ପାନୀଗୁଡ଼ିକର ମଇଳା ସଫା କରିବା କାମରେ ଲାଗିଛନ୍ତି। ମୁଣ୍ଡରେ ଇଟା ବୋହିବା ବା ତଳକୁ ଚାହିଁ ସଫାକାମ କରିବା ଯୁବତୀ ଯୁବକ ଉପରକୁ ଚାହିଁବା ଛାଡି ଦେଲେଣି। ଦେଖିବାକୁ ରହିଲା, ବର୍ତ୍ତମାନର ସରକାର ନୂଆ ଶିକ୍ଷାନୀତିରେ କିପରି ଡିମୋଗ୍ରାଫିକ୍ ଡିଭିଡେଣ୍ଡ ଆଦାୟ କରୁଛନ୍ତି!

Email:sahadevs@yahoo.com

# କରୋନା କାଳର ନୀରବ କଥା



ସାରଦା କର

ମସ୍ତିଷ୍କର ପ୍ରତିକ୍ରିୟା ଫଳ ସ୍ୱରୂପ ଆଖି ପଛରେ ଥିବା ଟିୟରଡକ୍ଟରୁ ଝରିଆସୁଥିବା ଅମ୍ଳମିଶା ଲୁହ ଦ୍ୱାରା ଆଖିର ପଟଳ ସଫା ହୋଇଯାଏ। ଭାରତୀୟ ଦର୍ଶନ ଆଉ ଏକ ପାଦ ଆଗକୁ ଯାଇ ତା'ର ଅଶ୍ରୁଳ ଆଖି ପୋଛି ଦେଖେ ଭୂମିରୁ ଭୂମା ପର୍ଯ୍ୟନ୍ତ ବିସ୍ତାରିତ ହାତରେ ପ୍ରଭୁ ଜଗନ୍ନାଥ ବନ୍ଧୁ ମହାନ୍ତି କି ଭକ୍ତ ଦାସିଆ ହାତରୁ ପ୍ରଣାମୀ ଗ୍ରହଣ କରୁଛନ୍ତି। କୋଭିଡ୍ ସଂକ୍ରମଣରେ ଅସହାୟ ମଣିଷ ସରକାରଙ୍କୁ ହାତ ଯୋଡୁଥିବାବେଳେ ଆଉ ଦୈନନ୍ଦିନ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଥିବାବେଳେ ସରକାର ପ୍ରସଙ୍ଗଠାରୁ ଦୂରେଇ ଯାଇ ପଡ଼ୋଶୀ ଦେଶରେ କେତେ ଆମ ଦେଶରେ କେତେ ତୁଳନା କରି, ଦେଶ ଜିତିବ କହି ନିସ୍ତରି ଯିବାକୁ ଚାହୁଁଛନ୍ତି। ସରକାର ଜାଣିବା ଉଚିତ୍, ରାସ୍ତାକଡ଼ର ବେସାହାରା, ଭୋକିଲା, ରଣଚପଟରେ ଆତ୍ମହତ୍ୟାକୁ ଅପେକ୍ଷାରତ ଲୁହ ଆଖିଆ ମଣିଷଗୁଡ଼ାକଙ୍କ ଲୁହ ଶାଶୁଘର ଯିବା ଝିଅ ଲୁହ ନୁହେଁ। କିମ୍ବା ଫେସ୍‌ବୁକ୍ କି ମଞ୍ଚ ନାଟକ ପ୍ରେମିକା ଆଖିର ଅମୃତାଞ୍ଜନ ବୋଳା ଲୁହ ନୁହେଁ।

ସରକାର କହୁଛନ୍ତି କରୋନା ହାରିବ, ମଣିଷ ଜିତିବ। କିଛି ମଣିଷ ଏବେ ଆମ ଦେଶରେ ଜିତିସାରିଲେଣି ବିଲିୟନେୟାର ହେବାରେ। କିଏ ସରକାରଙ୍କ ନାଁ ଧରି ଔଷଧ ବାହାର କରିସାରିଲାଣି କହି ଅପେକ୍ଷାରତ ଆଉ କିଏ ମାସ୍କ, ସାନିଟାଇଜର ବ୍ରାଣ୍ଡିଂ କରି ମହାଧନୀ। ୬ ମାସର ମାଗଣା ରାଶନ ଖିଆ ଆଉ ସରକାରୀ ଚାକିରିଆଙ୍କୁ ଛାଡ଼ିଦେଲେ ଲୁହ-ଲହୁରେ ଏକାକାର ହେଉଥିବା ଦେଶବାସୀ ଗୋଟିଏ ସଂଖ୍ୟାଲଘୁରେ ପରିଣତ ହୋଇସାରିଲେଣି। ଭିକ୍ଟୋରିଆ ଯୁଗର ଇଂରାଜୀ କବି ଆଲ୍‌ଫ୍ରେଡ୍ ଲର୍ଡ ଟେନିସନ୍ ତାଙ୍କ ରଚିତ 'ଟିୟର୍ସ, ଆଇଡିଲ୍ ଟିୟର୍ସ'ରେ ଲେଖିଥିଲେ, ''ସମୟର ପ୍ରବାହ ଓ ବନ୍ଧୁମାନଙ୍କ ବିଚ୍ଛେଦରେ ତାଙ୍କ ଆଖିର ଲୁହ ଶୁଖିଯାଏ।'' ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଓ ମୃତକଙ୍କ ସଂଖ୍ୟା ୭୭ ହଜାର ଟପିଲାଣି। ଆଗକୁ ଆହୁରି ବଢ଼ିବ ବୋଲି ଶାକୁନ କଲେଣି ଡବ୍ଲ୍ୟୁଏଚ୍‌ଓ।

'ଆଖୋଁ ମେଁ ଆ ଗଏଥେ ଆଁସୁ, ମେଁ ଦେଖତାହିଁ ରହା। ବଢ଼ା ନା ସକା ହାଥ୍ ପୋଛନେକୋ, ମେଁ ଦେଖ୍‌ତାହିରହା।' କବି ଆଲୋକଙ୍କର ସେହି ପ୍ରେମକବିତା ପ୍ରଭୁ ଶ୍ରୀରାମଙ୍କ ବିଳାପକୁ ପ୍ରତିପାଦନ କରୁଥାଇପାରେ। ମାତଙ୍ଗ ଋଷିଙ୍କ ଶିଷ୍ୟା ଶବରୀ ଆଖିର ଲୁହ ପୋଛିବାର ସମର୍ଥ ହାତଟା ପତ୍ନୀ ସୀତାଙ୍କ ଆଖିର ଲୁହ ପୋଛି ନ ପାରି ନିଶ୍ଚୟ ଭାଙ୍ଗିପଡ଼ିଥିବେ ଶ୍ରୀରାମ। କରୋନା ବିପର୍ଯ୍ୟୟ କାଳରେ ନାରୀ ପ୍ରତି ବଢୁଥିବା ଅସହିଷ୍ଣୁତା, ଘରୋଇ ହିଂସା ସଂପୃକ୍ତିରେ ସରକାର ଯେତେ ମନର କଥା ମାଧ୍ୟମରେ ଦେଶକୁ ଆଶ୍ୱାସନା ଦେଲେ ବି ସରକାରଙ୍କ ଆଖି ତଳର ଲୁହ ବାରି ହୋଇପଡୁଛି। ଅଗଷ୍ଟ ୫ ତାରିଖ ରାମ ମନ୍ଦିର ପ୍ରତିଷ୍ଠା ଦିନ ଦେଶକୁ ସମ୍ବୋଧନ କରି ମୋଦି ଅନୁରୋଧ କରିଥିଲେ କି ଗୋଟିଏ ଦିନ ଦୀପ ପ୍ରଜ୍ୱଳନ କରିବା ସହ ଆମିଷ ନ ଖାଇବାକୁ। ଗୋଟିଏ ଦିନ ଅନ୍ତତଃ ମଦ ବନ୍ଦ କରି ଘରୋଇ ହିଂସାରେ ଭାଙ୍ଗିପଡୁଥିବା ନାରୀ ଆଖିର ଲୁହକୁ ପୋଛି ପାରିଥାନ୍ତେ ସରକାର। ପ୍ରାଚୀନ କିମ୍ବଦନ୍ତୀ 'ଅମୃତ ଫଳ' ଉପାଖ୍ୟାନ ବର୍ଣ୍ଣିତ ଉଜ୍ଜୟିନୀର ଲୋକପ୍ରିୟ ଶାସକ ଭର୍ତ୍ତୃହରି ରାଜସଭାର ନର୍ତ୍ତକୀ ହାତରୁ ଅମୃତ ଫଳଟିଏ ପ୍ରତ୍ୟାବର୍ତ୍ତନ ହେବାରେ ତାଙ୍କ ଆଖିରେ ଲୁହ ଆସିଗଲା ସେଦିନ। ସେହି ମୁହୂର୍ତ୍ତରୁ ଚକ୍ରବର୍ତ୍ତୀର ମୋହ ତୁଟାଇ ରାଜା ସନ୍ନ୍ୟାସ ନେଲେ। ଏ ଦେଶର ନାରୀ ସେହି ଅମୃତ ଫଳ ମାଗଣା ଅନ୍ନ, ରାଶନ କାର୍ଡଟି ସରକାରଙ୍କୁ ଫେରେଇବା ଯେବେ ଆରମ୍ଭ କରିବେ ସରକାରଙ୍କ ଆଖିରେ ଲୁହ ଆସିବା ନିଶ୍ଚିତ।

ମଣିଷ କେବେଠାରୁ ଓ କେମିତି କାନ୍ଦି ଶିଖିଲା ଅବା କେଉଁ ଆବାହମାନ କାଳରୁ କାନ୍ଦର ଶୈଳୀ ନିର୍ଣ୍ଣୟ କରାଗଲା ତା'ର ହିସାବ କିଏ ରଖିଛି! ତେବେ କାନ୍ଦିବା କ'ଣ ହସିବାର ବିକଳ୍ପ ନା କାନ୍ଦିବା ଅନିବାର୍ଯ୍ୟ, ବିଧାତା ନିର୍ଦ୍ଦିଷ୍ଟ? ଗୋଟିଏ କଥା ସ୍ପଷ୍ଟ ଯେ ଯନ୍ତ୍ରଣା ଉପଶମ ପାଇଁ କାନ୍ଦିବା ଆଉ ହସି ହସି ଲୁହ ନିଗାଡ଼ିବା ଦୁଇଟିଯାକ ମଣିଷ ହୃଦୟର କଥା। କାନ୍ଦିବା ହୃଦୟର ପରିଭାଷା ନିଶ୍ଚୟ। କରୋନାଜନିତ ତାଲା ବନ୍ଦ ହେତୁ ଫସଲ ବିଲମୁଣ୍ଡରେ ଅମଳ ନ ହୋଇ ପଡ଼ିରହିବା ଏବଂ ଅଭାବୀ ବିକ୍ରି ହେବା ଦ୍ୱାରା ଚାଷୀ ଆଖିରେ ଲୁହ ଆଣିଥିବ। ୨୦୧୬ ଫେବୃୟାରୀ ୨୮ ବରେଲିଠାରେ ସମ୍ବୋଧନ କରି ଚାଷରେ ଦେଶକୁ ଦୁଇଗୁଣା ସ୍ୱପ୍ନ ଦେଇଥିବା ଭାରତ ସରକାରଙ୍କ ଆଖି ଲୁହ ଆଖିରେ ମରୁଥିବ। ପର୍ଯ୍ୟାପ୍ତ ଚାଷ ଜମି, ବ୍ୟବସାୟ କି ସରକାରୀ ଚାକିରି ଥାଇ ସ୍ୱଚ୍ଛଳ ବର୍ଗର ଲୋକ ଭତ୍ତା ଏବଂ ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ଲୁଟୁଥିବାବେଳେ ବାଡ଼ି ଏଣ୍ଡୁଅ ପରି ସରକାର ଜଳ ଜଳ ଚାହିଁଥିବା ଆଉ ନିଜ ଲୋକ ବୋଲି କିଛି ନିଷ୍ପତ୍ତି ନେଇପାରୁ ନ ଥିବାକୁ ଆମେ ନା ଅନିବାର୍ଯ୍ୟ ନା ବିଧାତାକୃତ କହିପାରିବା। ମନ୍ଦିର ପାଇଁ ହଜାର ହଜାର କୋଟି ଆଶାବାନ୍ଧିଥିବା ସରକାର ଧର୍ମଦ୍ୱାହିରେ କରୋନା ଆକ୍ରାନ୍ତ ମଣିଷ ପାଇଁ ନିଜ ପରାକ୍ରମକୁ ଫାଙ୍କି ଦେବାକୁ ବସିଲେଣି।

ଜଣେ ନେତାଙ୍କ ବିୟୋଗରେ ବେଢ଼ିପଡ଼ିଥିବା ପୁଷ୍ପାଳକ ସ୍ୱେଚ୍ଛାସେବୀ ସେବକମାନେ ସମସ୍ତେ ଯେ ହିତାଧିକାରୀ ନୁହନ୍ତି, ହେଲେ ଲୁହ ଗଡ଼େଇବାବେଳେ ଖାଉ-ଅଖାଉ ଏକାଠି। ଯଦି ଗଣତନ୍ତ୍ର ଗୁଣଯୁକ୍ତ ହୁଏ ଗଣଲୁହର ନିର୍ଯାସରେ ଆଉ ତାହା ଦାଣ୍ଡ ସୁନ୍ଦର ହୁଏ ତେବେ ସେ ଲୁହକୁ ବୋହିବାକୁ ଦିଅ। ପେଟର ଭୋକ ଓ ସର୍ବନିମ୍ନରୁ ବଞ୍ଚିତ ହେବାରେ କଣ୍ଠଫଟା ଚିତ୍କାର ସହ ଆଖିରୁ ଦୁଇଧାର ଲୁହ ବାହାରିଆସୁଥିବାର ଦେଖି ଯଦି ଗଣମାଧ୍ୟମ ପୃଷ୍ଠା ମଣ୍ଡନ କରୁଛି ତେବେ ସେ ଲୁହକୁ ବିଜୟର ଲୁହ ଭାବି ବୋହିବାକୁ ଦଅ (ପେଟର ଭୋକ ଆଉ ଅବହେଳା ଯଦି ସ୍ୱୀକାର ନ ହୁଏ ତେବେ କାନ୍ଦିବା ଭଲ)। କରୋନା ମହାମାରୀରେ ଭାରତର ୩୭ ଭାଗ ନିଯୁକ୍ତି ବଞ୍ଚିତ ମଣିଷ ଓ ଜାତିସଂଘ ଅନୁସାରେ ପୃଥିବୀରେ ସୃଷ୍ଟି ହେବାକୁ ଥିବା ୧୪୦ମିଲିୟନ୍ ଭୋକିଲାଙ୍କ ମଧ୍ୟରୁ ଭାରତରେ ସର୍ବାଧିକ ହେବାକୁ ଥିବାର ଆକଳନ ସରକାରଙ୍କୁ ଅଡୁଆରେ ପକାଇଥିବେ। ଦେଶର ସରକାର ଖାଦ୍ୟ ନିରାପତ୍ତାର ସମସ୍ତ ବ୍ୟବସ୍ଥା କରି ଭୋକିଲା ପେଟ ରଖି ନ ଥିବା କହିବା ଲୁହ ପୋଛିଦେବାର ଗୋଟେ ଭଲ କଳା-କୌଶଳ କଥା।

୧୩୫ କୋଟି ଜନତାଙ୍କ ମଧ୍ୟରୁ ୮୦ କୋଟିକୁ ୫ ମାସର ମାଗଣା ୨୦ କେଜି ଚାଉଳ, ୫ କେଜି ଡାଲିର ରାଶନ ବ୍ୟବସ୍ଥା, ତେବେ ଅନ୍ୟ ସମସ୍ତ ୫୫ କୋଟି ଲୋକ କ'ଣ ପୁଞ୍ଜିପତି, ଶିଳ୍ପପତି, ସର୍ବଭାରତୀୟ ସେବା ନିଯୁକ୍ତ ନା ସରକାରୀ ଚାକିରିଆ? ଅଧିକାଂଶ ଘରୋଇ ଚାକିରିଆ ଓ ନିମ୍ନମଧ୍ୟବିତ୍ତ କରୋନା କାଳରେ ସର୍ବହରା। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ୯ କୋଟି ପାଖ କୃଷକଙ୍କୁ ମୁଣ୍ଡପିଛା ୨ ହଜାର କରି ଦିଆଯାଇଛି। ତେବେ ଅନ୍ୟୂନ ୮୦ କୋଟି ଥିବା ଦେଶରେ ସେହି ଭାଗ୍ୟବାନ୍ ୯ କୋଟି କିଏ ଏବଂ ସରକାରଙ୍କ ଧନ ହଜମ କରୁଛନ୍ତି ତାହାର ତଥ୍ୟ ଟିକିଏ ପ୍ରକାଶ କରିବେ କି?

ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତର ଦେଶରେ ୮୭ ମିଲିୟନ୍ ଗରିବ ଶିଶୁ ସୃଷ୍ଟି ହେବାର ୟୁନିସେଫ୍ ଆକଳନ ଆଧାରରେ ଭାରତର ଭାଗ କେତେ ସରକାର ସ୍ପଷ୍ଟ କରନ୍ତୁ। ସରକାର ଶିଶୁମାନଙ୍କ ନିରାପତ୍ତା ବାର୍ତ୍ତା ଦେଉଥିବାବେଳେ ଦିଲ୍ଲୀ ସମେତ ଅନ୍ୟ କେତେକ ସ୍ଥାନରେ ଶିଶୁ ନିରାପତ୍ତା ବିପର୍ଯ୍ୟସ୍ତ ହୋଇଛି। ମଦ, ନିଶା, ରାଜନୈତିକ ପକ୍ଷପାତିତାକୁ ରୋକ ନ ଲଗାଇ କୁମ୍ଭୀର କାନ୍ଦଣା କାନ୍ଦିଲେ ଏ ଦେଶର ଜନତା ଠିକଣା ସମୟରେ ସରକାରଙ୍କୁ କନ୍ଦେଇପାରନ୍ତି।

ମୋ- ୮୨୪୯୮୨୭୧୪୮

## ଏଇ ଭାରତରେ

କାଶ୍ମୀରରେ କେବଳ ଗୁଳିଗୋଳାର ଶବ୍ଦ ଶୁଭୁନାହିଁ, ଶୁଭୁଛି ଶିକ୍ଷାର ସ୍ୱର। ଭିନ୍ନ ଉପାୟରେ ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିପାରିଛନ୍ତି ରୁହି ସୁଲତାନ। ସେ ଶ୍ରୀନଗରର କାଶିପୋରାସ୍ଥିତ ବଏଜ ମିଡଲ ସ୍କୁଲର ଶିକ୍ଷୟିତ୍ରୀ ରହିଛନ୍ତି। ବୟସ ୪୭। ସେ ଉର୍ଦ୍ଦୁ ଓ କଶ୍ମୀର ଭାଷାରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ଗରିବ ଗୁଜ୍ଜର ଓ କୈବର୍ତ୍ତ ସମ୍ପ୍ରଦାୟର ପିଲାମାନଙ୍କୁ ଶିକ୍ଷା ଦେବା ଲାଗି ଭିନ୍ନ ଧରଣର ଶିକ୍ଷା ଉପକରଣ ପ୍ରସ୍ତୁତ କରିଛନ୍ତି। ସାବୁନ ଖୋଳ, ଆମ୍ବ ଟାକୁଆ, ପ୍ଲାଷ୍ଟିକ୍ ବୋତଲ, ଖାଲିଥିବା ଟେଟ୍ରାପ୍ୟାକ ଏପରି କି ଥର୍ମକୁଲ ପ୍ୟାକିଂ ମ୍ୟାଟେରିଆଲରୁ ଏହି ସବୁ ଉପକରଣ ପ୍ରସ୍ତୁତ କରୁଛନ୍ତି। ଏହା ମାଧ୍ୟମରେ ସେ ପିଲାମାନଙ୍କୁ ପଢାଉଛନ୍ତି। ଏହି ସବୁ ବର୍ଜ୍ୟ ଜିନିଷ ବିଭିନ୍ନ ଦୋକାନରୁ ସଂଗ୍ରହ କରୁଛନ୍ତି। ସେ କଲିଗ୍ରାଫି ଆର୍ଟିଷ୍ଟ ହୋଇଥିବାରୁ ବର୍ଜ୍ୟକୁ ଉପଯୋଗ କରି ବିଭିନ୍ନ ଆକର୍ଷଣୀୟ ଉପକରଣ ତିଆରି କରୁଛନ୍ତି, ଯାହା ପ୍ରତି ପିଲାମାନେ ଆକୃଷ୍ଟ ହୋଇ ସ୍କୁଲ ଆସୁଛନ୍ତି। ପ୍ଲାଷ୍ଟିକ ବୋତଲକୁ ରଙ୍ଗାଇ ଏକ ଅକ୍ଷର ଭଳି କରି ପିଲାଙ୍କୁ ବୁଝାଉଛନ୍ତି। ସାବୁନ ଖୋଳ ବ୍ୟବହାର କରି ଗଣିତ ପଢ଼ାଉଛନ୍ତି। ରଙ୍ଗର ଧାରଣା ଦେବାକୁ ଯାଇ ଆମ୍ବ ଟାକୁଆକୁ ବିଭିନ୍ନ ରଙ୍ଗରେ ରଙ୍ଗାଉଛନ୍ତି। ରୁହିଙ୍କ ଏହି ଶିକ୍ଷା ପଦ୍ଧତିକୁ ଅନ୍ୟ ଶିକ୍ଷକମାନେ ବି ଅନୁକରଣ କରିବା ଆରମ୍ଭ କରି ପଢ଼ାଉଛନ୍ତି। ବହୁ ସମୟରେ ସେ ପିଲାମାନଙ୍କ ଘରକୁ ଯାଇ ପଢ଼ାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ସେପ୍ଟେମ୍ବର ୧୯୯୫**

- ଦକ୍ଷିଣ ଚାଇନାର କୁଆନଝି ପ୍ରଦେଶରେ ଏକ ବସ୍ ନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୨୨ଜଣ ପ୍ରାଣ ହରାଇଛନ୍ତି।
- ନେପାଳୀ କଂଗ୍ରେସର ନେତା ଶେର୍ ବାହାଦୂର୍ ଦେଉବା ଦେଶର ନୂତନ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।
- ହିମାଚଳ ପ୍ରଦେଶର କୁଲୁଠାରୁ ୩ କିଲୋମିଟର ଦୂର ଲୁକାଡିଭଛିଠାରେ ଏକ ବଡ଼ ଧରଣର ମାଟି ଅତଡ଼ା ଖସି ୮୦ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି।
- ଓଡ଼ିଶା ହାଇକୋର୍ଟର ଏକମାତ୍ର ମହିଳା ବିଚାରପତି ଥିବା ଜଷ୍ଟିସ୍ ଅମୀୟ କୁମାରୀ ପାଢ଼ୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | B | D | | | | 4 | | 0 | | | | |
| | 2 | 0 | | | 6 | | | | | | | 4 | 3 | C |
| 3 | D | | | | 0 | 2 | | | | 6 | | | | E |
| | | | | | | | | | 1 | 8 | | | | 0 |
| | | | | C | 9 | | | | A | | | 7 | | |
| C | | 4 | A | 7 | | | | | | | | | | |
| | B | 3 | | 4 | 8 | C | E | | | | | | 9 | 2 |
| | | 2 | | | | 4 | | | | E | 9 | | B | |
| | A | | 6 | | C | | | | | | | 1 | | D |
| E | | D | 1 | | 2 | 8 | | | | | | | 5 | 3 |
| | | A | | 8 | 4 | | D | | | | C | | | 1 |
| 1 | 7 | | | 3 | A | 5 | C | | | | | | E | |
| B | | | C | | | 0 | 2 | | | 7 | 5 | | | A |
| 6 | | | 5 | | 7 | 9 | | | B | | | | | 8 |
| | | | | | | | | | | 1 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 4 | 9 | 0 | D | 3 | 7 | 5 | 2 | 1 | E | B | C | A | 8 |
| C | 2 | 8 | 1 | 6 | 7 | E | A | 3 | 9 | 0 | D | 5 | 4 | B |
| B | E | 3 | 5 | 2 | 4 | 1 | 6 | D | A | 8 | C | 7 | 0 | 9 |
| 1 | 7 | A | 9 | B | 8 | C | 0 | 4 | 2 | 5 | 3 | E | 6 | D |
| 5 | 0 | D | E | C | A | B | 9 | 8 | 6 | 4 | 7 | 2 | 3 | 1 |
| E | 3 | 6 | D | 9 | 5 | 8 | 7 | 0 | B | C | 4 | A | 1 | 2 |
| 2 | A | 1 | 6 | E | C | 3 | 4 | 5 | D | 9 | 0 | B | 8 | 7 |
| 7 | 5 | C | 4 | A | 0 | 9 | E | B | 8 | 1 | 2 | 6 | D | 3 |
| D | 8 | 0 | B | 3 | 1 | A | 2 | 6 | E | 7 | 5 | 4 | 9 | C |
| 4 | 9 | B | 7 | 8 | 2 | D | 1 | C | 3 | A | 6 | 0 | 5 | E |
| 9 | B | 5 | 2 | 7 | 6 | 4 | D | A | C | 3 | 1 | 8 | E | 0 |
| 0 | 6 | 7 | A | 1 | B | 2 | 8 | 9 | 5 | D | E | 3 | C | 4 |
| 3 | C | E | 8 | 0 | D | 5 | B | 7 | 4 | 6 | 9 | 1 | 2 | A |
| 8 | 1 | 2 | 3 | 4 | 9 | 6 | C | E | 0 | B | A | D | 7 | 5 |
| A | D | 4 | C | 5 | E | 0 | 3 | 1 | 7 | 2 | 8 | 9 | B | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପରିତ୍ୟାଗ କରିବା ଜରୁରୀ

ମହାଶୟ,

ଆଗେ ଅନେକ ଲୋକ ଖୋଲା ପଡ଼ିଆରେ ନଦୀକୂଳରେ, ରାସ୍ତାକଡ଼ରେ, ବିଲବାଡ଼ିରେ ମଳତ୍ୟାଗ କରୁଥିଲେ। ନଈ, ପୋଖରୀ, ଗଡ଼ିଆ, କେନାଲ ଆଦିରେ ସ୍ନାନ କରୁଥିଲେ। ପରିବେଶ ଦୂଷିତ ହୋଇ ଝାଡ଼ାବାନ୍ତି ହଇଜା ଆଦି ସଂକ୍ରାମକ ରୋଗ ବ୍ୟାପୁଥିଲା। ଏହାକୁ ରୋକିବା ଲାଗି ସରକାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଘରେ ଘରେ ପାଇଖାନା ନିର୍ମାଣ ପାଇଁ ସହାୟତା କଲେ। କିନ୍ତୁ କିଛି ଲୋକ ପୁରୁଣା ଅଭ୍ୟାସ ସହଜରେ ପରିତ୍ୟାଗ କରିପାରୁ ନାହାନ୍ତି। ପାଇଖାନାକୁ ବ୍ୟବହାର ନ କରି ଘରର ଅଳିଆ ଆବର୍ଜନା ଜାଳେଣି ଆଦି ସେଥିରେ ରଖୁଛନ୍ତି। ବାହାରେ ବର୍ଜ୍ୟବସ୍ତୁ ପକାଇବା ଦ୍ୱାରା ପରିବେଶ ଦୂଷିତ ହେଉଛି। ଚିକେନ୍ ମଟନ୍ ଆଦି ବିକ୍ରି କରୁଥିବା ବ୍ୟବସାୟୀ ବର୍ଜ୍ୟବସ୍ତୁଗୁଡ଼ିକୁ ଜନବସତି ନିକଟରେ ପକାଉଛନ୍ତି, ଯଦ୍ୱାରା ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଆମେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ ସମାଜର ପ୍ରତ୍ୟେକ ବ୍ୟକ୍ତିର ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ସହଯୋଗ କରିବା ଆବଶ୍ୟକ। ନଚେତ୍ ଆମେ ସମସ୍ତେ ହାତ ଧରାଧରି ହୋଇ ରୋଗକୁ ଆମନ୍ତ୍ରଣ କରିବା। ପୁରୁଣା ଅଭ୍ୟାସ ପରିତ୍ୟାଗ କରିବାକୁ କୁଣ୍ଠାବୋଧ କାହିଁକି?

ସୁକାନ୍ତ କୁମାର ମିଶ୍ର
ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ।
(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୬୭ ଆକ୍ରାନ୍ତ, ୫୦ ସୁସ୍ଥ

**ଢେଙ୍କାନାଳ ଅଫିସ,୧୨।୯:** ଢେଙ୍କାନାଳ ଜିଲାରେ ଶନିବାର ୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫୦ଜଣ ସୁସ୍ଥ ହୋଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରେ ୧୫, ଭୁବନ ବ୍ଲକରେ ୬ ଓ ଏନ୍‌ଏସିରେ ୨, ପରଜଙ୍ଗ ବ୍ଲକରେ ଜଣେ, ସଦର ବ୍ଲକରେ ୧୨, ଓଡାପଡା ବ୍ଲକରେ ୮, ଗଁଦିଆ ବ୍ଲକରେ ୭, ହିନ୍ଦୋଳ ବ୍ଲକରେ ୪, କାମାକ୍ଷାନଗର ଏନ୍‌ଏସିରେ ୪ ଓ ବ୍ଲକରେ ଜଣେ ରହିଛନ୍ତି। କଟକ ଓ ଭୁବନେଶ୍ୱର ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ୭ ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ଓ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୪୬୫ ହୋଇଥିବାବେଳେ ସମୁଦାୟ ୧୯୪୬ଜଣ ସୁସ୍ଥ ହୋଇ ଫେରିଛନ୍ତି।

### ଅନୁଗୋଳ: ୯୧ ପଜିଟିଭ୍

**ଅନୁଗୋଳ ଅଫିସ, ୧୨।୯:** ଅନୁଗୋଳ ଜିଲାରୁ ଶନିବାର ୯୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ ହଜାର ୭୩୧ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ପୌରପାଳିକାରୁ ୨୮, ତାଳଚେର ବ୍ଲକରୁ ୧୫ ଓ ପୌରାଞ୍ଚଳରୁ ୯, କିଶୋରନଗରରୁ ୯, ପାଲଲହଡାରୁ ୭, ଅନୁଗୋଳ ବ୍ଲକରୁ ୭, ବଅଁରପାଳରୁ ୭ ଜଣ, କଣିହାଁରୁ ୫, ଆଠମଲ୍ଲିକରୁ ୩ ଓ ଛେଣ୍ଡିପଦା ବ୍ଲକରୁ ଜଣେ ରହିଛନ୍ତି। ଲକ୍ଷଣ ଯୁକ୍ତଙ୍କୁ କୋଭିଡ ହସ୍ପିଟାଲ ପଠାଯାଇଥିବାବେଳେ ଲକ୍ଷଣବିହୀନଙ୍କୁ ଘରେ ଆଇସୋଲେଶନରେ ରହିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲାରେ ଆଉ ୧୬ ଜଣଙ୍କୁ ମିଶାଇ ମୋଟ ୫୯୮ ଜଣ ସୁସ୍ଥ ହୋଇଛନ୍ତି।

### ପୋଖରୀରେ ବୁଡ଼ି ଜଣେ ମୃତ

**ଢେଙ୍କାନାଳ ଅଫିସ,୧୨।୯:** ଢେଙ୍କାନାଳ ଜିଲା ସଦର ଥାନା ହଳଦିବାରୀ ଅଞ୍ଚଳରେ ଶନିବାର ଅପରାହ୍ନରେ ପୋଖରୀରେ ବୁଡ଼ି ରାଜ କିଶୋର ପ୍ରଧାନ(୫୫)ଙ୍କ ମୃତ୍ୟୁ ଘଟିଛି। ସେ ଶୌଚ ହେବାକୁ ପୋଖରୀକୁ ଯାଇଥିବା ବେଳେ ତାଙ୍କ ଗୋଡ ଖସି ଯାଇଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ।

### ଭୁବନ ଥାନାର ୮ ଆକ୍ରାନ୍ତ

**ଭୁବନ, ୧୨।୯(ଡି.ଏନ.ଏ):** ଢେଙ୍କାନାଳ ଜିଲା ଭୁବନ ଥାନାର ୮ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ଜଣେ କନଷ୍ଟେବଲ ପଜିଟିଭ୍ ବାହାରିବା ପରେ ଶନିବାର ସମସ୍ତ କର୍ମଚାରୀ ଭୁବନ ଡାକ୍ତରଖାନାରେ ଆଣ୍ଟିଜେନ ଟେଷ୍ଟ କରାଇଥିଲେ। ସେମାନଙ୍କ ମଧ୍ୟରୁ ଆଉ ୭ ଜଣ ପଜିଟିଭ୍ ବାହାରିଛନ୍ତି। ତେଣୁ ଜରୁରୀ କାମ ନ ଥିଲେ ଲୋକଙ୍କୁ ଥାନା ପରିସରରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ କହିଛନ୍ତି। ଥାନାର ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ଅସ୍ଥାୟୀ ଭାବେ ୩ ଜଣ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

### ଡାକ୍ତର ନିଯୁକ୍ତି ଦାବି

**ଛେଣ୍ଡିପଦା,୧୨।୯(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ସ୍ତ୍ରୀ ରୋଗ ବିଶେଷଜ୍ଞ। ଫଳରେ ଏହା ଉପରେ ନିର୍ଭର କରୁଥିବା ମହିଳାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହି ପଦବୀରେ ଡାକ୍ତର ନିଯୁକ୍ତି ପାଇଁ ଛେଣ୍ଡିପଦା ଯୁବମଞ୍ଚ ପକ୍ଷରୁ ଦାବି ହୋଇଛି। ଛେଣ୍ଡିପଦା ସମେତ ରିଆମାଳ, କଣିହାଁ ଓ ସମ୍ବଲପୁର ଅଞ୍ଚଳର ମହିଳାମାନେ ସେବା ନ ପାଇ ଘରୋଇ ଚିକିତ୍ସାଳୟରେ ଖର୍ଚ୍ଚାନ୍ତ ହେଉଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଶୀଘ୍ର ଏଠାରେ ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନ କରାଯିବ ବୋଲି ଶୁକ୍ରବାର ମଞ୍ଚ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଚେତବନୀ ଦିଆଯାଇଛି।

### ଟେଷ୍ଟ ପାଇଁ ସ୍ୱାବ୍ ସଂଗ୍ରହ

**ବଇଣ୍ଡା/ଆଠମଲ୍ଲିକ, ୧୨।୯(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ମୋଟ ୨୪ ଜଣଙ୍କ ସ୍ୱାବ ନିଆଯାଇ କରୋନା ଟେଷ୍ଟ ପାଇଁ ଯାଇଛି। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସରୋଜ କୁମାର ନନ୍ଦ, ନିହାରିକା ନାୟକ, ସେବତୀ ସାହୁ, ସରୋଜ ସାହୁ ପ୍ରମୁଖ ସ୍ୱାବ ନେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ଅଏଡା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ୪୮ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ଡା. ଅଶ୍ୱିନୀ ଖେତୀ ସ୍ୱାବ ନେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର

**ରାଇସୁଆଁ, ୧୨।୯(ଡି.ଏନ.ଏ.)**




ହୁଲି ଡଙ୍ଗାରେ ବସି ଲୋକେ ନଦୀ ପାର ହେଉଛନ୍ତି।

କେନ୍ଦୁଝର ଜିଲାରୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ପାଉଥିଲେ ମଧ୍ୟ ଅନେକ ଗାଁ ଅଛି ଯେଉଁଠି ଗମନାଗମନ ସୁବିଧା ନାହିଁ। ଫଳରେ ଲୋକେ ବର୍ଷାଦିନେ ହୁଲି ଡଙ୍ଗାରେ ବିପଦସଙ୍କୁଳ ଅବସ୍ଥାରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଫୁଲଝର ପଞ୍ଚାୟତର କେନ୍ଦୁଘାଟି ଗ୍ରାମରେ।

ଏହି ଗ୍ରାମରେ ୨ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି। ଏହି ଅଞ୍ଚଳକୁ ବୈତରଣୀ ନଦୀ ଘେରି ରହିଥିବା ବେଳେ ପଛପଟେ ରହିଛି ମଳଦା ନଦୀ। ପାହାଡିଆ ଅଞ୍ଚଳ ହୋଇଥିବାରୁ ବର୍ଷାଦିନେ ଏହି ନଦୀର ସ୍ରୋତ ଖୁବ ପ୍ରଖର। ଏହି ଗ୍ରାମ ବର୍ଷାଦିନେ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇ ରହିଥାଏ। ଗ୍ରାମଠାରୁ ୬କି.ମି. ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ନଦୀ ଆରପଟେ ବିଦ୍ୟାଳୟ ରହିଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକ ଏବଂ ଛାତ୍ରୀଛାତ୍ର ବାଧ ହୋଇ ଏହି ନଦୀରେ ହୁଲିଡଙ୍ଗାରେ ପାରି ହୋଇ ବିପଦସଙ୍କୁଳ ଭାବେ ଯାଇଥାନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ରାଶନ ସାମଗ୍ରୀ ଠାରୁ ଆରମ୍ଭ କରି ବିଭିନ୍ନ ଜରୁରୀ କାମରେ ଏହି ନଦୀ ପାର ହୋଇ ଯାଇଥାନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ଲୋକ କହିଛନ୍ତି ନିର୍ବାଚନ ଆସିଲେ ବିଧାୟକ ଠାରୁ ଏମ୍‌ପି ସମସ୍ତେ ଆସି ପୋଲ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଯାଆନ୍ତି ମାତ୍ର ନିର୍ବାଚନ ସରିଗଲେ ସବୁ ଭୁଲିଯାଆନ୍ତି। ସୂଚନା ଅନୁସାରେ ଏହି ଡଙ୍ଗାରେ ଯେଉଁ ନାଉରିଆ ନଦୀ ପାରି କରନ୍ତି ସେ କେବେ କାହାରିଠୁ ଟଙ୍କା ନିଅନ୍ତି ନାହିଁ। କେବଳ ବର୍ଷକୁ ୨୦ ମାଣ ଧାନ ନେଇଥାନ୍ତି ଏବଂ ସେଥିରେ ପରିବାର ଚଳାଇଥାନ୍ତି। ଏହି ନଦୀରେ ପୋଲ ନିର୍ମାଣ ପାଇଁ ଡିଏମ୍‌ଏଫ ପାଣ୍ଠିରୁ ୮କୋଟି ୨୨ଲକ୍ଷ ୯୩ହଜାର ଟଙ୍କା ମଞ୍ଜୁର ହୋଇଛି। ୨୦୧୭ରୁ ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଆଜିଯାଏ ଏହି ପୋଲ ନିର୍ମାଣ ହୋଇପାରିନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଏବଂ ସରକାର ଦୃଷ୍ଟି ଦେଇ ପୋଲ ନିର୍ମାଣ କରିବାକୁ ବହୁ ଜନସାଧାରଣ ଦାବି କରିଛନ୍ତି।

# ଉପାସରେ ଆକ୍ରାନ୍ତଙ୍କ ପରିବାର

**ଅନୁଗୋଳ ଅଫିସ, ୧୨।୯**



- ୩ ଦିନ ହେଲା ଚୁଲି ଜଳିନି
- ବୃଦ୍ଧାଙ୍କ ସହ ଭୋକରେ ୩ ପ୍ରାଣୀ

ଲୁଗା ଦୋକାନରେ କାମ କରି ପରିବାର ପୋଷୁଥିଲେ ମହିଳା। ସେପଟେ ପର ଘରେ କାମ କରି ମହିଳାଙ୍କ ମା' ମଧ୍ୟ ଦୁଇ ପଇସା ରୋଜଗାର କରିପାରୁଥିଲେ। ହେଲେ କରୋନାରେ ସମ୍ପୃକ୍ତ ମହିଳା ଆକ୍ରାନ୍ତ ହେବା ପରେ ପୁରା ପରିବାରର ଦାନାପାଣି ବନ୍ଦ ହୋଇଯାଇଛି। ୩ ଦିନ ହେଲା ଘରେ ଚୁଲି ଜଳି ନ ଥିବାବେଳେ ଉପାସରେ ପଡିଛନ୍ତି ତିନି ପ୍ରାଣୀ କୁଟୁମ୍ବ, ଯାହା ଅନୁଗୋଳ ସହରରେ ଦେଖିବାକୁ ମିଳିଛି।

ଘଟଣାରୁ ଜଣାପଡିଛି, ମହିଳା ଜଣକ ସହରର ଅମଲାପଡାରେ ଥିବା ଏକ ଲୁଗା ଦୋକାନରେ କାମ କରୁଥିବାବେଳେ ଗତ ୯ ତାରିଖରେ କରୋନାରେ ଆକ୍ରାନ୍ତ ହୋଇଥିବା ଟେଷ୍ଟରୁ ଜଣାପଡିଥିଲା। ସେ ତାଳଚେରରେ ସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଘରେ ଚୁଲି ଜଳିବା ବନ୍ଦ ହୋଇଯାଇଛି। ଅନ୍ୟ ଘରେ କାମ କରୁଥିବା ଆକ୍ରାନ୍ତଙ୍କ ମା'ଙ୍କୁ କାମକୁ ନ ଆସିବାକୁ କୁହାଯାଇଛି। ସେପଟେ ସ୍ଥାନୀୟ ଲୋକେ ମଧ୍ୟ ଆକ୍ରାନ୍ତଙ୍କ ପରିବାରକୁ ଘରୁ ବାହାରିବାକୁ ବାରଣ କରିଥିବା ଅଭିଯୋଗ ହୋଇଛି। ଘରେ ଖାଇବା ପିଇବା ପାଇଁ କିଛି ନ ଥିବାରୁ ଜଣେ ବୃଦ୍ଧାଙ୍କ ସମେତ ୩ ଜଣ ଉପାସରେ ରହୁଥିବା ଆକ୍ରାନ୍ତଙ୍କ ମା' ପ୍ରକାଶ କରିଛନ୍ତି। ପ୍ରଶାସନ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଏ ନେଇ କୌଣସି ସୂଚନା ନାହିଁ। ଖାଇବାକୁ ଦେବା ପାଇଁ ସରକାରଙ୍କ ପକ୍ଷରୁ ନିୟମାବଳୀ ନାହିଁ। ମାନବିକତାକୁ ଦୃଷ୍ଟିରୁ ପଦକ୍ଷେପ ନିଆଯିବ ବୋଲି ପଣ୍ଡା କହିଛନ୍ତି।

## ୩୫ ମାମଲା ଫଇସଲା

**ଢେଙ୍କାନାଳ ଅଫିସ,୧୨।୯**

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ଅଣ୍ଡସ୍ତରୀୟ ଇ-ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଜିଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ଇ-ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ଅଦାଲତରେ ମୋଟ ୩୫ଟି ମାମଲାର ଫଇସଲା କରାଯାଇଛି। ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୧୯ଟି ସହ ବ୍ୟାଙ୍କ ମାମଲାଗୁଡିକର ସମାଧାନ କରାଯାଇଛି। ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ୭୬ ଲକ୍ଷ ୭୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଜରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ଜିଲାର ସମସ୍ତ ଅଦାଲତରେ ୮୬ ହଜାର ୭୦୦ ଟଙ୍କା ଆଦାୟ କରାଯାଇଛି। ଏହି ଅଣ୍ଡସ୍ତରୀୟ ଇ-ଲୋକ ଅଦାଲତରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ବିରଞ୍ଚି କୁମାର ରଥ, ବିଚାରପତି ସୁବାସ କୁମାର ଧଳ, ବିଚାରପତି ସୁଶୀଲ କୁମାର ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଭିଜିତ ପୁରୋହିତ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୈତ୍ରୀ ସାମନ୍ତରାୟ ଓ ନିଶା ଅଗ୍ରୱାଲ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ସୁକାନ୍ତ କିଶୋର ଜେନା ସ୍ଥାୟୀ ଓ ଲୋକ ଅଦାଲତକୁ ପରିଚାଳନା କରିଥିଲେ।

## ମୃତକଙ୍କ ପରିବାରକୁ ମିଳୁନି ସହାୟତା

**ବଇଣ୍ଡା, ୧୨।୯(ଡି.ଏନ.ଏ.)**

ସଡ଼କ ଦୁର୍ଘଟଣାରେ ସ୍ତ୍ରୀଙ୍କ ମୃତ୍ୟୁର ବର୍ଷେ ପରେ ବି ଘୋଷଣା ଅନୁଯାୟୀ ସହାୟତା ରାଶି ମିଳି ନ ଥିବା ଅଭିଯୋଗ ଆଣିଛନ୍ତି ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତ ଝାରବଇଣ୍ଡା ଗ୍ରାମର ସୁବ୍ରତ ମହାପାତ୍ର। ସ୍ତ୍ରୀ ମନ୍ଦାକିନି ମହାପାତ୍ରଙ୍କ ମୃତ୍ୟୁ ପରେ ରେଡ୍‌କ୍ରସରୁ ମିଳିବାକୁ ଥିବା ୨୦ ହଜାର ଟଙ୍କା ଆଜି ପର୍ଯ୍ୟନ୍ତ ମିଳିପାରି ନ ଥିବା ନେଇ ସୁବ୍ରତ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୨୦୧୯ ସେପ୍ଟେମ୍ବର ୧୦ରେ ଦୁର୍ଘଟଣାରେ ମନ୍ଦାକିନୀଙ୍କ ମୃତ୍ୟୁ ଘଟିଥିଲା। ଆଠମଲ୍ଲିକ ବିଧାୟକ ରମେଶ ସାଏଙ୍କ ଅନୁରୋଧ କ୍ରମେ ଆଠମଲ୍ଲିକର ତତ୍କାଳୀନ ଉପଜିଲାପାଳ ଚିଠି ନଂ. ୨୩୫୦ ତା୨୫।୯।୨୦୧୯ ମାଧ୍ୟମରେ ରେଡ୍‌କ୍ରସ୍ ପାଣ୍ଠିରୁ ସୁବ୍ରତଙ୍କ ପରିବାରକୁ ୨୦ ହଜାର ଟଙ୍କା ଯୋଗାଇ ଦେବାକୁ ଜିଲାପାଳ ଓ ଜିଲା ପରିଷଦ ଅଧ୍ୟକ୍ଷାଙ୍କୁ ଅବଗତ କରାଇଥିଲେ। ହେଲେ ତାହା ଆଜିପର୍ଯ୍ୟନ୍ତ ମିଳିପାରିନାହିଁ। ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କୁହନ୍ତି, ସହାୟତା ରାଶି ମଞ୍ଜୁର ହୋଇ ନ ଥିବାରୁ ବୋଧହୁଏ ମିଳିପାରି ନାହିଁ। ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ।

## ରାଜପଥରେ ଟ୍ରକ୍ ଚଳାଚଳକୁ ବିରୋଧ

**କଣିହାଁ, ୧୨।୯(ଡି.ଏନ.ଏ.)**



ଆନ୍ଦୋଳନସ୍ଥଳରେ ଏମ୍‌ପିଙ୍କ ସହ ସାମିଲ ହୋଇଥିବା ଦଳୀୟ କର୍ମକର୍ତ୍ତାମନେ।

**ଆନ୍ଦୋଳନ ପରେ ଆଂଶିକ ମରାମତି**

ଖାଲଖମାରେ ଭର୍ତ୍ତି ହୋଇଛି ଅନୁଗୋଳ ଜିଲା ତାଳଚେର ଉପଖଣ୍ଡ କଣିହାଁ ବ୍ଲକ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ। ଜିଲାବାସୀ ବିଭିନ୍ନ ସ୍ଥାନକୁ ଯିବାଆସିବା ପାଇଁ ଏହି ରାଜପଥ ଉପରେ ନିର୍ଭର କରୁଥିଲେ ହେଁ ଏହାର ମରାମତି ଦିଗରେ ଧ୍ୟାନ ଦିଆଯାଉନାହିଁ। ଫଳରେ ଲୋକେ ବିଭିନ୍ନ ସମୟରେ ଅସୁବିଧାରେ ପଡୁଛନ୍ତି। ବିଶେଷ କରି ଏହି ରାଜପଥ ଦେଇ ପ୍ରତ୍ୟହ ଜିଲାର ବିଭିନ୍ନ କମ୍ପାନୀକୁ କୋଇଲା ଏବଂ ଅନ୍ୟାନ୍ୟ ପରିବହନ ପାଇଁ ଯାତାୟାତ କରୁଥିବା ଟ୍ରକ୍ ଯୋଗୁ ରାସ୍ତା ଆହୁରି କଦର୍ଯ୍ୟ ହୋଇପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ମରାମତି ଦାବିରେ ଶନିବାର ବିଜେଡି ପକ୍ଷରୁ ହରିହରପୁର ପଞ୍ଚାୟତ ଦୁମଦୁମାଠାରେ ଟ୍ରକ୍ ଚଳାଚଳକୁ ବିରୋଧ କରି ଆନ୍ଦୋଳନ କରାଯାଇଥିଲା। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏଥିରେ ସାମିଲ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ, ମାଜିଷ୍ଟ୍ରେଟ ତଥା କଣିହାଁ ତହସିଲଦାର ପତିତପାବନ ଦେବତା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାରଙ୍କୁ ପଚାରିବାରେ କହିଛନ୍ତି, ଟ୍ରକ୍ ଚଳାଚଳକୁ ଆନ୍ଦୋଳନକାରୀ ବନ୍ଦ କରିଥିଲେ। ଏନ୍‌ଟିପିସି ପକ୍ଷରୁ ଆଂଶିକ ଭାବେ ରାସ୍ତା ମରାମତି କରାଯାଇଛି। ସନ୍ଧ୍ୟାରେ ଆନ୍ଦୋଳନ ହଟିଛି। ହରିହରପୁର, ସମଲ ପଞ୍ଚାୟତ ସଭାପତି ସୌଭାଗ୍ୟ ପ୍ରଧାନ, ବିଷ୍ଣୁ ସାହୁ, ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁନୀଲ ପ୍ରଧାନ, ନିର୍ମଳ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉଚ୍ଚସ୍ତରୀୟ ଆଲୋଚନା ପାଇଁ ତାଳଚେର ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୧୨।୯**

ଅନୁଗୋଳ ଥାନା କରଡ଼ାଗାଡ଼ିଆ ମାଟିଆସାହିରେ ଶନିବାର ପାରିବାରିକ କଳହକୁ ନେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ମନହୋର (୨୮), ଘର ମଧ୍ୟପ୍ରଦେଶର ବିଦାଶା ଜିଲାର ବାଙ୍ଗରାଭାଲି ଗ୍ରାମରେ ବୋଲି ସୂଚନା ମିଳିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମନହୋର ୩ ବର୍ଷ ତଳେ ଅନୁଗୋଳର ମାଟିଆସାହିରେ ବିବାହ କରି ରହୁଥିଲେ। ସ୍ତ୍ରୀଙ୍କ ସହ ଝଗଡାକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ଜଣାପଡିଛି।

## ପ୍ରସ୍ତାବିତ ପ୍ରକଳ୍ପରେ ବିନିଯୋଗ ହେବ ପୁରସ୍କୃତ ରାଶି

**ଢେଙ୍କାନାଳ ଅଫିସ,୧୨।୯**

ଢେଙ୍କାନାଳ ଜିଲାକୁ ଆକାଂକ୍ଷା ଜିଲା ଯୋଜନାରେ ପୁରସ୍କାର ବାବଦରେ ମିଳିଥିବା ୩ କୋଟି ଅର୍ଥରାଶି ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ବିନିଯୋଗ କରାଯିବ। ଏହି ପ୍ରସ୍ତାବ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ଶନିବାର ଅନୁମୋଦିତ ହୋଇଛି। ଗତବର୍ଷ ଜୁନ, ଜୁଲାଇରେ ଜିଲା ଭଲ ପ୍ରଦର୍ଶନ କରିଥିବାରୁ ନୀତି ଆୟୋଗ ଦ୍ୱାରା ୩ କୋଟି ଟଙ୍କା ଅର୍ଥ ପୁରସ୍କାର ବାବଦରେ ମିଳିଥିଲା। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଓ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତାଭ କାନ୍ତଙ୍କ ସହ ଆଲୋଚନା କରିବା ପରେ ଏହି ଅନୁମୋଦନ କରାଯାଇଛି। ଜିଲାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୧କୋଟି ୪୫ଲକ୍ଷ, ଶିକ୍ଷା ବ୍ୟବସ୍ଥା ପାଇଁ ୧କୋଟି ୨୨ଲକ୍ଷ ୪୦ହଜାର ଏବଂ ପାନୀୟ ଜଳ ଯୋଗାଣ ନିମନ୍ତେ ୩୨ଲକ୍ଷ ୬୦ହଜାର ବିନିଯୋଗ ନିମନ୍ତେ ପ୍ରକଳ୍ପ ରାଶି ଅନୁମୋଦନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

**ଠାକୁରମୁଣ୍ଡା, ୧୨।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ପଡିଆବେଡା ପଞ୍ଚାୟତର ନୂଆଗାଁ ଗ୍ରାମରେ ପାରିବାରିକ ଗଣ୍ଡଗୋଳ କାରଣରୁ ଲକ୍ଷ୍ମଣ ଟୁଡୁଙ୍କ ମାଡ଼ରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗୋଟିଏ ଦିନ ପରେ ପୋଲିସ ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଡାକ୍ତରଖାନା ପଠାଇଛି। ଶନିବାର ହତ୍ୟାକାରୀ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ଠାକୁରମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଲକ୍ଷ୍ମଣଙ୍କୁ କୋର୍ଟଚାଲାଣ କରିଛି।

## ଏନ୍‌ଇଇଟି ଦେବେ ୧୨ ଶହ

**ଅନୁଗୋଳ ଅଫିସ, ୧୨।୯**

**ଅନୁଗୋଳରେ ୨ ପରୀକ୍ଷା କେନ୍ଦ୍ର**

ଅନୁଗୋଳ ଜିଲାରେ ଏନ୍‌ଇଇଟି ପାଇଁ ଦୁଇଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଜିଲାରେ ମୋଟ ୧୨ ଶହ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ରବିବାର ଅପରାହ୍ନ ୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଜିଲାର ବଅଁରପାଳ ସ୍ଥିତ ଡିପିଏସ୍ ସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ୯ ଶହ, ନାରାୟଣୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ୩ ଶହ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଢେଙ୍କାନାଳ, ଦେବଗଡ଼ ଓ ବୌଦ୍ଧର ଛାତ୍ରୀଛାତ୍ର ମଧ୍ୟ ଅନୁଗୋଳରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ତେବେ ବାହାର ଜିଲାରୁ ଆସିଥିବା ୨୦ ପରୀକ୍ଷାର୍ଥୀଙ୍କ ରହିବା ବ୍ୟବସ୍ଥା ବଅଁରପାଳ ଉଚ୍ଚ ବିଦ୍ୟାଳୟରେ କରାଯାଇଛି। ଅନ୍ୟ ପରୀକ୍ଷାର୍ଥୀମାନେ ନିଜ ବ୍ୟବସ୍ଥାରେ ଜିଲାକୁ ଆସିଥିବା ତାଳଚେର ଆଇଟିଆଇ ଅଧ୍ୟକ୍ଷ ତଥା ନୋଡାଲ ଅଫିସର ସ୍ୱରୂପ ରଥ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସରକାରୀ ସହାୟତାରେ ଅନୁଗୋଳରୁ ୨୭ ପରୀକ୍ଷାର୍ଥୀ ଏବଂ ଅନ୍ୟମାନେ ନିଜ ବ୍ୟବସ୍ଥାରେ ଭୁବନେଶ୍ୱର ପରୀକ୍ଷା କେନ୍ଦ୍ରକୁ ଯାଇଥିବା ସେ ସୂଚନା ଦେଇଛନ୍ତି।

## କୃଷି ଅଧିକାରୀଙ୍କ ମୃତ୍ୟୁ

**ପାଟଣା, ୧୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ମୁମ୍ବାଇ କଲିକତା ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ପୁବା ସାହିର ପ୍ରଦୀପ କୁମାର ଦାଶ। ସେ ମୟୂରଭଞ୍ଜ ଜିଲ୍ଲା ଶୁକୁଳି ବ୍ଲକରେ କନିଷ୍ଠ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ପ୍ରଦୀପ ଚେମେଣା ଛକ ପାର୍ଶ୍ୱରେ ନିଜ ସ୍କୁଟି ରଖି ଦେଇ ୪ ଲେନ୍ ବିଶିଷ୍ଟ ରାସ୍ତା ପାର୍ ହେଉଥିବା ବେଳେ ଏକ ଟ୍ରକ ତାଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ତୁରୁମୁଙ୍ଗା ଥାନା ପୋଲିସ ପହଞ୍ଚି ଏକ ଦୁର୍ଘଟଣା ମାମଲା(ନଂ.୮୨/୨୦) ରୁଜୁ କରିଛି।

## ସ୍କୁଲ ପଡ଼ିଆରେ ବସିବେ ପରିବା ଦୋକାନୀ

**ଢେଙ୍କାନାଳ ଅଫିସ,୧୨।୯**

ଢେଙ୍କାନାଳ ପୌରାଞ୍ଚଳର ରଥଗଡାଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ବସୁଥିବା ଉଠା ପରିବା ଦୋକାନୀ ରବିବାରଠାରୁ ବିବି ହାଇସ୍କୁଲ ଖେଳ ପଡ଼ିଆରେ ବସିବେ ବୋଲି ପୌରସଂସ୍ଥା କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ସେହିପରି ରଥଗଡା ନିକଟସ୍ଥ ଏଏନ୍‌ଏମ୍ ସେଣ୍ଟର ସମ୍ମୁଖରେ ରାସ୍ତା କଡରୁ ଉଠା ମାଛ ଦୋକାନୀମାନେ ମଧ୍ୟ ସେହି ଖେଳ ପଡିଆରେ ବସିବେ। ସମସ୍ତ ବ୍ୟବସାୟୀ କୋଭିଡ୍ ଟେଷ୍ଟ କରିବା ବାଧ୍ୟତାମୂଳକ। ଏଥିପାଇଁ ସେମାନଙ୍କୁ ୪ ଦିନ ସମୟ ଦିଆଯିବ। ପରୀକ୍ଷା ନ କଲେ ବ୍ୟବସାୟ ପାଇଁ ଅନୁମତି ମିଳିବ ନାହିଁ ବୋଲି ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି। ସେହିପରି ରଥଗଡାଠାରେ ରାସ୍ତା ପାର୍ଶ୍ୱରେ ବସୁଥିବା ଫଳ ଦୋକାନୀ ରବିବାରଠାରୁ ଉକ୍ତ ଅଞ୍ଚଳରେ ଥିବା ପୁରୁଣା ହୋମଗାର୍ଡ ଅଫିସ ସମ୍ମୁଖରେ ବସିବେ।

## ଗାଡ଼ିଚୋର ଧରିବାକୁ ଜଳେଶ୍ୱରରେ ମୟୂରଭଞ୍ଜ ପୋଲିସ୍

**ଜଳେଶ୍ୱର,୧୨।୯(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଏକ ବାଇକ୍ ଚୋରି ର୍ୟାକେଟ୍ ସକ୍ରିୟ ଥିବାବେଳେ ସେହି ଗୋଷ୍ଠୀ ଏକ ବାଇକ୍‌କୁ ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରେ ବିକ୍ରି କରିଥିବା ବଡ଼ସାହି ଥାନା ପୋଲିସ ଜାଣିପାରିଛି। ଏହି ର୍ୟାକେଟ୍‌ର ମାଷ୍ଟରମାଇଣ୍ଡକୁ ବଡ଼ସାହି ପୋଲିସ୍ ଧରିପାରିଥିବା ବେଳେ ତାକୁ ନେଇ ଜଳେଶ୍ୱର ଥାନା ପୋଲିସ ସହାୟତାରେ କେତେକ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି।

# ସିରିଜ ବାଇକ୍ ଚୋରିର ପର୍ଦ୍ଦାଫାଶ୍

**ବାରିପଦା ଅଫିସ,୧୨।୯**



**୧୨ ବାଇକ୍, ୪୫ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର**

ମୟୂରଭଞ୍ଜ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ସିରିଜ୍ ବାଇକ ଚୋରିର ପର୍ଦ୍ଦାଫାଶ ହୋଇଛି। ବଡ଼ସାହି ପୋଲିସ ପକ୍ଷରୁ ଚଢାଉ କରି ପଶ୍ଚିମବଙ୍ଗ ଅଞ୍ଚଳର ଦାନ୍ତୁନ ଗ୍ରାମରୁ ୧୨ଟି ବାଇକ, ଏକ ଅଟୋରିକ୍ସା, ୪୫ହଜାର ଟଙ୍କା ସମେତ ବହୁ ଚୋରି ସାମଗ୍ରୀକୁ ଉଦ୍ଧାର କରାଯାଇଛି। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ କୁହାଯାଉଥିବା ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ବେତନଟୀ ଏସ୍‌ଡିପିଓ ଲଳିତ କୁମାର ପଟ୍ଟନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ ସାନକେରକ ଗ୍ରାମର ଚନ୍ଦ୍ରମୋହନ ଦାଶ(୩୦) ଓ ପଶ୍ଚିମବଙ୍ଗ ରାଜ୍ୟର ଦାନ୍ତୁନ ଥାନା ଅଧୀନ ପଣସଲା ଗ୍ରାମର ମଳୟ ବେରା(୨୩)।

କିଛି ଦିନ ଧରି ଚୋରମାନେ ମୟୂରଭଞ୍ଜ ଜିଲାର ବିଭିନ୍ନ ଇଲାକାରୁ ପ୍ରତିଦିନ ବାଇକ୍ ଓ ବିଭିନ୍ନ ସାମଗ୍ରୀ ଚୋରି କରୁଥିଲେ। ଏପରିକି ବଡ଼ସାହି ଥାନା ଅଞ୍ଚଳରେ ସିରିଜ ବାଇକ୍ ଚୋରି କରୁଥିବା ବେଳେ ବଡ଼ସାହି ଥାନାର ସବ ଇନ୍ସପେକ୍ଟର ଅଶୋକ ବାରିକଙ୍କ ବାଇକକୁ ମଧ୍ୟ ଚୋରି କରିନେଇଥିଲେ। ଦିନକୁ ଦିନ ବାଇକ ଚୋରିକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ବଡ଼ସାହି ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚୋରି ର୍ୟାକେଟକୁ ଧରିବାରେ ସଫଳ ହୋଇଥିଲେ। ଦାନ୍ତୁନ ଗ୍ରାମରେ ଗଚ୍ଛିତ ଥିବା ୧୨ଟି ବାଇକ୍, ଆଲମିରା ଖୋଲାଯିବାର ଏକ ମାଷ୍ଟର ଚାବି, ଏକ ଅଟୋରିକ୍ସା, ୪୫ହଜାର ଟଙ୍କା ସମେତ ଇଲେକ୍ଟ୍ରି ତାର, ପଙ୍ଖା, ଇନଭର୍ଟର, ଆକ୍ୱାଗାର୍ଡ, ରୋଷେଇ ସାମଗ୍ରୀ, ମିକ୍ସର ମେଶିନ, ହାରମୋନିୟମ ଆଦି ଉଦ୍ଧାର କରିଛନ୍ତି। ଅଭିଯୁକ୍ତ ଚନ୍ଦ୍ରମୋହନ ଚୋରି ବାଇକକୁ ବିକ୍ରି କରି ସେହି ଅର୍ଥରେ ଏକ ଅଟୋ ରିକ୍ସା କିଣିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ବାରିପଦା ସଦର, ଟାଉନ ଓ ବଡସାହି ଥାନା ଅଞ୍ଚଳରୁ ଚୋରି ହୋଇଥିବା ୨୦ଟି ମାମଲାରେ ଉଦ୍ଧାର କରାଯାଇଥିବା ବାଇକ ଓ ସାମଗ୍ରୀଗୁଡିକର କାଗଜପତ୍ର ଦେଖାଇ ସେଗୁଡିକ ନେଇପାରିବେ ବୋଲି ଜଣାପଡିଛି। ବଡ଼ସାହି ଆଇଆଇସି ଦାୟିତ୍ୱରେ ଥିବା ଥାନାଧିକାରୀ ଅଶୋକ କୁମାର ନାୟକଙ୍କ ସହ ଅଶୋକ କୁମାର ବାରିକ ଓ ଅନ୍ୟାନ୍ୟ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୧୩ ସେପ୍ଟେମ୍ବର, ୨୦୨୦

## ୪ ଜଣିଆ ଅପରାଧୀ ଦଳ ଗିରଫ

**ରାଉରକେଲା ଅଫିସ:** ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ଏକ ୪ ଜଣିଆ ଗ୍ୟାଙ୍ଗକୁ ଜିଲା ଓ ବନ୍ଧମୁଣ୍ଡା ପୋଲିସ ସହାୟତାରେ ଶୁକ୍ରବାର ଗିରଫ କରାଯାଇଛି। ଏମାନେ ହେଲେ ସେକ୍ଟର ସି ବନ୍ଧମୁଣ୍ଡା ଅଞ୍ଚଳର ସିନ୍ଧୁ ତନ୍ତି(୨୮), ଡି କ୍ୟାବିନ ତନ୍ତି ବସ୍ତି ବନ୍ଧମୁଣ୍ଡାର ଅଜୟ କଂସାରୀ(୨୫), ଗୁଣ୍ଡୁଚିପାଲ୍ଲୀର ନାଗରୁ ଭୂମିଜ (୨୬) ଓ ସେହି ଗୁଣ୍ଡୁଚିପାଲ୍ଲୀର ଅନ୍ୟ ଜଣେ ଛୋଟୁ ମେଦ୍ଦା(୨୨)। ଏମାନଙ୍କ ନାମରେ ବନ୍ଧମୁଣ୍ଡା ଥାନାରେ ୪ଟି ମାମଲା ରହିଥିବା ବେଳେ ଲାଠିକଟାରେ ଗୋଟିଏ, ବ୍ରାହ୍ମଣୀତରଙ୍ଗରେ ୨ଟି, ରଘୁନାଥପାଲ୍ଲୀରେ ଗୋଟିଏ ମାମଲା ରହିଛି ବୋଲି ଜିଲା ପୋଲିସ ସୂଚନା ପ୍ରଦାନ କରିଛି।



## ସଂକ୍ଷେପରେ

### ଅଟୋ ଦୁର୍ଘଟଣାରେ ଜଣେ ମୃତ, ୪ ଆହତ

ଧମା, ୧୨।୯ (ଡି.ଏନ.ଏ)- ଧମା ଥାନା ଅନ୍ତର୍ଗତ ବଦୁଆପାଲି ପଞ୍ଚାୟତର ଜାମୁମୁଣ୍ଡାଠାରେ ଏକ ଅଟୋ ଦୁର୍ଘଟଣାରେ ୪ଜଣ ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ନିକଟସ୍ଥ ଟାଙ୍ଗରଜୁରୀ ଗ୍ରାମର ଗୋକୁଳ ବାଗ (୪୭)। ଧମା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଟାଙ୍ଗରଜୁରୀ ଗ୍ରାମର ଏହି ଲୋକେ ଏକ ଅଟୋ ଯୋଗେ ନିକଟସ୍ଥ ଝିଆପଡାରୁ ଫେରୁଥିଲେ। ହେଲେ ଜାମୁମୁଣ୍ଡାଠାରେ ଅଟୋଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### କରୋନାରେ ଜଣେ ମୃତ

ଡୁଙ୍ଗୁରିପାଲି, ୧୨।୯ (ଡି.ଏନ.ଏ)- ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଶନିବାର ଜଣେ ଆକ୍ରାନ୍ତଙ୍କ ମୃତ ଘଟିଛି। ମୃତକ ବିନିକା ବ୍ଲକ ଏସ ରାମପୁର ଥାନା ଅନ୍ତର୍ଗତ ପଧାନପାଲି ଗ୍ରାମର ୩୦ ବର୍ଷୀୟ ମହିଳା ବୋଲି ସୂଚନା ମିଳିଛି। ଶୁକ୍ରବାର ରାତି ସାଢ଼େ ୧୧ଟାରେ ସେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଶନିବାର ସକାଳେ ପରୀକ୍ଷା ପରେ ସେ କରୋନା ସଂକ୍ରମିତ ଥିବା ଜଣାପଡିଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ରାମପୁର ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ପହଞ୍ଚିଥିଲେ। ବିନିକା ତହସିଲଦାର ଅଲେଖ ପୁଟାଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। କୋଭିଡ୍ ନିୟମ ଅନୁଯାୟୀ ତାଙ୍କ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଘଟଣା ସ୍ଥଳରେ ରାମପୁର ପୋଲିସ ଉପସ୍ଥିତ ଥିଲା। ସୂଚନାଯୋଗ୍ୟ, ଡୁଙ୍ଗୁରିପାଲିରେ ଶନିବାର ୫୪ ଜଣ ନୂତନ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

### ୧୪ରେ ଚାଷୀଙ୍କ ଆମରଣ ଅନଶନ ଧମକ

ଧମା, ୧୨।୯ (ଡି.ଏନ.ଏ.) ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତର ଚାଷୀମାନେ ୨୦୧୮ ଖରିଫ ଋତୁରେ ଧାନ ଫସଲ କ୍ଷୟକ୍ଷତି ବାବଦକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ପାଇ ନାହାନ୍ତି। ଏଣୁ ୧୪ ତାରିଖରେ ସେମାନେ ପଦଯାତ୍ରା ଓ ଆମରଣ ଅନଶନ କରିବା ସହ ମାନେଶ୍ୱର ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି। ୨୦୧୮ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଉକ୍ତ ପଞ୍ଚାୟତର ଚାଷୀମାନେ ମରୁଡିର ସମ୍ମୁଖୀନ ହୋଇଥିଲେ। ସରକାରୀ କଳ ଫସଲ ନଷ୍ଟର ଆକଳନ କରି କ୍ଷତିପୂରଣ ମିଳିବ ବୋଲି କହିଥିଲା। ହେଲେ ଭୁଲ୍ ତଥ୍ୟ ପ୍ରଦାନ ଯୋଗୁଁ ତାହା ମିଳିପାରିଲା ନାହିଁ। ଚାଷୀମାନେ ଆରଟିଆଇ ତଥ୍ୟରୁ ଏହା ଜାଣିବାକୁ ପାଇଛନ୍ତି। ଏଣୁ ଗତ ଡିସେମ୍ବର ୧୨ରେ ରାଜରାସ୍ତା ଅବରୋଧ ପାଇଁ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ଡିସେମ୍ବର ୧୫ରେ ଉପଜିଲାପାଳଙ୍କ ଅଧକ୍ଷତାରେ ଏକ ସଭା ଜରିଆରେ ପ୍ରତିଶ୍ରୁତି ଦିଆଗଲା ଯେ, ୧୫ ଦିନ ମଧ୍ୟରେ ଚାଷୀମାନଙ୍କୁ ତାଙ୍କ ପ୍ରାପ୍ୟ ମିଳିବ। ହେଲେ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଏଣୁ ଆସନ୍ତା ୧୪ ତାରିଖ ଡକରା ଗ୍ରାମରୁ ଏକ ପଦଯାତ୍ରା ବାହାରି ଚାଷୀମାନେ ମାନେଶ୍ୱର ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଆମରଣ ଅନଶନରେ ବସିବେ ବୋଲି ଧମା ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

### କେସିଙ୍ଗା କଲେଜ ସାନିଟାଇଜ ହେଲା

କେସିଙ୍ଗା, ୧୨।୯ (ଡି.ଏନ.ଏ.) କଳାହାଣ୍ଡି ଜିଲା କେସିଙ୍ଗା କଲେଜରେ ଆସନ୍ତା ୨୨ ତାରିଖ ଯୁକ୍ତ ୩ ଶେଷବର୍ଷ ପରୀକ୍ଷା ହେବ। ଏଥିଠଲାଗି କଲେଜର ପ୍ରତି ପ୍ରକୋଷ୍ଠକୁ ଶନିବାର ସାନିଟାଇଜ କରାଯାଇଛି। ଅଧକ୍ଷ କୈଳାଶ ଚନ୍ଦ୍ର ସାହା ଏହି ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚ ମାସଠାରୁ ମହାମାରୀ କରୋନା ପାଇଁ ସାରା ରାଜ୍ୟରେ ସ୍କୁଲ କଲେଜ ବନ୍ଦ ରହିଛି। ହେଲେ ଆସନ୍ତା ୨୨ ତାରିଖ ଯୁକ୍ତ ୩ ଫାଇନାଲ ପରୀକ୍ଷା ରହିଛି। ଏଣୁ ସମସ୍ତ ଛାତ୍ରୀଛାତ୍ରଙ୍କୁ କରୋନାକୁ ଭୟରୁ ମୁକ୍ତ ରହି ପରୀକ୍ଷା ଦେବା ପାଇଁ ଅଧକ୍ଷ ଅନୁରୋଧ କରିଛନ୍ତି। ପରୀକ୍ଷା ଦେବା ସମୟରେ ସାମାଜିକ ଦୂରତ୍ୱ ରଖିବା ଓ ମାସ୍କ ବ୍ୟବହାର କରିବା ପାଇଁ ମଧ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଛନ୍ତି। କେସିଙ୍ଗା ଏନ୍ଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ କଲେଜରେ ପହଞ୍ଚି ସାନିଟାଇଜ କରିଥିଲେ।

# ବିବାଦୀୟ ଚେକ୍ଡ୍ୟାମ୍ ପ୍ରକଳ୍ପରୁ ଟଙ୍କା ଉଠାଣ

ଲୋଇସିଂହା, ୧୨।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବୁର୍ଡା ଗ୍ରାମର ଲାଇନଜୁରୀଠାରେ ୨୦୧୭-୧୮ ଆର୍ଥିକ ବର୍ଷରୁ ଏକ ଚେକ୍ଡ୍ୟାମ୍ ନିର୍ମାଣାଧୀନ ରହିଛି। ହେଲେ ଚଳିତ ବର୍ଷ ପ୍ରକଳ୍ପରେ କୌଣସି ଅତିରିକ୍ତ କାମ ନ କରି ଓ ବିନା ମଷ୍ଟରରୁଲ୍‌ରେ ବିବାଦୀୟ ପ୍ରକଳ୍ପରୁ ବେଆଇନ ଭାବରେ ୧ଲକ୍ଷ ୬୨ ହଜାର ୨୦୧ ଟଙ୍କା ଉଠା ଯାଇଛି। ପଞ୍ଚାୟତର ଜିଆରଏସ୍ ସରୋଜ ସାହୁ ଏ ନେଇ ଜିଲାପାଳ ଅରିନ୍ଦମ ଡାକୁଆ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ଓ ବିଡିଓ ରାମଚନ୍ଦ୍ର ଖାଡିଆଙ୍କଠାରେ ଏହି ଫେରାଦ ହୋଇଛନ୍ତି। ଏହାପରେ ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟ ପିଇଓ ରାଜେନ୍ଦ୍ର ବାବୁଙ୍କୁ ଘେରିଥିଲେ। ହେଲେ ସେ କହିଛନ୍ତି ଯେ, ଭଲ କାମ ହୋଇଛି। ଆବଶ୍ୟକ ବିଲ୍ ଉଠାଇବାରେ କେହି ରୋକିପାରିବେ ନାହିଁ।

ସୂଚନା ଅନୁଯାୟୀ, ୨୦୧୭-୧୧୮ ଆର୍ଥିକ ବର୍ଷରେ ବୁର୍ଡା ପଞ୍ଚାୟତ ପକ୍ଷରୁ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡ ଲାଇନଜୁରୀଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ୬୭ ହଜାର ବ୍ୟୟରେ ଏହି ଚେକ୍ଡ୍ୟାମ୍ ନିର୍ମାଣ ଆରମ୍ଭ ହୋଇଥିଲା।



ନିର୍ମାଣାଧୀନ ଚେକ୍ଡ୍ୟାମ।

ସେତେବେଳେ ନିମ୍ନମାନର ଓ ବେଆଇନ ଭାବରେ କାମ ଚାଲିଥିବା ଅଭିଯୋଗ କରି ପଞ୍ଚାୟତର ନାଏବ ସରପଞ୍ଚ ଜଗମୋହନ ସାହୁ ୨୦୧୮ ଅଗଷ୍ଟ ଶେଷ ସପ୍ତାହରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ୨୦୧୮ ଅକ୍ଟୋବର ୧ରେ ଜିଲାପାଳ ଅରିନ୍ଦମ ଡାକୁଆ ଧାରଣା ସ୍ଥଳକୁ ଆସିଥିଲେ। ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ମଧ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର

**ଫେରାଦ ହେଲେ ଜିଆର୍ଏସ୍**

ସ୍ୱାଇଁ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର ଫାଇଲ ଜବତ କରଥିଲେ। ପ୍ରକଳ୍ପ ବିବାଦୀୟ ହୋଇ ପଡିଥିବାରୁ ବିଲ୍ ବନ୍ଦ କରିବାକୁ ବ୍ଲକ୍ ପ୍ରଶାସନକୁ ସେ ନିର୍ଦ୍ଦେଶ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରକଳ୍ପର ଅନୁଦାନ ଉଠିଥିବା ଜଣାପଡିଥିଲା। ସେତେବେଳେ ପୁଣି ଅଭିଯୋଗ ହେବାରୁ ଯେତିକି କାମ ହୋଇଛି ତାହାର ବିଲ୍ କରାଯାଇଥିବା ସେତେବେଳର ବ୍ଲକ ସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ କହିଥିଲେ। ହେଲେ ଏବେ କରୋନା ମହାମାରୀ ଜନିତ ଲକଡାଉନ ସୁଯୋଗ ନେଇ ଚଞ୍ଚକତା କରାଯାଇଛି। ଜିଆରଏଏସ୍‌ଙ୍କ ଅଜାଣତରେ ବିନା ମଷ୍ଟରରୁଲ୍ ବାହାର କରି ଓ କୌଣସି ଅତିରିକ୍ତ କାମ ନ କରାଯାଇ ଗତ ଏପ୍ରିଲ ୨୩ ତାରିଖର ବିଲ୍ ନଂ. ୩୨, ୩୩, ୫୪ ମାଧ୍ୟମରେ ଏପ୍ରିଲ ୨୪ ତାରିଖରେ ୧ଲକ୍ଷ ୬୨ ହଜାର ୨୦୧ ଟଙ୍କା ଉଠା ଯାଇଛି। ବ୍ଲକ ଓ ଜିଲା ପ୍ରଶାସନକୁ ଖୋଦ ଜିଆରଏସସ ସାହୁ ଏହି ଆପତ୍ତି କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଭୁଲ୍ କିମ୍ବା ତ୍ରୁଟି ହେଲେ ଜିଆରଏସଙ୍କୁ ଦାୟୀ କରାଯାଇଥାଏ। ଏହି ହେରଫେର ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ ସ୍ପଷ୍ଟ ଭାବେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏ ସମ୍ପର୍କରେ ଯନ୍ତ୍ରୀ କବିତା ଦାସ କହିଛନ୍ତି ଯେ, ପୂର୍ବ ଯନ୍ତ୍ରୀ ଏହି ବିଲ୍ କରିଛନ୍ତି। ଏହି ପ୍ରକଳ୍ପ ବିବାଦୀୟ ଥିବାରୁ ବିଲ୍ ନ କରିବାକୁ ବିଡିଓ ମନା କରିଥିଲେ। ଅପରପକ୍ଷେ ବିଡିଓ ରାମଚନ୍ଦ୍ର ଖାଡିଆ କହିଛନ୍ତି ଯେ, ଜିଆରଏସ୍‌ଙ୍କ ଅଭିଯୋଗ ହସ୍ତଗତ ହୋଇଛି।

# ଫେସ୍‌ବୁକ୍ ଲାଇଭ୍‌ରେ ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ କରିବେ ଭକ୍ତ

ସମ୍ବଲପୁର, ୧୨।୯(ବ୍ୟୁରୋ)

ସେପ୍ଟେମ୍ବର ୧୭ ତାରିଖ ମହାଳୟା ଅମାବାସ୍ୟା। ଏହି ଦିନରେ ମାଁ ସମଲେଶ୍ୱରୀ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ମାଁଙ୍କ ଏହି ଶାନ୍ତ ଧବଳ ମୁଖୀ ବେଶକୁ ଦର୍ଶନ କଲେ ପୁଣ୍ୟ ମିଳିଥାଏ। ଏହା ଗଙ୍ଗା ଦର୍ଶନ ସମାନ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଏହି ଦିନରେ ଜିଲା ତଥା ରାଜ୍ୟ ବାହାରରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥାଏ। ହେଲେ ଚଳିତ ବର୍ଷ କରୋନା କଟକଣା ଯୋଗୁଁ ମା'ଙ୍କ ଧବଳମୁଖୀ ବେଶ ସାମାଜିକ ଗଣମାଧ୍ୟମ ଫେସ୍‌ବୁକରେ ସିଧା ପ୍ରସାରଣ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କହିଛନ୍ତି ଯେ, ମନ୍ଦିର ଟ୍ରଷ୍ଟ ଫେସ୍‌ବୁକ୍ ଆକାଉଣ୍ଟରେ ଭକ୍ତମାନେ ମା'ଙ୍କ ଏହି ବେଶ ଦର୍ଶନ ପାଇ ପାରିବେ। ରାଜ୍ୟ ସରକାର ଧାର୍ମିକ ଅନୁଷ୍ଠାନ ଗୁଡିକରେ କୋଭିଡ୍ କଟକଣା ଉପରେ କୋହଳ କରି ନାହାନ୍ତି। ତେଣୁ ନିୟମ ପାଳନ କରାଯାଉଛି। ଅକ୍ଟୋବର ୧୭ ତାରିଖ ଦଶହରା ପୂଜା ପୂର୍ବରୁ ନିୟମରେ କୋହଳ ନ ହେଲେ ନିରାଡମ୍ବର ଭାବରେ ହେବ। ମାଁଙ୍କ ନୀତିକାନ୍ତି ଅନୁସାରେ ପୂଜା ହେବ। ସାଧାରଣ ଦର୍ଶନ ଉପରେ ରୋକ ଲଗାଯିବ। ଦଶହରା ସମୟରେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ନବରାତ୍ର ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରନ୍ତି। ସେ ନେଇ ମଧ ଟ୍ରଷ୍ଟ ପକ୍ଷରୁ କିଛି ସ୍ଥିର ହୋଇ ନାହିଁ। ପୂଜକମାନଙ୍କ ସହ ପ୍ରାରମ୍ଭିକ ଭାବେ ଆଲୋଚନା ହୋଇଛି। ଅକ୍ଟୋବରରେ ଯଦି ରାଜ୍ୟ ସରକାର ଧାର୍ମିକ ଅନୁଷ୍ଠାନ ଉପରେ କଟକଣା କୋହଳ କରନ୍ତି ତାହାହେଲେ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ। ଏବେ ଜିଲାରେ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସ୍ଥିତି ଦେଖି ପ୍ରଶାସନ ଅନୁମତି ନେଇ ସ୍ଥିର କରାଯିବ। ହେଲେ ଅକ୍ଟୋବର ୨୧ରେ ଷଷ୍ଠୀପୂଜା, ୨୨ରେ ସପ୍ତମୀ ପୂଜା, ୨୩ରେ ମହାଅଷ୍ଟମୀ ପୂଜା, ୨୪ରେ ନବମୀ ପୂଜା, ୨୫ରେ ଦଶମୀ ପୂଜା, ରଣଜିତା ପୂଜା ହେବ। ୩୧ ତାରିଖ ପୂର୍ଣ୍ଣମୀ ଦିନ ମାଁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେବେ। ସେପ୍ଟେମ୍ବର ୧୮ ତାରିଖଠାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଶାରଦୀୟ ପୂଜାବିଧି ମଳମାସ ପାଇଁ ବନ୍ଦ ରହିବ ବୋଲି ସଭାପତି ବାବୁ କହିଛନ୍ତି।



ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଇଙ୍କ ମନ୍ଦିର।

# ବେରୋଜଗାରୀଙ୍କୁ ରୋଜଗାର ଦିଅ



ଭାରତୀୟ ମଜଦୁର ସଂଘ କର୍ଲାମୁଣ୍ଡା ଶାଖା କର୍ମକର୍ତ୍ତା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

କର୍ଲାମୁଣ୍ଡା, ୧୨।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଭାରତୀୟ ମଜଦୂର ସଂଘର ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରବାସୀ ଶ୍ରମିକ ତଥା ବେକାର ଯୁବତୀ ଯୁବକ ମାନଙ୍କ ଦକ୍ଷତା ସର୍ବେକ୍ଷଣ କରାଯାଇ କର୍ମ ସଂସ୍ଥାନ ଯୋଗାଇବା, କରୋନା ଯୋଦ୍ଧା ଅଙ୍ଗନୱାଡି କର୍ମୀ, ଆଶାକର୍ମୀମାନଙ୍କୁ ଦୈନିକ ୫ ଶହ ଟଙ୍କା କରୋନା ସହାୟତା ଭତ୍ତା ବ୍ୟବସ୍ଥା କରିବା, ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ କରୋନା ସହାୟତା, ଭତ୍ତା ବ୍ୟବସ୍ଥା କରିବା, ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ଛଟେଇ ବନ୍ଦ କରିବା, ସମସ୍ତ ପ୍ରବାସୀ ଓ ଦାଦନ ଶ୍ରମିକଙ୍କୁ ନିଶ୍ଚିତ ପଞ୍ଜିକରଣ କରାଯିବା ପ୍ରମୁଖ ଦାବି ଗୁଡିକ ରହିଛି। କର୍ଲାମୁଣ୍ଡା ବ୍ଲକ ସଭାପତି ବିକ୍ରମ ସାହୁ ଓ ସଂପାଦକ ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲା ନବ ନିର୍ମାଣ ଏବଂ ଶ୍ରମିକ ସଂଘ, ସଭାପତି ବିଦ୍ୟାଧର ସାହୁ, ସଂପାଦକ ଚୈତନ୍ୟ ସାହୁ, ପ୍ରସନ୍ନ ସେଠ୍, ସତ୍ୟ ମାଝି ପ୍ରମୁଖ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଯୁଗଳ କିଶୋର ନାଏକଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଜେଲ ଗଲେ ହତ୍ୟା ଅଭିଯୁକ୍ତ

ବରଗଡ଼ ଅଫିସ୍, ୧୨।୯-

ବରଗଡ଼ ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଶୁକ୍ରବାର ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗ୍ରାମର ଗୁଲେଖ ଧରୁଆ(୨୮)। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଗୁଲେଖଙ୍କୁ ବରଗଡ଼ ସବ୍‌ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ସଦର ଥାନା ପୋଲିସ ଦଫା ୩୦୨ରେ ଏକ ମାମଲା(ନଂ-୨୬୧/୨୦୨୦) ରୁଜୁ କରିଛି।ସୂଚନା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଇନ୍ଦ୍ର ଧରୁଆଙ୍କ ସ୍ତ୍ରୀ ସଉତୀ(୬୮) ଘରେ ଥିବାବେଳେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

୧୦ଟାରେ ଅଭିଯୁକ୍ତ ଗୁଲେଖ ତାଙ୍କୁ ଇଟାରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ତାଙ୍କ ପୁଅ ବସୁଦେବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଥିବାବେଳେ ହତ୍ୟା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ବରଗଡ଼ ସଦର ଥାନା ଅଧିକାରୀ ଦିଲ୍ଲୀପ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ବିରେନ୍ଦ୍ର ବାଘ ଏହି ମାମଲାର ଅଧିକ ତଦନ୍ତ କରୁଛନ୍ତି।

## ଆଇସିୟୁ ବେଡ୍ ବଢାଇବାକୁ ନରସିଂହଙ୍କ ଅନୁରୋଧ

ବଲାଙ୍ଗୀର ଅଫିସ, ୧୨।୯

ବଲାଙ୍ଗୀର ଜିଲା ତଥା ସହରରେ କରୋନା ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ସହରର ପ୍ରତି ୱାର୍ଡ ତଥା ପଡାରେ କରୋନା ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢଛି। ଏହା ଲୋକଙ୍କ ଭିତରେ ଏକ କୋକୁଆ ଭୟ ସୃଷ୍ଟି ହେଲାଣି। କରୋନା ସଂକ୍ରମଣ ଯୋଗୁ ବଲାଙ୍ଗୀରର କିଛି ରୋଗୀଙ୍କ ହଠାତ୍ ମୃତ୍ୟୁ ଘଟିଥିବା ଖବର ମିଳୁଛି। ଭୀମ ଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ୧୦ଟି ଆଇସିୟୁ ବେଡ୍ ଥିଲା। ଏବେ ଏଠାରେ ଆଉ ୧୦ଟି ଆଇସିୟୁ ବେଡ୍ ବଢ଼ାଇବାକୁ ମଞ୍ଜୁରୀ ମିଳିଛି। ତଥାପି କରୋନା ମୁକାବିଲା ପାଇଁ ଆହୁରି ଆଇସିୟୁ ବେଡ୍‌ର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର କିମ୍ସ୍ କୋଭିଡ୍ ହସ୍‌ପିଟାଲରେ ଆଉ ୧୦ଟି ଆଇସିୟୁ ବେଡ୍ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ବଲାଙ୍ଗୀରର ଜନସଂଖ୍ୟା ଦୃଷ୍ଟିରୁ ଓ କରୋନା ସଂକ୍ରମଣ ଆଶାତୀତ ବୃଦ୍ଧି କାରଣରୁ ଏଠାକାର ଗୁରୁତର ସଂକ୍ରମିତଙ୍କ ପାଇଁ ଆଇସିୟୁ ବେଡ୍ ଅଭାବ ଦେଖାଦେଇଛି। କିଛି ରୋଗୀ ଆଇସିୟୁ ବେଡ୍ ଅଭାବରୁ ଆଖି ବୁଜିଲେଣି। ତେଣୁ ଯେତେଶୀଘ୍ର ହେବ ଆଉ ୧୦ଟି ଆଇସିୟୁ ବେଡ୍ କିମ୍ସ୍‌ରେ ସ୍ଥାପନ କରାଯାଉ ବୋଲି ବିଧାୟକ ମିଶ୍ର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

## ପଥରରେ ଛେଚି ହତ୍ୟା

ଲହୁଣୀପଡା, ୧୨।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅଧୀନ କୁଚେଇତା ପଞ୍ଚାୟତ ହାତୀଅଡା ଗ୍ରାମରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ବୁଦୁ ମାଝି (୪୦)। ଚାନ୍ଦିପୋଷ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଦେବଗଡ଼, ୧୨।୯(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଟାଇଁସର ପଞ୍ଚାୟତ ଅଧୀନ କୋରଡ ଗ୍ରାମରେ ଜଣେ ମହିଳାଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ହେଲେ ଆଇଆରବି ଯବାନ ଅଶ୍ୱିନୀ ଭୁକ୍ତାଙ୍କ ସ୍ତ୍ରୀ ଜ୍ୟୋତିପ୍ରିୟା ପ୍ରିୟଦର୍ଶିନୀ। ଶାଶୁ ଘର ଲୋକେ ତାଙ୍କୁ ହତ୍ୟା କରିଥିବା ବାପ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ, ଶ୍ୱଶୁର, ଶାଶୁ, ଦିଅର, ନଣନ୍ଦ ଓ ନଣନ୍ଦେଇଙ୍କ ନାମରେ ଅଭିଯୋଗ ହୋଇଛି। ପୋଲିସ ଅଶ୍ୱିନୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଶ୍ୱଶୁରଘର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି। ୨୦୧୫ରେ

**ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୁଲେଇ ଗ୍ରାମର ମନୋଜ ରାଉତଙ୍କ ଝିଅ ଜ୍ୟୋତିପ୍ରିୟାଙ୍କୁ ଅଶ୍ୱିନୀ ବୈଦିକ ରୀତିରେ ବିବାହ କରିଥିଲେ। ଉଭୟଙ୍କ ଏକ ୩ ବର୍ଷର କନ୍ୟା ସନ୍ତାନ ରହିଛି। ଶାଶୁ ଘର ଲୋକେ ସାମାନ୍ୟ କଥାରେ କଳହ କରିବା ସହ ଜ୍ୟୋତିପ୍ରିୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ମୃତାଙ୍କ ବାପା ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ସକାଳେ ଜ୍ୟୋତିପ୍ରିୟା ବାପଘରକୁ ଫୋନ୍ କରି ତାଙ୍କୁ ମାଡ଼ କରାଯାଇଥିବା କହିଥିଲେ। ଏହାର କିଛି ସମୟ ପରେ ଜ୍ୟୋତିପ୍ରିୟାଙ୍କ ଶାଶୁ ଫୋନ୍ କରି ଝିଅ ବିଷ ପିଇ ଦେଇଥିବା ଜଣାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ବ୍ୟାଙ୍କ ଏଜେଣ୍ଟଙ୍କଠାରୁ ଲୁଟ୍

ବନ୍ତ, ୧୨।୯(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ଥାନା ବସନ୍ତିଆ ବଜାରଠାରେ ଜଣେ ବ୍ୟାଙ୍କ ଏଜେଣ୍ଟଙ୍କଠାରୁ ଦୁର୍ବୃତ୍ତମାନେ ୭୭,୫୦୦ ଟଙ୍କା ଝାମ୍ପି ନେଇଥିବା ବେଳେ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ଏଜେଣ୍ଟ ବସନ୍ତିଆ ପଞ୍ଚାୟତ ଆପଣ୍ଡା ଗ୍ରାମର ସୁବାସ ମିଶ୍ର ଶନିବାର ମାର୍କେଟରୁ ଟଙ୍କା ଆଦାୟ କରି ଘରକୁ ଫେରୁଥିବାବେଳେ ବସନ୍ତିଆ ବଜାରଠାରେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ତାଙ୍କ ଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିଲେ।

## ନୂଆପଡ଼ାରେ ଦ୍ୱିତୀୟ କୋଭିଡ୍ କେୟାର ସେଣ୍ଟର

ନୂଆପଡା ଅଫିସ, ୧୨।୯

ସ୍ଥାନୀୟ ଭେରାସ୍ଥିତ ପଲିଟେକନିକ ସେଣ୍ଟରରେ ଜିଲାର ଦ୍ୱିତୀୟ କୋଭିଡ୍ କେୟାର ସେଣ୍ଟର ଆରମ୍ଭ ହୋଇଛି। ଏହାକୁ ଜିଲାପାଳ ମଧୁସ୍ମିତା ସାହୁ ଉଦ୍‌ଘାଟନ କରିଛନ୍ତି। ଶନିବାର ଅପରାହ୍ନରେ ଆୟୋଜିତ କାର୍ଯ୍ୟକମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦୁର୍ଗାମାଧବ ମହାରଣା, ସିଡିଏମଓ କାଳୀପ୍ରସାଦ ବେହେରା, ବିଡିଓ ସୁବେଦାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହା ୧୦୦ ଶଯ୍ୟା ବିଶିଷ୍ଟ ଏହି ସେଣ୍ଟରରେ କେବଳ ଲକ୍ଷଣବିହୀନ ପଜିଟିଭ ରୋଗୀ ରହିବାର ବ୍ୟବସ୍ଥା କରାଯାଇଛି। ଆଗକୁ ଏହାକୁ ୪ଶହ ଶଯ୍ୟା ବିଶିଷ୍ଟ କରାଯିବ ବୋଲି କୁହାଯାଇଛି। ଅତିରିକ୍ତ ଜିଲାପାଳ ମହାରଣା ସୂଚନା ଦେଇଛନ୍ତି ଯେ, ଜିଲାର ୯୮ଟି ପଞ୍ଚାୟତରେ କୋଭିଡ୍ କେୟାର ହୋମ୍ କରାଯାଇଛି। ପ୍ରତି ସେଣ୍ଟର ପାଇଁ ଜଣେ ଲେଖାଏଁ ଏଏନ୍ଏମଙ୍କୁ ନିଯୁକ୍ତି ଦିଆଯାଇଛି।



କୋଭିଡ୍ କେୟାର ସେଣ୍ଟରକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

# ଅବ୍ୟବସ୍ଥିତ ହେଲାଣି କୋଭିଡ୍ ପରିଚାଳନା

ବଲାଙ୍ଗୀର ଅଫିସ, ୧୨।୯

- ଡାକ୍ତରୀ ସେବାକୁ ନେଇ ବଢୁଛି ଅସନ୍ତୋଷ
- ଠିକଣା ସମୟରେ ପହଞ୍ଚିପାରୁନାହିଁ ଆମ୍ବୁଲାନ୍ସ
- ଦ୍ରୁତ ଗତିରେ ବଢୁଛି ସଂକ୍ରମିତଙ୍କ ସଂଖ୍ୟା

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଶୁକ୍ରବାର ସୁଦ୍ଧା ଜିଲାରେ ୨୭୨୭ ଜଣ କରୋନା ସଂକ୍ରମିତ ଚିହ୍ନଟ୍ ହୋଇଛନ୍ତି। ସେଥିରୁ ୮୩୬ ଜଣ ସକ୍ରିୟ ରହିଥିବାବେଳେ ୧୮୮୧ ଜଣ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି। ଏଯାବତ୍ ଜିଲାର ୧୦ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିସାରିଲାଣି। ଗତ ୭ ଦିନ ମଧ୍ୟରେ ଜିଲାରେ ୭୪୬ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଦ୍ରୁତ ଗତିରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲାବାସୀଙ୍କ ପାଇଁ ଏହା ଚିନ୍ତାର କାରଣ ପାଲଟିଛି। ଠିକଣା ସମୟରେ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା, ସଂକ୍ରମିତଙ୍କ ପାଖକୁ ଔଷଧ ଓ ଆମ୍ବୁଲାନ୍ସ ପହଞ୍ଚାଇବା ତଥା କୋଭିଡ୍ ହସ୍‌ପିଟାଲ ଭିତରେ ରୋଗୀଙ୍କୁ ଡାକ୍ତରୀ ଚିକିତ୍ସା ସେବା ଯୋଗାଇବା କଷ୍ଟକର ହୋଇପଡିଲାଣି। ଅନେକ ସଂକ୍ରମିତ ସେମାନଙ୍କ ସମସ୍ୟା ଜଣାଇବାକୁ ଚାହୁଁଥିଲେ ମଧ ଠିକଣା ସମୟରେ ଡାକ୍ତର କି ଷ୍ଟାଫ୍‌ଙ୍କ ଦେଖା ମିଳୁନ ଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରୁ ବହୁ ସଂକ୍ରମିତ ସେମାନଙ୍କ ପାଖକୁ ଠିକଣା ସମୟରେ ଆମ୍ବୁଲାନ୍ସ ଓ ଔଷଧ ପହଞ୍ଚୁନ ଥିବା ଅଭିଯୋଗ କରୁଛନ୍ତି। ଆଣ୍ଟିଜେନ୍ ଟେଷ୍ଟରେ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ପାଖକୁ ମଧ ଗୋଟିଏ ଦିନ ପରେ ଔଷଧ ପହଞ୍ଚୁଥିବା ଅନେକେ କହୁଛନ୍ତି। ଏଭଳି ସ୍ଥିତିରେ କୋଭିଡ୍ ପରିଚାଳନା ଅବ୍ୟବସ୍ଥିତ ହେଉଥିବା ମନେ ହେଲାଣି। କୋଭିଡ ଯୋଦ୍ଧାମାନେ ମଧ ଅଧିକ ସଂଖ୍ୟାରେ ସଂକ୍ରମିତ ହେଉଥିବାରୁ ପରିସ୍ଥିତି ଧୀରେ ଧୀରେ ଗମ୍ଭୀର ହେବାକୁ ବସିଲାଣି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସାଧାରଣରେ କୋଭିଡ-୧୯ ନିର୍ଦ୍ଦେଶାବଳୀକୁ ଲୋକେ ଖୋଲାଖୋଲି ଉଲଂଘନ କରୁଥିବା ଦେଖାଯାଉଛି। ଲୋକେ ବିନା ମାସ୍କରେ ବୁଲୁଥିବା ଦେଖାଯାଉଛି। ଏହା ସହିତ ବିଭିନ୍ନ ଛକ, ଦୋକାନ ବଜାରରେ ସାମାଜିକ ଦୂରତ୍ୱକୁ ଆଉ ଲୋକେ ପୂର୍ବଭଳି ମାନୁନ ଥିବା ଦେଖାଯାଉଛି। ଏବେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଲୋକେ ଖୋଲାଖୋଲି କୋଭିଡ୍ ନିୟମ ଉଲଂଘନ କରୁଥିବାରୁ ଏହା ଏବେ ଚିନ୍ତାର କାରଣ ପାଲଟିଛି। ଏଭଳି ସମୟରେ ବଲାଙ୍ଗୀର ଜିଲାର ଜିଲାପାଳ ବଦଳିଛନ୍ତି। ପୁରୁଣା ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସ୍ଥାନରେ ନୂଆ ଜିଲାପାଳ ଭାବେ ଚଞ୍ଚଳ ରାଣା ଜିଲାରେ ଯୋଗ ଦେବେ। ମାତ୍ର ସେ ଆସିନାହାନ୍ତି। ଏଭଳି ସମୟରେ ଅତିରିକ୍ତ ଜିଲାପାଳ ଦାୟିତ୍ୱରେ ରହିଛନ୍ତି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଓ ଡାକ୍ତରୀ ସେବାରେ ଅବ୍ୟବସ୍ଥା ଅଭିଯୋଗକୁ ନେଇ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କୁ ପଚରାଯିବାରୁ ଏ ନେଇ ସେ ପଚାରି ବୁଝିବେ ବୋଲି କହିଛନ୍ତି। ସିଡିଏମ୍ଓ ଡା. ଭୀମ ସାହୁଙ୍କୁ ପଚାରିବାରୁ ସହରରେ ୬ଟି ଆମ୍ବୁଲାନ୍ସ କୋଭିଡ୍ ସେବାରେ ଲାଗିଛି। ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି। ତଥାପି ସମସ୍ତଙ୍କ ପାଖକୁ ପହଞ୍ଚିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
Sunday, 13 September, 2020



## ସଂକ୍ଷେପରେ

### ଜିଡିପି ଆକଳନ କମାଇଲା କେୟାର ରେଟିଂସ

**ନୂଆଦିଲ୍ଲୀ, ୧୨।୯ :** ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ପୂର୍ବାନୁମାନକୁ ରେଟିଂ ଏଜେନ୍ସି କେୟାର ଖସାଇ ଦେଇଛି। ୨୦୨୦-୨୧ରେ ଭାରତର ଜିଡିପି ୮ରୁ ୮.୨% ହ୍ରାସ ଘଟିବ ବୋଲି ଏହା ଶନିବାର ମତ ଦେଇଛି। ଘରୋଇ ବଜାରର ବିକାଶ ହାର ୬.୨% ଖସିବ ବୋଲି ଏହି ଏଜେନ୍ସି ପୂର୍ବରୁ ମତ ପ୍ରକାଶ କରିଥିଲା। ସରକାର ଆଗକୁ କୌଣସି ବିତ୍ତୀୟ ସହାୟତା ଦେବେ ନାହିଁ ବୋଲି ଅନୁମାନ କରାଯାଉଛି। ବଜାରର ଅଭିବୃଦ୍ଧି ହ୍ରାସ ଧାରା ଜାରି ରହିବା ନେଇ ପୂର୍ବାନୁମାନ କରାଯାଇଥିବା ଏହି ରେଟିଂ ଏଜେନ୍ସିର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନାବିଶ କହିଛନ୍ତି। ସରକାର ତାଙ୍କ ପୁଞ୍ଜି ଖର୍ଚ୍ଚ ବଢ଼ାଇବା ନେଇ ଦେଖାଯାଉନାହିଁ। ୨୦୨୧-୨୨ରେ ବିକାଶ ହାର ପୁଣି ଥରେ ଫେରିବା ନେଇ ଏହା ଆକଳନ କରିଛି। ଲକ୍‌ଡାଉନ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଏଥିଯୋଗୁ ଦେଶର ପ୍ରଥମ ତ୍ରୈମାସ ଜିଡିପି -୨୩.୯% ଖସିଯାଇଛି।

# କ୍ଷତିପୂରଣ ନ ମିଳିଲେ ଖର୍ଚ୍ଚ କମାଇବେ ରାଜ୍ୟ

**ନୂଆଦିଲ୍ଲୀ,୧୨।୯**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣକୁ ନେଇ କେନ୍ଦ୍ର ରାଜ୍ୟ ମଧ୍ୟରେ ସହମତି ହୋଇପାରିନାହିଁ। ଏ ସଂକ୍ରାନ୍ତ କ୍ଷତିପୂରଣ ଯଦି ନ ମିଳେ ତେବେ ରାଜ୍ୟଗୁଡିକ ବାଧ୍ୟହୋଇ ଖର୍ଚ୍ଚ କମାଇବେ। ରାଜ୍ୟ ସ୍ତରରେ ମୋଟ୍ ୩.୪ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ କମିବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏଭଳି ଖର୍ଚ୍ଚ କମିଲେ ଆର୍ଥିକ ବର୍ଷ ୨୦୨୦-୨୧ରେ ରାଜ୍ୟଗୁଡିକର ବିତ୍ତୀୟ ନିଅଣ୍ଟ ମୋଟ ରାଜ୍ୟ ଜିଡିପିର ୪.୨୫%ରୁ ୫.୫୨% ରହିପାରେ। ନିବେଶ ସେବା ଯୋଗାଣ କରୁଥିବା ଏଜେନ୍ସି ଇକ୍ରା ପକ୍ଷରୁ ଏଭଳି ଏକ ରିପୋର୍ଟ ପ୍ରକାଶ ପାଇଛି।

ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡିକୁ ମୋଟ ୩ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ଲୋଡ଼ା ପଡୁଛି। ଜିଏସ୍‌ଟି ସେସ୍‌ରୁ ସରକାର ୬୫ ହଜାର କୋଟି ଟଙ୍କା ଆଦାୟ କରିବା ନେଇ ଲକ୍ଷ୍ୟ ରଖିଛନ୍ତି। ଏହି ଅବଧି ମଧ୍ୟରେ ୨.୩୫ ଲକ୍ଷ କୋଟି ଟଙ୍କା ନିଅଣ୍ଟ ହେବା ନେଇ ଆକଳନ କରାଯାଇଛି। ଜିଏସ୍‌ଟି କ୍ଷତିପୂରଣ ସରକାରଙ୍କ ଆକଳନଠାରୁ ଅଧିକ




**ମୋଟ ଖର୍ଚ୍ଚ ୩ ଲକ୍ଷ କୋଟି ଟଙ୍କା କମିପାରେ**

ହୋଇପାରେ ବୋଲି ଇକ୍ରାର ରିପୋର୍ଟରେ କୁହାଯାଇଛି। ଇକ୍ରାର କହିବା ମୁତାବକ ଏହା ୨.୯୨ ଲକ୍ଷ ପର୍ଯ୍ୟନ୍ତ ଯାଇପାରେ। କ୍ଷତିପୂରଣର ନିଅଣ୍ଟିଆ ସ୍ଥିତିକୁ ସମ୍ଭାଳିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡିକୁ ୨ଟି ବିକଳ୍ପ ପ୍ରଦାନ କରିଛନ୍ତି। ପ୍ରଥମ ବିକଳ୍ପରେ କେନ୍ଦ୍ର ଋଣ କରି ରାଜ୍ୟଗୁଡିକୁ ପ୍ରଦାନ କରିବ। ସେହିଭଳି ରାଜ୍ୟଗୁଡିକ ରିଜର୍ଭ ବ୍ୟାଙ୍କଠାରୁ ଋଣ କରିପାରିବେ।

ଇକ୍ରାର ପୂର୍ବାନୁମାନ ମୁତାବକ, ଆର୍ଥିକ ବର୍ଷ ୨୦୨୦-୨୧ରେ ରାଜ୍ୟଗୁଡିକୁ ମିଳିବାକୁ ଥିବା କେନ୍ଦ୍ରୀୟ ଟିକସ ୫ ଲକ୍ଷ କୋଟି ଟଙ୍କା ହୋଇପାରେ। ସରକାର ବଜେଟରେ ନିର୍ଦ୍ଧାରିତ କରିଥିବା ୭.୮ ଲକ୍ଷ କୋଟି ତୁଳନାରେ ୨.୮ ଲକ୍ଷ କୋଟି ଟଙ୍କା କମ୍। କରୋନା ମହାମାରୀ ଯୋଗୁ ବଜାର ପ୍ରଭାବିତ ହୋଇ ରହିଥିବାରୁ ଟିକସ ସଂଗ୍ରହ ଉପରେ ଏହାର ପ୍ରଭାବ ପଡୁଛି। କ୍ଷତିପୂରଣ ପ୍ରଦାନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ପରବର୍ତ୍ତୀ ବୈଠକରେ ଆଲୋଚନା କରାଯିବ।

ଏହା ଅକ୍ଟୋବର ୫ରେ ହେବ ବୋଲି ଜଣାପଡିଛି। ସେପ୍ଟେମ୍ବର ୧୯ରେ ଏହି ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ବୈଠକ ୫ରେ ହେବ ବୋଲି ଶୁକ୍ରବାର ଏହା ଜଣାପଡିଛି। ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ସ୍ଥାନିତ ହେବା ସମ୍ଭାବନା ରହିଛି। ସଂସଦ ଅଧିବେଶନ ଚଳିତ ମାସ ୧୪ରୁ ଆରମ୍ଭ ହେଉଛି। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗ ଆଲୋଚନା କରାଯିବ ବୋଲି ଶୁଣାଯାଉଛି। କ୍ଷତିପୂରଣ ପ୍ରସଙ୍ଗ ଉପରେ ଅଗଷ୍ଟ ୨୭ରେ ହୋଇଥିବା ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟଗୁଡିକୁ କେନ୍ଦ୍ର ସରକାର ୨ଟି ବିକଳ୍ପ ପ୍ରଦାନ କରିଥିଲେ। ଏହା ମଧ୍ୟରେ ରିଜର୍ଭ ବ୍ୟାଙ୍କର ସ୍ୱତନ୍ତ୍ର ୱିଣ୍ଡୋ ଦ୍ୱାରା ବଜାରରୁ ପୁଞ୍ଜି ଉଠାଣ ମଧ୍ୟ ସାମିଲ ହୋଇଛି। ପ୍ରଥମଟିରେ ୯୭ ହଜାର କୋଟି ଟଙ୍କାର ପୁଞ୍ଜି ରିଜର୍ଭ ବ୍ୟାଙ୍କରୁ ଋଣ ଏବଂ ଦ୍ୱିତୀୟଟିରେ ୨.୩୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବଜାରର ଉଠାଇବା ନେଇ ପ୍ରସ୍ତାବ ରହିଛି। ଏହି ପ୍ରସଙ୍ଗରେ ଅନେକ ରାଜ୍ୟ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡି ଚିଠି ଲେଖିଥିବା ଜଣାପଡ଼ିଛି।

## ବିମାନରେ ଫଟୋଗ୍ରାଫି କଲେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୧୨।୯**

ବିମାନ ଭିତରେ ଫଟୋଗ୍ରାଫି କଲେ ସେହି ବିମାନ କମ୍ପାନୀ ବିରୋଧରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) କଟକଣା ଲଗାଇବ। ଏଭଳି ମାମଲା କ୍ଷେତ୍ରରେ ଉକ୍ତ ବିମାନ କମ୍ପାନୀକୁ ନିର୍ଦ୍ଦିଷ୍ଟ ରୁଟ୍‌ରେ ୨ ସପ୍ତାହ ଲାଗି ଚଳାଚଳ ଉପରେ ବ୍ୟାନ୍ ଲଗାଯିବ। ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କର ଚଣ୍ଡିଗଡ଼ରୁ ମୁମ୍ବାଇ ବିମାନ ଯାତ୍ରା ସମୟରେ ବିମାନ ଭିତରେ ନିୟମର ଉଲ୍ଲଂଘନ ମାମଲାରେ ଡିଜିସିଏ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛି। ସେହିଭଳି ବିମାନରେ ଥିବା କ୍ରିଉ ଏ ଦିଗରେ ଯଦି ଫଟୋଗ୍ରାଫିକୁ ନ ରୋକିବାରେ ସଫଳ ହୁଅନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏଭଳି କାର୍ଯ୍ୟରେ ଲିପ୍ତଥିବା ଯାତ୍ରୀଙ୍କ ଲାଗି ମଧ୍ୟ କଟକଣା ଜାରି କରାଯାଇଥିବା ଜଣାପଡିଛି। ଯାତ୍ରୀଙ୍କୁ ବ୍ୟାନ୍ କରାଯାଇପାରେ ବୋଲି ଡିଜିସିଏ ଶନିବାର କହିଛି।

## ବେଦାନ୍ତ ଲାଞ୍ଜିଗଡ଼କୁ ସିଆଇଆଇ ଏକ୍ସିଲେନ୍ସ ପୁରସ୍କାର

**ଭୁବନେଶ୍ୱର, ୧୨।୯**

ବେଦାନ୍ତ ଲାଞ୍ଜିଗଡ଼ ଚଳିତ ବର୍ଷର ସିଆଇଆଇ ଏକ୍ସିଲେନ୍ସ ପୁରସ୍କାର ପ୍ରାପ୍ତ ହୋଇଛି। କମ୍ପାନୀରେ କାର୍ଯ୍ୟରତ ୨୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ କ୍ଷେତ୍ରର ଉଲ୍ଲେଖନୀୟ କାର୍ଯ୍ୟପନ୍ଥା ସହ ଦାୟିତ୍ୱବୋଧତା ପାଇଁ ସିଆଇଆଇ ପୂର୍ବାଞ୍ଚଳ ପକ୍ଷରୁ ଏହି ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ ଗାଇଡ୍‌ଲାଇନ ଓ କାର୍ଯ୍ୟକ୍ରମରେ ପ୍ରାୟ ୪୪ଟି ସଂସ୍ଥା ଅଂଶଗ୍ରହଣ କରିଥିଲେ। ଭର୍ଚୁଆଲ ମାଧ୍ୟମରେ ଗତ ୧୦ ସେପ୍ଟେମ୍ବରରେ ସିଆଇଆଇ ପକ୍ଷରୁ ଆୟୋଜିତ ଚତୁର୍ଦ୍ଦଶ ସୁରକ୍ଷା ପ୍ରଦର୍ଶନୀ ଏବଂ ଆଲୋଚନା ସମାରୋହରେ କମ୍ପାନୀ ପକ୍ଷରୁ ମୁଖ୍ୟ ପରିଚାଳନା ଅଧିକାରୀ ରାକେଶ ମୋହନ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ବେଦାନ୍ତ ଲାଞ୍ଜିଗଡ଼ର ପରିଚାଳନା କମିଟି ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱବୋଧ ଯୋଗୁ ସମ୍ଭବ ହୋଇପାରିଛି ବୋଲି ରାକେଶ ମୋହନ କହିଥିଲେ।

### ପିଏମ୍ ସ୍ୱନିଧିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଯୋଗଦାନ ଉନ୍ନତ

**ନୂଆଦିଲ୍ଲୀ,୧୨।୯:**ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି ବ୍ୟାଙ୍କଗୁଡିକ ବର୍ତ୍ତମାନ ସୁଦ୍ଧା ଉକ୍ତ ବର୍ଗରେ ପ୍ରାୟ ୯୦%ରୁ ଉର୍ଦ୍ଧ୍ୱ ଋଣ ମଞ୍ଜୁର କରିଥିବା ଜଣାପଡିଛି। କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହୋଇଥିବା ଉଠାଦୋକାନୀଙ୍କୁ ସହାୟତା କରିବା ଲାଗି ସରକାର ଋଣ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାର ଉଠାଦୋକାନୀଙ୍କ ଲାଗି ଆତ୍ମନିର୍ଭର ନିଧି ବା ପିଏମ୍ ସ୍ୱନିଧି ଯୋଜନା ଜୁନ୍ ପହିଲାରେ ଘୋଷଣା କରିଥିଲେ। ଲକ୍‌ଡାଉନ ଲାଗି ଲୋକଙ୍କର ଜୀବିକା ପ୍ରଭାବିତ ହୋଇଥିବାରୁ ଏଭଳି ଏକ ଯୋଜନା ଘୋଷଣା କରାଯାଇଥିଲା। ଏହାଦ୍ୱାରା ଗୋଟିଏ ବର୍ଷ ଅବଧି ଲାଗି ପ୍ରାୟ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କେନ୍ଦ୍ର ସରକାର ଆଣିଥିବା ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ଭାରତ ଯୋଜନା ଅଧୀନରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି।

## ଟୟୋଟା ପକ୍ଷରୁ ରେସ୍‌ପେକ୍ଟ ପ୍ୟାକେଜ

**ନୂଆଦିଲ୍ଲୀ, ୧୨।୯**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ କମ୍ପାକ୍ଟ ଏସ୍‌ୟୁଭି ସେଗ୍‌ମେଣ୍ଟ ଅନ୍ତର୍ଗତ ଅଲ୍ ନିୟୁ ଟୟୋଟା ଅର୍ବାନ କ୍ରୁଏଜରର ବୁକିଂରେ ଗ୍ରାହକଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ରେସ୍‌ପେକ୍ଟ ପ୍ୟାକେଜର ଘୋଷଣା କରାଯାଇଛି। ଟୟୋଟା କଷ୍ଟମର ଫାଷ୍ଟ ଫିଲୋସୋଫି ଅନ୍ତର୍ଗତ କମ୍ପାନୀ ପକ୍ଷରୁ ଏଭଳି ଯୋଜନା ଆରମ୍ଭ କରାଯାଇଛି। ଟୟୋଟା ଉତ୍ପାଦ ଉପରେ ଗ୍ରାହକଙ୍କୁ କମ୍ପାନୀ ପକ୍ଷରୁ 'ଏ ନୋ କଷ୍ଟ ପରିୟଡିକ୍ ମେଣ୍ଟନାନ୍ସ' ସେବା ୨ବର୍ଷ ପାଇଁ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟର ସେଲସ ଆଣ୍ଡ ସର୍ଭିସ ବରିଷ୍ଠ ଉପସଭାପତି ନବୀନ ସୋନୀ କହିଛନ୍ତି ଯେ, ଟୟୋଟା ଅର୍ବାନ କ୍ରୁଏଜରର ଓପନିଂ ବୁକିଂ ଯୋଗୁ ଆମେ ବେଶ୍ ଉତ୍ସାହୀ। ରେସ୍‌ପେକ୍ଟ ପ୍ୟାକେଜ ମାଧ୍ୟମରେ ଗ୍ରାହକଙ୍କ ପ୍ରତି କୃତଜ୍ଞତା ଜାହିର କରିବା ସହ ସେମାନଙ୍କୁ ଟୟୋଟା ପରିବାରକୁ ସ୍ୱାଗତ କରିପାରିବୁ। ଏହି ନୂତନ ଅର୍ବାନ କ୍ରୁଜର ଏସ୍‌ୟୁଭିରେ ୪ସିଲିଣ୍ଡର ବିଶିଷ୍ଟ ଶକ୍ତିଶାଳୀ କେ ସିରିଜ



୧.୫ ଲିଟର ଇଞ୍ଜିନ ରହିଛି। ଏହା ଉଭୟ ମାନୁଆଲ ଓ ଅଟୋମେଟିକ ଟ୍ରାନ୍ସମିଶନରେ ମଧ୍ୟ ଉପଲବ୍ଧ ହେଉଛି। ଏଥିରେ ନୂତନ ଫିଚର ସହ ଅତ୍ୟାଧୁନିକ ଜ୍ଞାନକୌଶଳ, ସରଞ୍ଜାମ, ଆକର୍ଷଣୀୟ ମଡେଲ ଓ କଲର ଭଳି ବୈଶିଷ୍ଟ୍ୟ ରହିଛି।

## ଦିଲ୍ଲୀରେ ୮୫ ଟଙ୍କା ଛୁଇଁଲା ଟମାଟୋ

**ନୂଆଦିଲ୍ଲୀ, ୧୨।୯**

ଦିଲ୍ଲୀରେ ଟମାଟୋ ଦର ଆକାଶ ଛୁଆଁ ହୋଇଛି। ଏଠାରେ ଟମାଟୋର ଖୁଚୁରା ଦର ୮୦ରୁ ୮୫ ଟଙ୍କା ଛୁଇଁଥିବା ଜଣାପଡିଛି। ଜୁନ ମାସ ପରଠାରୁ ଟମାଟୋ କିଲୋ ପ୍ରତି ଦର ୫୦ରୁ ୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିଲା। କିନ୍ତୁ ଅଚାନକ ଏହାର ଦରରେ ପରିବର୍ତ୍ତନ ଆସିଛି। ମାତ୍ର ସରକାର ରିପୋର୍ଟ ମୁତାବକ ଦିଲ୍ଲୀରେ ଟମାଟୋ କିଲୋ ପ୍ରତି ଦର ୬୦ଟଙ୍କା ରହିଛି। ମଦର ଡେରୀର ସଫଲ ଆଉଟଲେଟଗୁଡିକରେ ଏହା କିଲୋ ପ୍ରତି ୭୮ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଇ-ରିଟେଲର ଗ୍ରୋଫର୍ସ ୭୪ରୁ ୭୫ ଟଙ୍କା ଏବଂ ବିଗ୍ ବାସ୍କେଟରେ କିଲୋ ପ୍ରତି ଟମାଟୋ ଦର ୬୦ ଟଙ୍କା ରହିଛି। ବର୍ଷା ଯୋଗୁ ଫସଲ ନଷ୍ଟ ହେଉଥିବାରୁ ଏହାର ପ୍ରଭାବ ଦର ଉପରେ ପଡିଛି। ଯୋଗାଣ ପ୍ରଭାବିତ ହେଉଥିବାରୁ ବଜାରରେ ଏହାର ପ୍ରଭାବ ପରିଲକ୍ଷିତ ହେଉଥିବା ଜଣାପଡିଛି।

## ସାପୁରଜୀ ଗ୍ରୁପ୍ ବିରୋଧରେ ସୁପ୍ରିମକୋର୍ଟରେ ଟାଟା ସନ୍ସ

**ନୂଆଦିଲ୍ଲୀ,୧୨।୯:** ଟାଟା ଗ୍ରୁପ୍ କମ୍ପାନୀ ପରିଚାଳନା କରୁଥିବା ଟାଟାସନ୍ସର ୨% ଅଂଶଧନ ବନ୍ଧକ ରଖିବା ଲାଗି ସାପୁରଜୀ ଗ୍ରୁପ୍ ଚାହୁଁଛି। ଏହାକୁ ନେଇ ପୁଣି ଥରେ ଦୁଇ ଅଂଶୀଦାରଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ସାମ୍ନାକୁ ଆସିଛି। ସାପୁରଜୀ ଗ୍ରୁପ୍‌ର ଏହି କାର୍ଯ୍ୟକଳାପ ବିରୋଧରେ ଟାଟାସନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ସାପୁରଜୀ ଗ୍ରୁପ୍‌ର ଦାୟିତ୍ୱ ଭାର ସମ୍ଭାଳୁଥିବା ସାଇରସ ମିସ୍ତ୍ରିଙ୍କୁ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରୁ ହଟାଇବା ବେଳେ ଦୁଇ ଗ୍ରୁପ୍‌ର କଳି ସାମ୍ନାକୁ ଆସିଥିଲା। ପୁଣି ଥରେ ଏହି ଦୁଇ ଗ୍ରୁପ୍‌ର କଳି ସାମ୍ନାକୁ ଆସିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଟାଟା ସନ୍ସରେ ସାପୁରଜୀ ଗ୍ରୁପ୍‌ର ୧୮.୪% ଅଂଶଧନ ରହିଛି। ସାପୁରଜୀ ପାଲନଜୀ ଗ୍ରୁପ୍ ମୁଖ୍ୟତଃ ରିୟଲ ଇଷ୍ଟେଟ କାରବାର ସହ ଜଡିତ। ଏହି ଗ୍ରୁପକୁ ବର୍ତ୍ତମାନ ନଗଦ ଅର୍ଥ ଆବଶ୍ୟକ ପଡୁଛି। ଏଥିଲାଗି ଗ୍ରୁପ ଟାଟା ସନ୍ସରେ ରହିଥିବା ଏହାର ଅଂଶଧନ ମଧ୍ୟରୁ ୨% ଅଂଶଧନକୁ ବନ୍ଧକ ରଖିବାକୁ ଚାହୁଁଛି। ଏହି ଯୋଜନାରୁ ପ୍ରାୟ ୧୧




**ପୁଣି ସାମ୍ନାକୁ ଆସିଲା ଦୁଇ ଗ୍ରୁପ୍‌ର ବିବାଦ**

ହଜାର କୋଟି ଟଙ୍କାର ପୁଞ୍ଜି ସଂଗ୍ରହ କରିବା ଲାଗି ଗ୍ରୁପ ଯୋଜନା ରଖିଛି।

ପ୍ରଥମ କିସ୍ତିରେ ୩,୭୫୦ କୋଟି ଟଙ୍କା ସଂଗ୍ରହ କରିବା ଲାଗି ସାପୁରଜୀ ଗ୍ରୁପ କ୍ରୁକ୍‌ଫିଲ୍ଡ ସହ ଚୁକ୍ତିରେ ସାମିଲ ହୋଇଛି। ଦ୍ୱିତୀୟ ଥର ଲାଗି ଏହି ଗ୍ରୁପ ଟାଟାସନ୍ସରେ ରହିଥିବା ଶେୟାର ବନ୍ଧକ ରଖିବା ଲାଗି ପ୍ରୟାସ କରିଥିଲା। ୨୦୨୦ ଏପ୍ରିଲରେ ସାପୁରଜୀ ଗ୍ରୁପ ଟାଟାସନ୍ସର ଶେୟାର ବନ୍ଧକ ରଖିବା ଲାଗି ପ୍ରୟାସ ଆରମ୍ଭ କରିଥିଲା। ସେହି ସମୟରେ ଟ୍ରାଞ୍ଜାକଶନ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ଗ୍ରୁପର ମୁଖପାତ୍ର କହିଛନ୍ତି ଯେ, କୋଭିଡ୍ ଯୋଗୁ କାରବାର ଗଭୀର ଭାବେ ପ୍ରଭାବିତ ହୋଇଛି। ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। କାମକୁ ପୁଣି ଥରେ ଆରମ୍ଭ କରିବା ଲାଗି ପୁଞ୍ଜିର ଆବଶ୍ୟକତା ରହିଛି। ଟାଟାସନ୍ସ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହେବା ଯୋଗୁ ଏହା ଦ୍ୱାରା ସାପୁରଜୀ ଲାଗି ଆର୍ଥିକ କ୍ଷତି କରିବ। ଟାଟା ଗ୍ରୁପ୍‌ର ଆବେଦନକୁ ଖାରଜ କରିବା ଲାଗି ଆବେଦନ କରାଯିବ ବୋଲି ମୁଖପାତ୍ର ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ଅଂଶଧନ ବନ୍ଧକ ରହୁ ବୋଲି ଟାଟା ସନ୍ସ ଚାହୁଁନାହିଁ। ଏ ନେଇ ସେପ୍ଟେମ୍ବର ୫ରେ ସୁପ୍ରିମକୋର୍ଟରେ ଏକ ଆବେଦନ କରିଛି ଟାଟାସନ୍ସ। ଟାଟା ଗ୍ରୁପ ପକ୍ଷରୁ କୁହାଯାଇଛି ଯେ, ବନ୍ଧକ ରଖାଯାଇଥିବା ଶେୟାର ଭବିଷ୍ୟତରେ ଟ୍ରାନ୍ସଫର ହୋଇପାରେ। ଆର୍ଟିକିଲ ଅଫ୍ ଆସୋସିଏଶନ ନିୟମ ମୁତାବକ ଯଦି କୌଣସି ସଦସ୍ୟ ଶେୟାର ବିକ୍ରି କରିବାକୁ ଚାହାନ୍ତି ତେବେ ଶେୟାର ଉଚିତ ମୂଲ୍ୟରେ କ୍ରୟ ପ୍ରସଙ୍ଗରେ ଟାଟା ସନ୍ସ ବୋର୍ଡ ଅଗ୍ରାହ୍ୟ କରିବାର ଅଧିକାର ରହିଛି।

## ରାଜ୍ୟ ଖବର

## ମୋଦିଙ୍କ ଜନ୍ମଦିନ ଲାଗି ସେବା ସପ୍ତାହ ପାଳନ କରିବ ଭାଜପା

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

**ସବୁ ନିର୍ବାଚିତ ପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଲେ ରାଜ୍ୟ ସଭାପତି**

ଆସନ୍ତା ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ସପ୍ତାହକୁ ଭାଜପା ପକ୍ଷରୁ ଦେଶବ୍ୟାପୀ ସେବା ସପ୍ତାହ ଭାବେ ପାଳନ କରାଯିବ । ଏହି ସପ୍ତାହରେ ଭାଜପା କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ପ୍ରକାର ସେବାକାର୍ଯ୍ୟ କରି ପ୍ରଧାନମନ୍ତ୍ରୀଙ୍କ ନିରାମୟ ଓ ଦୀର୍ଘଜୀବନ କାମନା କରିଥାନ୍ତି । ଚଳିତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ୭୦ତମ ଜନ୍ମଦିବସ ହୋଇଥିବାରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୪ରୁ୨୦ ପର୍ଯ୍ୟନ୍ତ ଦେଶବ୍ୟାପୀ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ ଅନୁଷ୍ଠିତ ହେବ ।

ସେବା ସପ୍ତାହର ପ୍ରଥମ ଦିନ କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ପ୍ରତ୍ୟେକ ବୁଥ୍‌ରେ ୭୦ ଲେଖା ବୃକ୍ଷରୋପଣ କରିବା ସହ ପର୍ଯ୍ୟାବରଣର ସୁରକ୍ଷା ପାଇଁ ସଂକଳ୍ପ ନେବେ । ଦ୍ୱିତୀୟ ଦିନ ୧୫ତାରିଖରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ୭୦ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଓ ଉପକରଣ ଏବଂ ୭୦ ଜଣ ଗରିବ ଭଉଣୀଭାଇଙ୍କୁ ଆବଶ୍ୟକତା ଅନୁଯାୟୀ ମାଗଣା ଚଷମା ପ୍ରଦାନ କରାଯିବ । ଏହାସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ବ୍ୟକ୍ତିତ୍ୱ ସମ୍ବନ୍ଧିତ ୭୦ଟି ଭିନ୍ନ ଭିନ୍ନ ଭିଡିଓ/ଫଟୋଚିତ୍ର ପ୍ରଦର୍ଶନୀ ସୋସିଆଲ ମିଡିଆ ଜରିଆରେ ଅନୁଷ୍ଠିତ ହେବ। ୧୬ତାରିଖରେ ରାଜ୍ୟର ସମସ୍ତ ମଣ୍ଡଳର ୨ଟି ଗରିବ ବସ୍ତି ଓ ଡାକ୍ତରଖାନାରେ ଫଳ ବଣ୍ଟନ କରାଯିବ । ୧୭ରେ ରାଜ୍ୟର ୭୦ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯିବ । ଆବଶ୍ୟକତା ଅନୁଯାୟୀ ଓ ଡାକ୍ତରଖାନା ମାଧ୍ୟମରେ ୭୦ଜଣଙ୍କୁ ପ୍ଲାଜ୍‌ମା ଦାନ କରାଯିବ । ୧୮ ଓ ୧୯ ତାରିଖରେ ମୋଦିଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱକୁ ନେଇ ୱେବିନାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ୨ଟି ସ୍ଥାନରେ ଭର୍ଚୁଆଲ ମିଟିଂର ଆୟୋଜନ କରାଯିବ । ଏହି ମିଟିଂରେ ସମାଜର ପ୍ରମୁଖ ବୁଦ୍ଧିଜୀବୀ ଓ ନାଗରିକମାନେ ଯୋଗଦେବେ । ୨୦ ତାରିଖରେ ପ୍ରତ୍ୟେକ ଜିଲାର ୭୦ ଗ୍ରାମରେ ସ୍ୱଚ୍ଛତା ଅଭିଯାନ କରାଯିବା ସହ ବ୍ୟବହୃତ ପ୍ଲାଷ୍ଟିକ (ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକ) ବର୍ଜନ ପାଇଁ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେବେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସମସ୍ତ ନିର୍ବାଚିତ ଜନ ପ୍ରତିନିଧିଙ୍କ ସହ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ କୋଭିଡ୍-୧୯ ନୀତିନିୟମକୁ ମାନି ଭାଗନେବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ଅନୁରୋଧ କରିଛନ୍ତି।

# ୧୧ ବର୍ଷରେ ଗଲାଣି ୨୧ ଜୀବନ

**ଖୋର୍ଦ୍ଧା ଅଫିସ,୧୨।୯**

- ଥମୁନି ହାତୀ-ମଣିଷ ଲଢ଼େଇ
- ୧୫ ବର୍ଷରେ ମଲେଣି ୭ ହାତୀ
- ନୀରବ ଦ୍ରଷ୍ଟା ସାଜିଛି ବନ ବିଭାଗ

ଖୋର୍ଦ୍ଧା ବନଖଣ୍ଡରେ ଥମୁନି ହାତୀ-ମଣିଷ ଲଢ଼େଇ। ଗତ ୧୧ବର୍ଷରେ ହାତୀ ଆକ୍ରମଣରେ ୨୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ବର୍ଷରେ ୭ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ସୂଚନାଥାଉ କି, କିଛି ବର୍ଷ ପୂର୍ବେ ଚନ୍ଦକା ଜଙ୍ଗଲରୁ ୨୫ରୁ ୩୦ ହାତୀ ଆସି ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ରହୁଛନ୍ତି। ଖାଦ୍ୟାଭାବରୁ ହାତୀମାନେ ଗାଁ ମୁହାଁ ହେଉଛନ୍ତି। ଫସଲ ନଷ୍ଟ କରିବା ସହ ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ଘଟୁଛି। ଫସଲହାନି ରୋକିବା ଲାଗି ଚାଷୀ କ୍ଷେତରେ କୀଟନାଶକ ଔଷଧ ପକାଇବା ଫଳରେ ହାତୀମାନେ ଅସୁସ୍ଥ ହୋଇପଡୁଥିବା କେତେଜଣ ପରିବେଶବିତ କହିଛନ୍ତି। ବାରମ୍ବାର ହାତୀ ଓ ମଣିଷ ଲଢେଇ ଜାରି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ଲାଗି ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୦୬ମସିହାରେ ରଣପୁର ରେଞ୍ଜରେ ଏକ ମାଈ ହାତୀ ମୃତଦେହ ଠାବ ହୋଇଥିଲା। ୨୦୦୮ରେ ଖୋର୍ଦ୍ଧା ବନାଞ୍ଚଳ ବରୁଣେଇ ପାହାଡରେ ସଂକ୍ରମଣ ରୋଗରେ ପୀଡିତ ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ଉକ୍ତ ବର୍ଷରେ ମଧୁପୁରଠାରେ ଜଣେ ଶିକାରୀଙ୍କ ଗୁଳିରେ ଏକ ହାତୀର ମୃତ୍ୟୁ ହୋଇଥିଲା। ୨୦୧୦ରେ କୁଶପାଙ୍ଗୀ ଜଙ୍ଗଲରେ ଏକ ବୟାସାଧିକ କାରଣରୁ ହାତୀର ମୃତ୍ୟୁ ଘଟିଥିଲା। ୨୦୧୭ ଟାଙ୍ଗୀ ବନାଞ୍ଚଳ ରାମେଶ୍ୱର ଖଜୁରିପଡ଼ା ଗ୍ରାମ ନିକଟରୁ ମାଈ ହାତୀର ଗଳିତ ମୃତଦେହ ଜବତ ହୋଇଥିଲା। ୨୦୧୯ ନଭେମ୍ବରରେ ଜଙ୍କିଆ ଥାନା ମଲାଗୁଣୀ ନଦୀତଟ ଅଚ୍ୟୁତପୁରଠାରୁ ଏକ ଦନ୍ତାହାତୀର ମୃତଦେହ ମିଳିଥିଲା। ବିଷକ୍ରିୟା ଯୋଗୁ ହାତୀର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହୋଇଥିଲା। ମାର୍ଚ୍ଚ ୧୮ରେ ଟାଙ୍ଗୀ ବନାଞ୍ଚଳ ଅଧୀନ ମଲାଗୁଣୀ ନଦୀପଠାସ୍ଥିତ ବାରୋଡା ମୌଜାରେ ଅସୁସ୍ଥ ଅବସ୍ଥାରେ ଏକ ମାଇ ହାତୀର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ୨୦୦୯ରେ ୨ଜଣ, ୨୦୧୦ ଓ ୨୦୧୧ରେ ଜଣେ ଲେଖାଏ, ୨୦୧୨ରେ ୨ଜଣ, ୨୦୧୩ରେ ୨ଜଣ, ୨୦୧୪ରେ ଜଣେ, ୨୦୧୫ରେ ୨ଜଣ, ୨୦୧୬ ଓ ୨୦୧୭ରେ ଜଣେ ଲେଖାଏ, ୨୦୧୮ ଓ ୨୦୧୯ରେ ୨ଜଣ ଲେଖାଏ ଏବଂ ୨୦୨୦ରେ ଏପର୍ଯ୍ୟନ୍ତ ୪ଜଣଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି, ବାରମ୍ବାର ଏହି ଅଞ୍ଚଳରେ ହାତୀଙ୍କ ମୃତ୍ୟୁ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲ ଧ୍ୱଂସ, କଂକ୍ରିଟ ଜଙ୍ଗଲ, କଳକାରଖାନା ଯୋଗୁ ହାତୀମାନେ ଗାଁ ମୁହାଁ ହେବାରେ ଲାଗିଛନ୍ତି। ନିୟମିତ ବ୍ୟବଧାନରେ ହାତୀ ଓ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗି ରହିଛି। ହାତୀ କରିଡର ପ୍ରତି ବାରମ୍ବାର ଦାବି ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର କରାଯାଉନାହିଁ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ଜୟନ୍ତ ମହାନ୍ତି କହିଛନ୍ତି, ଏହି ଅଞ୍ଚଳରେ ଦୀର୍ଘ ବର୍ଷ ଧରି ହାତୀ ପଲ ରହୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ନିକଟ ଗ୍ରାମକୁ ଆସୁଛନ୍ତି। ହାତୀ ଓ ଜନତାଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଛି। ହାତୀଙ୍କ ସୁରକ୍ଷା ଲାଗି ନିକଟରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉନାହିଁ ବୋଲି ସେ କହିଛନ୍ତି।



ପୁରୀ ମଙ୍ଗଳାନଦୀ ମୁହାଣର କୂଆ ଖାଉଛି।

## ଚେଲ୍ଲାକୁମାର ପ୍ରଭାରୀ ପରେ ପିସିସି ପରିବର୍ତ୍ତନ ସମ୍ଭାବନା ବଢୁଛି

**ଭୁବନେଶ୍ୱର ୧୨।୯(ବ୍ୟୁରୋ)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଶୁକ୍ରବାର ସିଡବ୍ଲୁସି(କଂଗ୍ରେସ କାର୍ଯ୍ୟକାରୀ କମିଟି)ର ପୁନର୍ଗଠନ କରାଯାଇଛି। ଏହାସହ ଏଆଇସିସି ପକ୍ଷରୁ ବିଭିନ୍ନ ରାଜ୍ୟ ପାଇଁ ସାଧାରଣ ସମ୍ପାଦକ ଏବଂ ପ୍ରଭାରୀଭାବେ ନୂଆ ନେତାଙ୍କୁ ନିଯୁକ୍ତି ମିଳିଛି। ଦଳର ଉପରମୁଣ୍ଡରୁ ଏଭଳି ପରିବର୍ତ୍ତନ ଦଳର କାର୍ଯ୍ୟକର୍ତ୍ତାମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଥିବା ଲକ୍ଷ୍ୟ କରାଯାଇଛି। ଗତ ସାଧାରଣ ନିର୍ବାଚନରେ ଓଡିଶାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଭଲ ପ୍ରଦର୍ଶନ କରିପାରିଲାନାହିଁ। ତେଣୁ ଏବେ ଓଡିଶା ପାଇଁ ଜିତେନ୍ଦ୍ର ସିଂହଙ୍କ ସ୍ଥାନରେ ତାମିଲନାଡୁ ନେତା ଚେଲ୍ଲାକୁମାରଙ୍କୁ ନୂଆ ପ୍ରଭାରୀ କରାଯିବା ଯୋଗୁ ଅନ୍ୟ ସାଙ୍ଗଠନିକ କ୍ଷେତ୍ରରେ ପରିବର୍ତ୍ତନ ହେବାର ଆଶା କରାଯାଉଛି। ଏହିକ୍ରମରେ ପିସିସି ସଭାପତି ମଧ୍ୟ ବଦଳିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆଗକୁ ଦଳର ସାଙ୍ଗଠନିକ ରୂପରେଖ ପରିବର୍ତ୍ତନ ନେଇ ଆଶାପ୍ରକଟ କରୁଥିବା ନେତାମାନେ ଚେଲ୍ଲାକୁମାରଙ୍କ ପ୍ରତି ଅଧିକ ବିଶ୍ୱାସ ବଢାଇ ଦେଲେଣି।

ରାଜ୍ୟ କଂଗ୍ରେସରେ ଖୁବଶୀଘ୍ର ଚେଲ୍ଲାକୁମାରଙ୍କ ନେତୃତ୍ୱରେ ପିସିସି ଓ ତୃଣମୂଳସ୍ତରରେ ବ୍ୟାପକ ପରିବର୍ତ୍ତନ ହେବ। ଆଗକୁ ଦଳର ସଙ୍ଗଠନ ମଧ୍ୟ ବହୁତ ସୁଦୃଢ ହେବ ବୋଲି ଏଆଇସିସି ସମ୍ପାଦକ ଶରତ ରାଉତ କହିଛନ୍ତି। ଅନ୍ୟପଟେ ମିଜୋରାମ ଓ ମଣିପୁର ପ୍ରଭାରୀ ଦାୟିତ୍ୱ ଭକ୍ତଚରଣ ଦାସଙ୍କୁ ମିଳିବାପରେ ସେ କହିଛନ୍ତି ଯେ, ପୂର୍ବରୁ ସେ ଏଆଇସିସିର ବିଭିନ୍ନ ପଦପଦବୀରେ ରହିଛନ୍ତି। ଓଡିଶା ପାଇଁ କାମ କରିଛନ୍ତି। ତାଙ୍କୁ ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଯେଉଁ ଦାୟିତ୍ୱ ଦେଇଛନ୍ତି ତାକୁ ଭଲଭାବେ ତୁଲାଇବି। ବର୍ତ୍ତମାନ ପରିସ୍ଥିତିରେ ଯେଉଁମାନେ ଦଳପାଇଁ କାମ କରିବେ ସେହିଭଳି ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ଚେଲ୍ଲାକୁମାର ଓ ପିସିସି ସଭାପତି ତାଙ୍କ ଠାରୁ ଯେଉଁ ସାହାଯ୍ୟ ଚାହିଁବେ ତାହା କରିବେ। ଚେଲ୍ଲାକୁମାର ଜଣେ ସ୍ୱଚ୍ଛ ରାଜନେତା। ଗୋଆରେ ତାଙ୍କ ସହିତ କାମ କରିଛି। ଓଡିଶାର ସ୍ଥିତି ସମ୍ପର୍କରେ ତାଙ୍କୁ ଜଣାଅଛି। ଦଳର ସାଙ୍ଗଠନିକ ପରିବର୍ତ୍ତନ ନେଇ ସେ ହାଇକମାଣ୍ଡଙ୍କୁ ଯେଉଁ ରିପୋର୍ଟ ଦେବେ ସେହି ଅନୁୟାୟୀ ହେବ। ପିସିସି ସଭାପତି ହେବା ଲାଗି ସମସ୍ତଙ୍କ ସକ୍ଷମତା ଅଛି। ସମସ୍ତଙ୍କୁ ନେଇ ଟିମ ୱାର୍କ ସହ କାର୍ଯ୍ୟ କରାଯିବା ଆବଶ୍ୟକ। ଦଳରେ ବିଶୃଙ୍ଖଳାର ସ୍ଥାନ ନାହିଁ। ସବୁ କଥା ଆଲୋଚନା ଲାଗି ବିଭିନ୍ନ ଫୋରମ ରହିଛି। ଏଆଇସିସି ସ୍ତରରେ ଆମୂଳଚୂଳ ପରିବର୍ତ୍ତନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଭକ୍ତ ଦାସ କହିଛନ୍ତି। ବରିଷ୍ଠ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ସଭାପତି ଯିଏ ହେବ ତାଙ୍କୁ ସ୍ୱାଗତ କରିବୁ। ଏବେ ସଭାପତି ଦୌଡରେ ୧୭ ନେତା ଅଛନ୍ତି। ହାଇକମାଣ୍ଡ ଯାହାକୁ ସଭାପତି କରିବେ ଆମେ ତାଙ୍କୁ ନେଇ କାମ କରିବୁ। ଯାହା ପରିବର୍ତ୍ତନ ହେବା କଥା ଶୀଘ୍ର ହେଉ ବୋଲି ସେ କହିଛନ୍ତି।





ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ପୁରୁଷ ସିଙ୍ଗିଲ୍ସ ସେମିଫାଇନାଲ ଅବସରରେ ଆଲେକ୍ଜାଣ୍ଡର ଜେଭେରେଭ ଓ ଡୋମିନିକ୍ ଥିମ୍

# ଜାଭୋନାରେଭା-ସିଗ୍‌ମଣ୍ଡ ଚାମ୍ପିୟନ

ନ୍ୟୁୟର୍କ,୧୨।୯(ଏପି)

ୟୁଏସ୍ ଓପନ୍ ମହିଳା ଡବଲ୍ସ ଇଭେଣ୍ଟରେ ଭେରା ଜାଭୋନାରେଭା ଓ ଲଉରା ସିଗ୍‌ମଣ୍ଡ ଟାଇଟଲ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅଣସିଡ୍ ଏହି ରୁଷିଆ ଓ ଜର୍ମାନୀ ଯୋଡି ୬-୪, ୬-୪ ସେଟ୍‌ରେ ତୃତୀୟ ସିଡ୍ ମାନ୍ୟତାପ୍ରାପ୍ତ ଯୋଡି ଆମେରିକାର ନିକୋଲ ମେଲିଚାର ଓ ଚାଇନାର ୟିଫାନ ଜୁଙ୍କୁ ପରାସ୍ତ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ବିଜୟ ସହ ଜାଭୋନାରେଭା ଓ ସିଗ୍‌ମଣ୍ଡ ୪ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ହାସଲ କରିଛନ୍ତି। ଟୁର୍ନାମେଣ୍ଟର ଠିକ୍ ପୂର୍ବରୁ ଏହି ବିଜେତା ଯୋଡି ସାଥି ହୋଇ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ଆଗାମୀ ଫ୍ରେଞ୍ଚ ଓପନ୍‌ରେ ମଧ୍ୟ ଦୁହେଁ ସାଥୀ ହୋଇ ଖେଳିବାକୁ ଯୋଜନା କରିଛନ୍ତି।

ଜାଭୋନାରେଭା ଚଳିତ ସପ୍ତାହରେ ୩୬ ବର୍ଷରେ ପଦାର୍ପଣ କରିବେ। ପୂର୍ବରୁ ସେ ୨୦୦୬ ୟୁଏସ୍ ଓପନ୍‌ରେ ନାଥାଲି ଡେଚିଙ୍କ ସହ ଟାଇଟଲ ହାସଲ କରିଥିଲେ। ୨୦୧୦ ସଂସ୍କରଣରେ ସେ ମଧ୍ୟ ସିଙ୍ଗଲ୍ସ ଫାଇନାଲରେ କିମ୍ କ୍ଲିଷ୍ଟର୍ସଙ୍କଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଥିଲେ। ୨୦୧୨ରେ ମଧ୍ୟ ସେ ଅଷ୍ଟ୍ରେଲିଆନ୍ ଓପନ୍ ଡବଲ୍ସ ଟାଇଟଲ ହାସଲ କରିଥିଲେ। ଏହାପରେ ସେ ଆଘାତ ସମସ୍ୟା ଦେଇ ଗତିକରିଥିଲେ। ୨୦୧୬ରେ ଝିଅ ଏଭେଲିନାଙ୍କୁ ଜନ୍ମ ଦେବା ପରେ ସେ ଟେନିସ ବେଶି ଖେଳି ନ ଥିଲେ। ଅନ୍ୟପଟେ ଦ୍ୱିତୀୟ ଥର ପାଇଁ ଜୁ ଓ ମେଲିଚାର ୟୁଏସ୍ ଓପନ୍‌ରେ ରନର୍ସଅପ୍ ବିବେଚିତ ହୋଇଛନ୍ତି।



ୟୁଏସ୍ ଓପନ୍ ଟେନିସ୍ ମହିଳା ଡବଲ୍ସ ଚାମ୍ପିୟନ ଭେରା ଜାଭୋନାରେଭା ଓ ଲଉରା ସିଗ୍‌ମଣ୍ଡ ଟ୍ରଫି ସହ।

# ଥିମ୍- ଜେଭେରେଭ ଫାଇନାଲ ଲଢ଼େଇ

**ୟୁଏସ୍ ଓପନ୍ ଟେନିସ୍**

ନ୍ୟୁୟର୍କ, ୧୨।୯(ଏପି)

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମହିଳା ସିଙ୍ଗଲ୍ସ ପରେ ଏବେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ରବିବାର ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରିଆର ଦ୍ୱିତୀୟ ସିଡ୍ ଖେଳାଳି ଡୋମିନିକ୍ ଥିମ୍ ଓ ପଞ୍ଚମ ସିଡ୍ ଜର୍ମାନୀ ତାରକା ଖେଳାଳି ଆଲେକ୍ଜାଣ୍ଡର ଜେଭେରେଭ ପରସ୍ପରକୁ ଭେଟିବେ।

ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଜେଭରେଭ ୩-୬, ୨-୬, ୬-୩, ୬-୪, ୬-୩ ମାରାଥନ୍ ସେଟ୍‌ରେ ସ୍ପେନ୍‌ର ୨୦ତମ ସିଡ୍ ଖେଳାଳି ୨୯ ବର୍ଷୀୟ ପାବ୍ଲୋ କାରେନୋ ବୁଷ୍ଟାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହୋଇଥିଲା। ପ୍ରଥମ ଦୁଇଟି ସେଟ୍‌ରେ ଜେଭେରେଭ ପରାସ୍ତ ହୋଇ ପଛରେ ପଡିଥିଲେ। ତେବେ ଏହାପରେ ଦମ୍‌ଦାର ପ୍ରଦର୍ଶନ କରି ଜେଭରେଭ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ବାକି ୩ଟି ସେଟ୍ ଜିତି ନେଇ ବାଜି ମାରିଥିଲେ। ବିଜୟୀ ହେବାକୁ ବେଶ୍ କଷ୍ଟ କରିବାକୁ ପଡିଥିଲା ବୋଲି ୨୩ ବର୍ଷୀୟ ଜେଭରେଭ ସ୍ୱୀକାର କରିଛନ୍ତି। ବିଜୟୀ ହୋଇଥିବାରୁ ନିଜ ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି।

ସେହିପରି ଦ୍ୱିତୀୟ ସେମିଫାଇନାଲରେ ଥିମ୍ ୬-୨, ୭-୬, ୭-୬ ସେଟ୍‌ରେ ରୁଷିଆର ତୃତୀୟ ସିଡ୍ ମାନ୍ୟତାପ୍ରାପ୍ତ ଖେଳାଳି ଡାନିଲି ମେଡ୍‌ଭେଡେଭଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ୨୭ ବର୍ଷୀୟ ଥିମ୍‌ଙ୍କୁ ୨ ଘଣ୍ଟା ୫୬ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ମ୍ୟାଚ୍‌ରେ ଜବରଦସ୍ତ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ମେଡଭେଡେଭ ଗତବର୍ଷ ୟୁଏସ୍ ଓପନ୍‌ରେ ରନର୍ସଅପ୍ ହୋଇଥିଲେ। ସେ ମଧ୍ୟ ଗତ ଦୁଇବର୍ଷ ହେବ ଫ୍ରେଞ୍ଚ ଓପନ୍‌ରେ ସ୍ପେନ୍‌ର ରାଫାଲ ନାଡାଲଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ଫେବୃୟାରୀରେ ଅଷ୍ଟ୍ରେଲିଆନ୍ ଓପନ୍‌ରେ ନୋଭାକ ଜୋକୋଭିକଙ୍କଠାରୁ ମଧ୍ୟ ପରାସ୍ତ ହୋଇଥିଲେ। ଥିମ୍‌ଙ୍କୁ ଭେଟିବା ପୂର୍ବରୁ ମେଡଭେଡେଭ୍ ସାରା ଟୁର୍ନାମେଣ୍ଟରେ ଗୋଟିଏ ହେଲେ ବି ସେଟ୍ ଡ୍ରପ୍ କରି ନ ଥିଲେ। ଜବରଦସ୍ତ ଫର୍ମରେ ଥିଲେ ମଧ୍ୟ ମେଡଭେଡେଭ୍‌ଙ୍କୁ ଥିମ୍ କୌଣସି ସୁଯୋଗ ଦେଇ ନ ଥିଲେ।

ଦୀର୍ଘ ୧୬ ବର୍ଷ ପରେ କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ୩ଜଣ ବଡ଼ ଖେଳାଳି ନୋଭାକ ଜୋକୋଭିଚ୍, ରୋଜର ଫେଡେରର କିମ୍ବା ରାଫାଲ ନାଡାଲଙ୍କୁ ଦେଖିବାକୁ ମିଳି ନ ଥିଲା। କୋଭିଡ୍-୧୯ ମହାମାରୀ ପାଇଁ ନାଡ଼ାଲ ଏଥର ୟୁଏସ୍ ଓପନ୍‌ରେ ଅଂଶଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହିପରି ଫେଡରର ଆଣ୍ଠୁରେ ଅସ୍ତ୍ରୋପଚାର କରାଇଥିବା କାରଣରୁ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ। ସେହିପରି ଏକ ବିବାଦୀୟ ଢଙ୍ଗରେ ଜୋକୋଭିଚ୍ ବୁଷ୍ଟାଙ୍କ ବିପକ୍ଷ ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଖେଳୁଥିବା ବେଳେ ଅଜାଣତରେ ବଲ୍‌ରେ ଲାଇନ୍ ଜଜ୍‌ଙ୍କୁ ଆଘାତ ଦେଇ ପ୍ରତିଯୋଗିତାରୁ ବାଦ୍ ପଡିଥିଲେ।

ଏହାପୂର୍ବରୁ ଜେଭରେଭ ଜାନୁୟାରୀରେ ଅଷ୍ଟ୍ରେଲିଆନ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ ଓ ଏହା ତାଙ୍କର ପ୍ରଥମ ମେଜର ସେମିଫାଇନାଲ ଥିଲା। ଅବଶ୍ୟ ସେ ଥିମ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ଶନିବାର ମହିଳା ସିଙ୍ଗଲ୍ସ ଫାଇନାଲରେ ନାଓମି ଓସାକା ଓ ଭିକ୍ଟୋରିଆ ଆଜାରେଙ୍କା ଟାଇଟଲ ପାଇଁ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

# ଅଷ୍ଟ୍ରେଲିଆ ବିଜୟୀ

ମାଞ୍ଚେଷ୍ଟର,୧୨।୯(ଏପି)

ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧୯ ରନରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ମିଚେଲ ମାର୍ଶ ଓ ଗ୍ଲେନ୍ ମ୍ୟାକ୍ସୱେଲ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୫୦ ଓଭରରେ ୯ ଉଇକେଟ ହରାଇ ୨୯୪ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୯ ଉଇକେଟ ହରାଇ ୨୭୫ ରନରରେ ସୀମିତ ରହି ପରାସ୍ତ ହୋଇଥିଲା। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜୋଶ ହାଜେଲଉଡ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୨୯୫ ରନ ଟାର୍ଗେଟ୍‌ର ପିଛା କରି ଇଂଲଣ୍ଡର ଜନି ବେୟାରଷ୍ଟୋ ଓ ସାମ ବିଲିଙ୍ଗ୍ସ ଜବରଦସ୍ତ ବ୍ୟାଟିଂ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ବିଲିଙ୍ଗ୍ସ ୧୧୦ ବଲର ସମ୍ମୁଖୀନ ହୋଇ ୧୪ ଚୌକା ଓ ୨ ଛକା ସହ ୧୧୮ ରନର ଶତକୀୟ ପାଳି ଖେଳିଥିଲେ ମଧ୍ୟ ଏହା କାମରେ ଆସି ନ ଥିଲା। ସେହିପରି ବେୟାରଷ୍ଟୋ ୮୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

# ସିପିଏଲ୍‌ରୁ ଆସି ପହଞ୍ଚିଲେ ପୋଲାର୍ଡ ଓ ଅନ୍ୟମାନେ


ଆବୁଧାବି, ୧୨।୯ (ପି.ଟି.)

କ୍ୟାରିବିୟନ ପ୍ରିମିୟର ଲିଗ୍ ଖେଳିସାରିବା ପରେ ଷ୍ଟାର ୱେଷ୍ଟଇଣ୍ଡିଆନ ଅଲରାଉଣ୍ଡର କିରଣ ପୋଲାର୍ଡଙ୍କ ସମେତ ଅନ୍ୟ ଖେଳାଳିମାନେ ଏବେ ଇଣ୍ଡିଆନ ପ୍ରିମିୟର ଲିଗ୍ ମୁହାଁ ହୋଇଛନ୍ତି। ପୋଲାର୍ଡ ଏଠାରେ ଶନିବାର ମୁମ୍ବାଇ ଇଣ୍ଡିଆନ୍ସ କ୍ୟାମ୍ପରେ ଯୋଗ ଦେଇଛନ୍ତି। କୋଭିଡ୍-୧୯ ଯୋଗୁ ଚଳିତ ବର୍ଷର ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସରେ ଖେଳାଯାଉଛି। ମ୍ୟାଚ୍‌ଗୁଡ଼ିକ ତିନୋଟି ଭେନ୍ୟୁ ଆବୁଧାବି, ଦୁବାଇ ଓ ଶାରଜାରେ ଖେଳାଯିବ। ପୋଲାର୍ଡଙ୍କ ବ୍ୟତୀତ ଶେରଫାନେ ରଥରଫୋର୍ଡ ମଧ୍ୟ ଦଳରେ ଯୋଗ ଦେଇଛନ୍ତି। ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସକୁ ଭେଟିବ।

# 'ଦି ଫ୍ୟୁଚର ଟୁ ପିକ୍ ପରଫର୍ମାନ୍ସ' ୱେବିନାର

ଭୁବନେଶ୍ୱର, ୧୨।୯(ସ୍ପୋର୍ଟ୍ସ ବ୍ୟୁରୋ)

ନାଭାଲ ଟାଟା ହକି ଏକାଡେମି (ଏନଟିଏଚଏ) ଓଡ଼ିଶା ଏହାର ପ୍ରଥମ ବାର୍ଷିକୀ ପାଳନ ଅବସରରେ ଏକ ଉତ୍ତମ ଭବିଷ୍ୟତ ପାଇଁ ହାଇ ପରଫର୍ମାନ୍ସ ସେଣ୍ଟର ଗୁଡ଼ିକର ଅନୁଶୀଳନ ଏବଂ କ୍ରୀଡ଼ା ବିଜ୍ଞାନ' ଉପରେ 'ଦି ଫ୍ୟୁଚର ଟୁ ପିକ୍ ପରଫର୍ମାନ୍ସ' ଶୀର୍ଷକ ଏକ ଆଲୋଚନା ଭିତ୍ତିକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠିତ କ୍ରୀଡ଼ା ବ୍ୟକ୍ତିତ୍ୱମାନେ ଅଂଶଗ୍ରହଣ କରି ଭାରତୀୟ କ୍ରୀଡ଼ାର ଅଭ୍ୟୁଦୟ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ୟାନେଲିଷ୍ଟଙ୍କ କଥା ଶୁଣିବା, କ୍ରୀଡ଼ା ଉପରେ ଭାରତର ନୂତନ ଗୁରୁତ୍ୱ ଏବଂ ଆଗାମୀ ଦିନରେ ହେବାକୁ ଥିବା ଅନ୍ତର୍ଜାତୀୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଉପରେ ସେମାନଙ୍କ ମତ ରଖିବା ଲାଗି ଦେଶର କ୍ରୀଡ଼ାପ୍ରେମୀମାନଙ୍କୁ ଏହି ମଞ୍ଚ ସୁଯୋଗ ଦେଇଥିଲା।




ୱେବିନାରରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ।

ଏହି ୱେବିନାର୍‌ରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ପ୍ୟାନେଲିଷ୍ଟମାନଙ୍କ ମଧ୍ୟରେ ଥିଲେ ହକି ଏସ୍ ଫାଉଣ୍ଡେଶନ ଓ ଏନ୍‌ଟିଏଚ୍ଏ ଓଡ଼ିଶାର ବୈଷୟିକ ନିର୍ଦ୍ଦେଶକ ଅଲିମ୍ପିଆନ୍ ଫ୍ଲୋରିସ୍ ବୋଭେଲାଣ୍ଡର୍, ଓଡ଼ିଶା ଭାରୋତ୍ତୋଳନ ଏଚ୍‌ପିସି, ଟେନ୍‌ଭିକ୍ ସ୍ପୋର୍ଟସ୍ ଏଜୁକେଶନ ମୁଖ୍ୟ କୋଚ୍ ଅଲମ୍ପିଆନ୍ କାଜିମ୍ ପଞ୍ଜାବୀ, ଓଡ଼ିଶା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସି ସିଇଓ ଆଇଆଇଏସ ଆଣ୍ଡ ପ୍ରୋଗ୍ରାମ୍ ଡାଇରେକ୍ଟର ରୁଶଦି ୱାର୍ଲି, କ୍ରୀଡ଼ା ବିଜ୍ଞାନ ଓ ମେଡିସିନ (ସାର୍ ଏଚ. ଏନ. ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲ୍ ଆଣ୍ଡ ରିସର୍ଚ ଇନଷ୍ଟିଚ୍ୟୁଟ୍) ମୁଖ୍ୟ ହିଥ୍ ମାଥ୍ୟୁସ୍, ଅଭିନବ ଫ୍ୟୁଚରିଷ୍ଟିକ୍ସ ଆଣ୍ଡ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫର୍ମାନ୍ସ ସେଣ୍ଟର୍ସ ଆଣ୍ଡ ଅଜିତ ମର୍କୋଜ୍ ଏଣ୍ଡୁରାନ୍ସ କୋଚ୍ ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶା ନିର୍ଦ୍ଦେଶକ ଡ. ଦିଗପାଲ ସିଂ ରାଣାୱତ। ଏକାଡେମୀର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ୍ ଓ ଦୀକ୍ଷା ତିୱାରୀ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱର ଏନ୍‌ଟିଏଚ୍ଏ ଏକାଡେମିରେ ପ୍ରଶିକ୍ଷଣ ଗ୍ରହଣ କରୁଥିବା କ୍ରୀଡ଼ାବିତ୍‌ମାନେ ମଧ୍ୟ ଏହି ୱେବିନାର୍‌ରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ପସନ୍ଦର କୋଚ୍ ଏବଂ ବିଶେଷଜ୍ଞଙ୍କୁ ପ୍ରଶ୍ନ ପଚାରିଥିଲେ। ବିଶେଷମାନେ ଅଭିଜ୍ଞତା ଅନୁସାରେ ଉତ୍ତର ରଖିଥିଲେ।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବୃନ୍ଦାବନ ମହାପାତ୍ର
ସାମନ୍ତରାପୁର, ଭୁବନେଶ୍ୱର
ଆବିର୍ଭାବ: ୨୧।୧୦।୧୯୫୨
ତିରୋଧାନ: ୦୪।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଗୋପାଳଜୀ ଏବଂ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁଅ-ବୋହୂ: ପିଣ୍ଟୁ-ରିଆ, ଝିଅ-ଜ୍ୱାଇଁ: ପିଙ୍କି-ପୁପୁଲ୍, ନାତି: ଅମିତ୍, ଆହନ୍, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ ।
ଧ-୬୯୪୩୬

ଏକା ଦଶାହ ଉପଲକ୍ଷେ..



✓ ଅଞ୍ଜଳୀ ଦାସ
ସୂର୍ଯ୍ୟବିହାର, ଅରୁଣୋଦୟ ମାର୍କେଟ, କଟକ -୧୨
ଆବିର୍ଭାବ - ୨୦-୦୪-୧୯୫୪
ତିରୋଧାନ - ୦୩-୦୯-୨୦୨୦
ନୈନଂ ଛନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦ ଯନ୍ତ୍ୟାପୋ ନ ଶୋଷୟତି ମାରୁତଃ
ଆଜିର ଏହି ଏକାଦଶାହ ତିଥିରେ ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଆଦର୍ଶ ଚିରସ୍ମରଣୀୟ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ ପରିବାର ବର୍ଗ।
ଧ-୧୮୨୧୯

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଭବାନୀ ଶଙ୍କର ମହାନ୍ତି
ଗ୍ରାମ: ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୬।୦୬।୧୯୭୦
ତିରୋଧାନ: ୦୩।୦୯।୨୦୨୦
ଆପଣ ଆମକୁ ଦୁଃଖ ସାଗରରେ ଭସାଇ ଦେଇ ଚାଲିଗଲେ ; ଆପଣ ଥିଲେ ଆମମାନଙ୍କର ମାର୍ଗଦର୍ଶକ, ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଅନୁଶାସନ ଚିରସ୍ମରଣୀୟ, ଆପଣଙ୍କ ଅନୁପସ୍ଥିତିକୁ ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ଇତିଶ୍ରୀ, ଭାଇ: ପ୍ରଶାନ୍ତ, ପ୍ରସନ୍ନ, ଭାଉଜ: ବନଲତା, ଝିଅ: ଲିଟିଲ୍, ଟ୍ୱିଙ୍କିଲ୍, ଝିଆରୀ: ସୁଇଟି, ସସ୍ମିତା, ଜ୍ୱାଇଁ: ସଞ୍ଜୟ ।
ଧ-୧୮୨୨୦

ଦ୍ୱାଦଶ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ମନମୋହନ ମହାପାତ୍ର
ଆର୍ବିଭାବ-୩୧.୦୫.୧୯୪୮
ତିରୋଧନ-୦୨.୦୯.୨୦୨୦
ଗଙ୍ଗନଗର, ଭୁବନେଶ୍ୱର
" ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାର ବିନ୍ଦରେ ପ୍ରାର୍ଥନା "
ଶୋକସନ୍ତପ୍ତ : ପତ୍ନୀ-ମନମୋହିନୀ, ପୁତ୍ର-ରାକେଶ, ପୁତ୍ରବଧୂ-ସୋନାଲି, ଭ୍ରାତା-ମହିମୋହନ, ଭାଇବୋହୂ-ଶରଳା, ଝିଅ-ଜ୍ୱାଇଁ : ପିଙ୍କି-ବୁଲ୍ଟୁ, ଲିଙ୍କୁ-ଟୁକୁନା, ଇତୁ-ବିଶ୍ୱ, ପୁପୁ-ଗିକି, ବର୍ଷା-ନିଳାଦ୍ରୀ, ବର୍ଷା-ବରୁଣ, ନାତି-ନାତୁଣୀ : ତିଉ, ଲିମକା, ଫୁଟି, ବର୍ଣ୍ଣ, ଲିଚି, ବରଫି ଓ ଦ୍ୱିତ୍।
ଧ-୬୯୭୪୮

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ମନ୍ଦୋଦରୀ ପଣ୍ଡା
ଆବିର୍ଭାବ: ୧୩।୧୦।୧୯୩୦
ତିରୋଧାନ: ୦୩।୦୯।୨୦୨୦
ତୁମର ପରଲୋକରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉପଦେଶ ଆମ୍ଭପାଇଁ ପ୍ରେରଣା ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ଚର୍ଚ୍ଚିକାଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ ।
ଧ-୧୮୨୦୧

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧନେଶ୍ୱର ସାହୁ
ବାଣିକ ନଗର, ଆଠଗଡ଼
ଆବିର୍ଭାବ: ୦୬।୧୦।୧୯୪୪
ତିରୋଧାନ: ୦୩।୦୯।୨୦୨୦
ଆପଣଙ୍କ ବିୟୋଗ ଆମ୍ଭମାନଙ୍କୁ ଗଭୀର ଧକ୍କା ଓ ଦାରୁଣ ଦୁଃଖ ଦେଇଛି। ଆପଣଙ୍କର ହର୍ଷିତଭାବ, ଅମାୟିକ ବ୍ୟବହାର ଓ ସ୍ନେହପୂର୍ଣ୍ଣ ହସହସ ମୁହଁରେ ସମ୍ଭାଷିତ କରି ସମସ୍ତଙ୍କୁ ଆପଣାର କରି ହୃଦୟଜୟୀ ହୋଇପାରିଥିଲେ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପୁତ୍ର: ରଞ୍ଜନ, ତ୍ରିଲୋଚନ, ପ୍ରସନ୍ନ, ଦେବେନ୍ଦ୍ର ବାବୁଲି ଓ ରୁଦ୍ର ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ ।
ଧ-୧୮୨୨୪

# କରୋନା ଆଉ ପୂଜା ଶପିଂ

**ଆସିଯାଇଛି ପାର୍ବଣର ଋତୁ। ହେଲେ ଏଥର ବଢୁଥିବା କରୋନା ସଂକ୍ରମଣକୁ ଆଖିଆଗରେ ରଖି ନା ବହୁ ଆଡ଼ମ୍ବରରେ ପାଳନ ହେବ ଦଶହରା ନା ଜମିବ ପୂଜାମଣ୍ଡପଗୁଡ଼ିକରେ ଜନଗହଳି। ତଥାପି, କମିନି ଅନେକଙ୍କର ଫେଷ୍ଟିଭ୍ ଶପିଂ କ୍ରେଜ, ଆଉ ଏଥିପାଇଁ ପ୍ରତିଟି ଛୋଟ ବଡ଼ ଦୋକାନ ଓ ମଲ୍ ଠାରୁ ଆରମ୍ଭ କରି ଅନ୍‌ଲାଇନ୍ ସାଇଟ୍‌ଗୁଡ଼ିକରେ ଦେଖିବାକୁ ମିଳୁଛି ପୂଜା ପାଇଁ ନୂଆ ନୂଆ ସାମଗ୍ରୀର ସମ୍ଭାର। ତେବେ ଏମିତିରେ କେତେକ ଦିଗ ପ୍ରତି ସତର୍କ ରହିବା ଦ୍ୱାରା ଏହି ଫେଷ୍ଟିଭ୍ ସିଜନ୍‌ରେ ଶପିଂ କରିବା ହୋଇପାରିବ ନିରାପଦ...**



ଚଳିତବର୍ଷ ଫେଷ୍ଟିଭ୍ ସିଜନ୍‌ରେ ସେ ମଜା ଆଉ ନାହିଁ। ଦିନକୁ ଦିନ ବଢ଼ିବାରେ ଲାଗିଛି ସଂକ୍ରମଣ, ଆଉ ଏହା ଅଧିକ ନ ବ୍ୟାପିବା ଭୟରେ ପୂଜାସ୍ଥଳଗୁଡ଼ିକରେ ଭକ୍ତ ସମାଗମରେ



ଲଗାଯାଇଛି କଟକଣା। ହେଲେ ଏହାସତ୍ତ୍ୱେ ମଧ୍ୟ ପୂଜା ଶପିଂକୁ ନେଇ ଅନେକେ ଉତ୍ସାହିତ। ତେଣୁ ଫେଷ୍ଟିଭ୍ ସିଜନ୍‌ରେ ମାର୍କେଟ୍‌ରୁ ହେଉ ଅବା ଅନ୍‌ଲାଇନ୍‌ରେ ଶପିଂ କରୁଥିଲେ ସୁରକ୍ଷା ପ୍ରତି ସଜାଗ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ...

**ଆପଣାନ୍ତୁ ଆବଶ୍ୟକ ସତର୍କତା:** ବର୍ତ୍ତମାନ ଦୈନିକ ଯେଉଁ ବର୍ଦ୍ଧିତ ସଂଖ୍ୟାରେ କରୋନା ରୋଗୀ ଚିହ୍ନଟ ହେଉଛନ୍ତି ଏମିତିରେ ବାହାରକୁ ବିଶେଷ କରି ଶପିଂ ଲାଗି ବାହାରକୁ ଯିବା ବିପଦପୂର୍ଣ୍ଣ। ତଥାପି ଯଦି ଶପିଂ ପାଇଁ ଯାଉଛନ୍ତି, ମାସ୍କ ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ। ନିହାତି ଆବଶ୍ୟକ ନ ଥିଲେ ବାହାରେ କାହା ସହ କଥା ହୁଅନ୍ତୁ ନାହିଁ, କଥା ହେଲେ ଅତି କମ୍‌ରେ ୪-୬ ଫୁଟ୍ ଦୂରତ୍ୱ ରକ୍ଷା କରନ୍ତୁ। ଶପିଂ ସାରିବା ମାତ୍ରେ ତୁରନ୍ତ ହାତକୁ ସାନିଟାଇଜ୍ କରନ୍ତୁ। ଶପିଂ କରିଥିବା ସାମଗ୍ରୀକୁ ମଧ୍ୟ ସାନିଟାଇଜ୍ ନ କରି ବ୍ୟବହାର କରନ୍ତୁ ନାହିଁ। ଅନ୍‌ଲାଇନ୍ ଶପିଂ କରୁଥିଲେ ଡେଲିଭରୀ ପର୍ସନ ଠାରୁ ଦୂରରେ ଠିଆ ହୁଅନ୍ତୁ, ମାସ୍କ ମଧ୍ୟ ପିନ୍ଧନ୍ତୁ। ନିଜ ହାତ ସହ ପ୍ୟାକେଟ୍‌କୁ ମଧ୍ୟ ସାନିଟାଇଜ୍ କରନ୍ତୁ।

**ସୋସିଆଲ୍ ଡିଷ୍ଟାନ୍ସିଂ ଗୁରୁତ୍ୱପୂର୍ଣ୍ଣ:** ଏହି ରୋଗ କେବଳ ସ୍ପର୍ଶ ଦ୍ୱାରା ନୁହେଁ ବାୟୁ ବାହିତ ମଧ୍ୟ ହୋଇଥିବାରୁ ସଂକ୍ରମଣ ରୋକିବା ଲାଗି ସୋସିଆଲ୍ ଡିଷ୍ଟାନ୍ସିଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁରକ୍ଷା ଦୃଷ୍ଟିରୁ କୌଣସି ଗହଳି ଥିବା ମାର୍କେଟ୍ ବା ଦୋକାନକୁ ଆଦୌ ଯାଆନ୍ତୁ ନାହିଁ। ଶପିଂ ମଲ୍ ଯାଉଥିଲେ ସମସ୍ତ ଗାଇଡ୍‌ଲାଇନ୍ ମାନନ୍ତୁ। ଭିତରେ ଥିବା ଅନ୍ୟ ଗ୍ରାହକ ଏବଂ ସେଲ୍ସ ପର୍ସନଙ୍କ ଠାରୁ ଦୂରତା ରକ୍ଷା କରନ୍ତୁ।

**ପବ୍ଲିକ୍ ଟ୍ରାନ୍ସପୋର୍ଟ ବିପଦପୂର୍ଣ୍ଣ:** ଏ ସମୟରେ ଯଦି ପୂଜା ଶପିଂ ପାଇଁ ଯାଉଛନ୍ତି ତେବେ ସର୍ବଦା ନିଜସ୍ୱ ଗାଡି ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ। କାରଣ ପବ୍ଲିକ୍ ଟ୍ରାନ୍ସପୋର୍ଟ ସମସ୍ତେ ବ୍ୟବହାର କରୁଥିବାରୁ କେଉଁ ବ୍ୟକ୍ତିଙ୍କ ଦେହରେ କରୋନା ଭୁତାଣୁ ଥିବ ତାହା ଜଣା ପଡି ନ ଥାଏ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଗାଡିରେ ବସିବା ବିପଦପୂର୍ଣ୍ଣ। ତା'ଛଡା ପ୍ରତିଦିନ ଏକାଧିକ ଯାତ୍ରୀଙ୍କୁ ନେବା ଆଣିବା ଦ୍ୱାରା ଡ୍ରାଇଭରଙ୍କ ଠାରୁ ମଧ୍ୟ ଦ୍ୱାରା ରୋଗ ସଂକ୍ରମଣର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

## କ'ଣ କୁହନ୍ତି ଏମାନେ...



**ସ୍ୱପ୍ନା ସୋନାଲିକା**(ଛାତ୍ରୀ, ଗୋବିନ୍ଦପୁର ଡିଗ୍ରୀ କଲେଜ, କଟକ)- କରୋନା ପାଇଁ ଏ ବର୍ଷ କୌଣସି ପୂଜା ପର୍ବରେ ପୂର୍ବଭଳି ମଜା ହୋଇପାରୁନି। ତେଣୁ ପୂଜା ଶପିଂ ପାଇଁ ମନରେ ସେ ଉତ୍କଣ୍ଠା ବି ନାହିଁ। ରୋଗ ସଂକ୍ରମଣ ବଢୁଥିବାରୁ ମାର୍କେଟ୍‌କୁ କ'ଣ ସବୁ ନୂଆ କଲେକ୍ସନ୍ସ ଆସିଛି ଦେଖିବାକୁ ଯିବାକୁ ଡର ଲାଗୁଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଥର ଅନ୍‌ଲାଇନ୍ ଶପିଂ କରିବି। ତଥାପି ଜିନିଷ ରଖିବା ସମୟରେ ମାସ୍କ ପିନ୍ଧିବା ସହ ଡେଲିଭରୀ ପର୍ସନ ଠାରୁ ଦୂରରେ ରହିବି। କେବଳ ଏତିକି ନୁହେଁ ଏହାକୁ ଭଲ ଭାବେ ସାନିଟାଇଜ୍ କରିବା ପରେ ବ୍ୟବହାର କରିବି।



**ଦେବାଶିଷ ବେହେରା**(ଛାତ୍ର, ଅରିଲୋ, କଟକ)- ପ୍ରତିବର୍ଷ ଦଶହରା ସମୟ ଆସିଗଲେ ଖୁସିରେ ଗୋଡ ତଳେ ଲାଗେନି। କଟକ, ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିବା, ମେଲୋଡି ଏନ୍‌ଜୟ କରିବା ଠାରୁ ଆରମ୍ଭ କରି ବିଭିନ୍ନ ଶପିଂ ମଲ୍ ବୁଲି ବୁଲି ଭଳିକି ଭଳି ନୂଆ ଡ୍ରେସ୍ କିଣିବାର ମଜା ଅଲଗା। ହେଲେ ଏଥର କରୋନା ଲାଗି ଏସବୁ ଫିକା ପଡିଯିବ। ତଥାପି ପୂଜା ପାଇଁ କିଛି ଶପିଂ କରିବି ଭାବିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ କୌଣସି ଗହଳି ଥିବା ଦୋକାନକୁ ନ ଯାଇ ଫାଙ୍କା ତଥା ସାନିଟାଇଜ୍ ହେଉଥିବା ମଲ୍‌ରୁ ଶପିଂ କରିବି।



**ଆପଣାନ୍ତୁ କ୍ୟାଶ୍‌ଲେସ୍ ବ୍ୟବସ୍ଥା:** ବର୍ତ୍ତମାନ ଶପିଂ କରିବା ସମୟରେ ବିଭିନ୍ନ ଦିଗକୁ ଆଖିଆଗରେ ରଖି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ। ପ୍ରଥମ କଥା ହେଉଛି, କୌଣସି ଟଙ୍କା କେତେ କାହା ହାତ ଦେଇ ଆପଣଙ୍କ ପାଖକୁ ଆସିଛି ତାହା କହିବା କଷ୍ଟକର। ତେଣୁ ତାହା ରୋଗ ସଂକ୍ରମଣର ମାଧ୍ୟମ ବି ସାଜିପାରେ। ଏମିତିରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ନିରାପଦ। ଏହାବ୍ୟତୀତ ବର୍ତ୍ତମାନ ସମୟରେ ଜନଗହଳି ଅପେକ୍ଷାକୃତ କମ୍ ଥିବାରୁ ଚୋରଙ୍କୁ ଟଙ୍କା ଚୋରୀ ସହଜ। ତେଣୁ ପାଖରେ କ୍ୟାଶ୍ ନ ରଖି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ଭଲ।

**ଫେଷ୍ଟିଭ୍ ଅଫରର ଲୋଭ ଛାଡ଼ନ୍ତୁ:** ଏଥର କରୋନା ଲାଗି ପୂଜା ବଜାରରେ ବିଶେଷ ପ୍ରଭାବ ପଡିବ ଏବଂ ବେପାର ଅପେକ୍ଷାକୃତ ମାନ୍ଦା ବି ରହିବ। ତେଣୁ ଏମିତିରେ ବେପାର କମ୍ ନ ହେବା ଲାଗି ଅନେକ ବ୍ୟବସାୟିକ ସଂସ୍ଥା ପକ୍ଷରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଆକର୍ଷଣୀୟ ଅଫର୍ ଏବଂ ସ୍ପେଶାଲ୍ ଡିସ୍କାଉଣ୍ଟ ରହିପାରେ। ହେଲେ ଏହି ଲୋଭରେ ଅଧିକ ସାମଗ୍ରୀ କିଣି ନେବାର ଭୁଲ ଆଦୌ କରନ୍ତୁ ନାହିଁ। ପ୍ରଥମେ ନିଜ ବଜେଟ୍ ଦେଖନ୍ତୁ। ମହାମାରୀ ଯୋଗୁ ବର୍ତ୍ତମାନ ଅନେକଙ୍କର ଆର୍ଥିକ ପରିସ୍ଥିତି ଜଟିଳ ରହିଛି, ଆଗକୁ ପରସ୍ଥିତି କ'ଣ ହେବ ତାହା ମଧ୍ୟ ଅନିର୍ଦ୍ଦିଷ୍ଟ। ତେଣୁ କୌଣସି ଫେଷ୍ଟିଭ୍ ଅଫର ଲୋଭରେ ନ ପଡି ଯେତିକି ଆବଶ୍ୟକ ସେତିକି ଶପିଂ କରି ବାକି ଟଙ୍କାକୁ ଭବିଷ୍ୟତ ପାଇଁ ସଞ୍ଚୟ କରିବା ଭଲ।

## ଏ ସପ୍ତାହର ପ୍ରଶ୍ନ

୧- ଭାରତ ସହିତ ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି ଆରମ୍ଭ କରିଥିବା ଦେଶ ........ ?
୨- ତାମିଲନାଡୁର ........... ମନ୍ଦିରରେ ଶିବ ନଟରାଜ ଭାବେ ପୂଜା ପାଆନ୍ତି ?
୩- ତାବଲାବାଦ୍ୟର ରାଜା....... କୁ କୁହାଯାଏ ?
୪- ବାବରନାମାକୁ ଚଗତାଇ ଭାଷାରୁ ପର୍ସିଆନ ଭାଷାକୁ ଅନୁବାଦ କରିଥିବା ବ୍ୟକ୍ତି ....... ?
୫- ମହାକାଶରେ ସବୁଠୁ ଅଧିକ ସମୟ ବିତାଇଥିବା ମହିଳା ମହାକାଶଚାରୀ....... ?

## ଗତ ଥରର ଉତ୍ତର

୧ ଅଗଷ୍ଟ ୨୯
୨ ନୁର୍ ଇନାୟତ ହସ୍ନ
୩ ଡାଟା ସିକ୍ୟୁରିଟି କାଉନ୍ସିଲ ଅଫ୍ ଇଣ୍ଡିଆ
୪ ଇଣ୍ଟର ସର୍ଭିସ୍ ଇଣ୍ଟେଲିଜେନ୍ସ(ଆଇଏସ୍ଆଇ), ପାକିସ୍ତାନ
୫ ବିନୀତ୍ ଜୋଶୀ

## ଉତ୍ତରଦାତା


ଜ୍ୟୋର୍ତିମୟୀ ତ୍ରିପାଠୀ, କେନ୍ଦ୍ରାପଡା


ମୁରଲୀଧର ପାତ୍ର, ଭୁବନେଶ୍ୱର


ଧୀରେନ୍ଦ୍ର ମଲ୍ଲିକ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

ପୃଥିବୀର ଶକ୍ତିଶାଳୀ ବାୟୁସେନା



୧- ୟୁନାଇଟେଡ୍ ଷ୍ଟେଟ୍ସ ଏୟାର ଫୋର୍ସ...................................ଆମେରିକା
୨- ଋଷିଆନ୍ ଏୟାର ଫୋର୍ସ................................................ ରୁଷିଆ
୩- ପିପୁଲ୍ସ ଲିବରେଶନ୍ ଆର୍ମି ଏୟାର ଫୋର୍ସ............................ ଚାଇନା
୪- ଇଣ୍ଡିଆନ୍ ଏୟାର ଫୋର୍ସ............................................... ଭାରତ
୫- ରୟାଲ ଏୟାର ଫୋର୍ସ................................................. ଇଂଲଣ୍ଡ
୬- ଇସ୍ରାଏଲ୍ ଏୟାର ଫୋର୍ସ.............................................. ଇସ୍ରାଏଲ୍
୭- ଫ୍ରେଞ୍ଚ୍ ଏୟାର ଫୋର୍ସ................................................. ଫ୍ରାନ୍ସ
୮- ତୁର୍କିସ୍ ଏୟାର ଫୋର୍ସ................................................. ତୁର୍କି
୯- ଇଜିପ୍ଟିଆନ୍ ଏୟାର ଫୋର୍ସ............................................. ଇଜିପ୍ଟ
୧୦- ଜର୍ମାନ ଏୟାର ଫୋର୍ସ............................................... ଜର୍ମାନୀ

ୟୁ|ଥ୍|ଆ|ଲ|ର୍ଟ

# ଠିକ୍ ସମୟରେ ନ ଖାଇଲେ

**ପାଠପଢା, ଜବ୍ ହେଉ କିମ୍ବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକଙ୍କର ଖାଇବାର ସମୟ ଠିକ୍ ରହୁ ନ ଥିବା ଦେଖିବାକୁ ମିଳୁଛି। ହେଲେ ଏହି ବଦଭ୍ୟାସ ପରବର୍ତ୍ତୀ ସମୟରେ ସେମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ସୁସ୍ଥ ରହିବା ଲାଗି କେଉଁ ସମୟରେ ଖାଇବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ...**

- ସକାଳର ଜଳଖିଆ ଅଧିକାଂଶ ମିସ୍ କରିଥାନ୍ତି। ହେଲେ ଏହା ହିଁ ସାରା ଦିନ ଶରୀରକୁ ଶକ୍ତି ଯୋଗାଇଥାଏ ଏବଂ କାର୍ଯ୍ୟକ୍ଷମତା ବଢାଇବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ ସକାଳ ୯ଟା ପୂର୍ବରୁ ଜଳଖିଆ ନିଶ୍ଚିତ ଭାବେ ଖାଆନ୍ତୁ। ମନେ ରଖନ୍ତୁ ଏଥିରେ ଫାଷ୍ଟ ଫୁଡ୍ କିମ୍ବା ତେଲ ମସଲାଯୁକ୍ତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଭିଟାମିନ୍ ଏ ଯୁକ୍ତ ଫଳକୁ ଜଳଖିଆ ତାଲିକାରେ ସାମିଲ କରନ୍ତୁ ଉପକୃତ ହେବେ।
- କେବଳ ବ୍ରେକ୍‌ଫାଷ୍ଟ କାହିଁକି ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ର ଭୋଜନ ମଧ୍ୟ ସର୍ବଦା ଯଥା ସମୟରେ କରିବା ଆବଶ୍ୟକ। ହେଲେ ଅନେକ ଯୁବତୀଯୁବକ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥାନ୍ତି। ଫଳରେ ମସ୍ତିଷ୍କ ବା ବ୍ରେନ୍‌କୁ ପର୍ଯ୍ୟାପ୍ତ ମାତ୍ରାରେ ଗ୍ଲୁକୋଜ ପହଞ୍ଚି ପାରେନି। ଫଳରେ ହାଲିଆ ଲାଗିବା, କାର୍ଯ୍ୟକ୍ଷମତା ହ୍ରାସ ପାଇବା ସହ ଭ୍ରମ ଆଦି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ।
- ସେହିପରି ନିର୍ଦ୍ଦିଷ୍ଟ ସମୟରେ ନ ଖାଇ ବିଳମ୍ବରେ ଖାଇବାଦ୍ୱାରା ଶରୀରରେ ଅଧିକ କ୍ୟାଲୋରୀ ଜମା ହୋଇଥାଏ। କାରଣ ଅଧିକ ଭୋକ ସମୟରେ ଆବଶ୍ୟକରୁ ବେଶୀ ଖାଇ ହୋଇଯାଏ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।
- ଠିକ୍ ସମୟରେ ଖାଇବାଦ୍ୱାରା ଶରୀରରେ ଆବଶ୍ୟକ ମାତ୍ରାରେ ଇନ୍‌ସୁଲିନ୍ ପ୍ରସ୍ତୁତ ହୋଇଥାଏ, ଯାହାକି ରକ୍ତରେ ଗ୍ଲୁକୋଜ ବା ସର୍କରା ପରିମାଣ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ହେଲେ ଖାଇବା ସମୟ ଅଧିକ ବିଳମ୍ବ ହେଲେ କିମ୍ବା କୌଣସି ସମୟର ଖାଦ୍ୟ ନ ଖାଇଲେ ଉଭୟ ଇନ୍‌ସୁଲିନ୍ ଏବଂ ଗ୍ଲୁକୋଜ ସ୍ତରକୁ ପ୍ରଭାବିତ କରିଥାଏ। ଏମିତିକି ଡାଇବେଟିସ୍ ସମସ୍ୟା ଥିଲେ ହଠାତ୍ ଏସବୁର ମାତ୍ରା ହ୍ରାସ ପାଇବା ଦ୍ୱାରା ଷ୍ଟ୍ରୋକ୍‌ର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।
- ଖାଦ୍ୟ ସ୍କିପ୍ କରିବା ମଧ୍ୟ ହାଇ ବ୍ଲଡ୍ ପ୍ରେସର ସମସ୍ୟାର କାରଣ ସାଜିଥାଏ। କେବଳ ଏତିକି ନୁହେଁ ଏଥିପାଇଁ ମୁଣ୍ଡ ବିନ୍ଧା, ହାଲିଆ ଲାଗିବା ଏମିତିକି କାହାଠାରେ ଚେତାଶୂନ୍ୟ ହେବା ଭଳି ସମସ୍ୟା ବି ସୃଷ୍ଟି କରିଥାଏ।
- ଯଥା ସମୟରେ ନ ଖାଇବା ଦ୍ୱାରା ଗ୍ୟାସ୍, ଏସିଡ୍, ପେଟ ଯନ୍ତ୍ରଣା ଏବଂ ଷ୍ଟୋମାକ୍ ଅଲସର୍ ଭଳି ସମସ୍ୟା ବି ଦେଖାଦେବାର ଆଶଙ୍କା ରହିଛି।





ଜା|ଣ|ନ୍ତୁ|ଦୁ|ନି|ଆ

# ଏମିତି ବି ଅଛି ଗାଁ

**ପୃଥିବୀରେ ଅନେକ ଗାଁ ରହିଛି। ହେଲେ ସେଗୁଡିକ ମଧ୍ୟରୁ ଏମିତି ବି କେତୋଟି ଗାଁ ରହିଛି ଯାହାର କିଛି ନିଆରା ବିଶେଷତ୍ୱ ତାହାକୁ ଅନ୍ୟ ସମସ୍ତ ଗାଁ ଠାରୁ ପୃଥକ କରେ। ଆସନ୍ତୁ ଜାଣିବା ଏଭଳି କିଛି ବିସ୍ମୟ ଗାଁ ସମ୍ପର୍କରେ...**

**ପୃଥିବୀର ଶୀତଳ ଗାଁ:** ବିଶ୍ୱର ବୃହତ୍ତମ ଦେଶ ଋଷିଆରେ ରହିଛି ଓଇମ୍ୟାକନ୍ ନାମକ ଏକ ଗାଁ, ଯେଉଁଠାରେ ତାପମାତ୍ରା ସାଧାରଣତଃ -୪୪° ସେଲ୍‌ସିଅସ୍ ରହୁଥିବା ବେଳେ ଥଣ୍ଡା ଅଧିକ ହେଲେ -୭୧° ସେଲ୍‌ସିଅସ୍ ପାର୍ଯ୍ୟନ୍ତ କମିଥାଏ। ଯେଉଁଥିପାଇଁ ସେଠାରେ ସମୁଦାୟ ଲୋକସଂଖ୍ୟା ହାରାହାରି ୫୦୦। ଏତେ କମ୍ ତାପାମାତ୍ରା ଯୋଗୁଁ ସେଠାରେ ଚାଷବାସ କରିବା ସମ୍ଭବ ନ ହେଉଥିବାରୁ ସେଠାକାର ବାସିନ୍ଦା ଖାଦ୍ୟ ଲାଗି ଘୋଡ଼ା ଏବଂ ହରିଣ ମାଂସ ଉପରେ ନିର୍ଭର କରିଥାନ୍ତି। ସେଠାରେ କାହାର ମୃତ୍ୟୁ ହେଲେ ଶବ ସତ୍କାର ତିନିଦିନ ପରେ ହୋଇଥାଏ। କାରଣ ସେଠାରେ ଶବ ପୋତିବାକୁ ଗରମ କୋଇଲା ବ୍ୟବହାର କରି ବରଫ ତରଳାଇ ଗାତ କରିବା ଲାଗି ପ୍ରାୟ ୩ ଦିନ ଲାଗିଥାଏ।

**ବାମନଙ୍କ ଗାଁ:** ଚୀନର ଦକ୍ଷିଣ-ପଶ୍ଚିମ ଭାଗରେ ରହିଛି ୟାଙ୍ଗସି ନାମକ ଏକ ଗାଁ, ଯାହାକୁ ପୃଥିବୀର ବାମନ ଗାଁ ବୋଲି ମଧ୍ୟ କୁହାଯାଏ। କାରଣ ସେଠାରେ ବାସ କରୁଥିବା ପ୍ରାୟ ୮୦ ଜଣଙ୍କ ମଧ୍ୟରୁ ୩୬ ଜଣ ହେଉଛନ୍ତି ବାମନ। ସେଠାକାର ଲୋକେ ବାମନ ହେବା ପଛରେ ଥିବା କାରଣକୁ ଏଯାଏଁ ବୈଜ୍ଞାନିକମାନେ ମଧ୍ୟ ଖୋଜିପାଇବାରେ ସଫଳ ହୋଇପାରିନାହାନ୍ତି।

**ନିଦ୍ରାର ଗାଁ:** କାଜଖସ୍ତାନର ରାଜଧାନୀ ଆସ୍ତାନା ଠାରୁ ପଶ୍ଚିମରେ ୩୦୦ ମାଇଲ୍ ଦୂରରେ ରହିଛି ଏକ ସୁନ୍ଦର ପାହାଡ଼ିଆ ଗାଁ କାଲାଚି। ଯାହାକୁ ପୃଥିବୀର ଏକ ବିସ୍ମୟ ସ୍ଥାନ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ସେଠାରେ ରହୁଥିବା ଲୋକମାନେ ବେଳେ ବେଳେ ଦୀର୍ଘ ସମୟ ଧରି ଅର୍ଥାତ କେତେ ଘଣ୍ଟାରୁ ସପ୍ତାହ ସପ୍ତାହ ପର୍ଯ୍ୟନ୍ତ ଶୋଇ ରୁହନ୍ତି ଯେପରି ସେମାନଙ୍କୁ କୌଣସି ନିଦ୍ରା ଔଷଧ ଦିଆଯାଇଛି। ଏମିତିକି ଘର ଭିତରେ ନୁହେଁ ଯାହାକୁ ଯେଉଁଠାରେ ନିଦ ଆସେ ରାସ୍ତା କଡ଼ ହେଉ ଅବା ଯେକୌଣସି ସ୍ଥାନ ସେ ସେହିଠାରେ ହିଁ ଶୋଇ ଥିବା ଦେଖିବାକୁ ମିଳେ, ଆଉ ଏହି ନିଦ କେବେ ଭାଙ୍ଗିବ ତାହାର କୌଣସି ସମୟସୀମା ନ ଥାଏ। ଆଜିର ଏତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ଡାକ୍ତରଙ୍କଠାରୁ ଆରମ୍ଭ କରି ବୈଜ୍ଞାନିକ ପର୍ଯ୍ୟନ୍ତ କେହି ଏହି ରହସ୍ୟର ସଠିକ କାରଣ ଖୋଜି ପାଇ ପାରି ନାହାନ୍ତି। ଯେଉଁଥିପାଇଁ ଏହାର ନାମ ସ୍ଲିପିଂ ଏପିଡେ଼ମିକ୍ ବା ନିଦ୍ରା ମହାମାରୀ ବୋଲି ରଖାଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ଉକ୍ତ ଗାଁ ନିକଟରେ ଥିବା ଅନ୍ୟ ଗାଁରେ ଏହାର କୌଣସି ପ୍ରଭାବ ନାହିଁ।



# ଆଇପିଏଲ୍‌ରେ ପ୍ରଥମ ଆମେରିକୀୟ ଅଲି ଖାନ୍

ଆବୁଧାବି, ୧୨।୯ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମ ଥର ଜଣେ ଆମେରିକୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ। ସେ ହେଉଛନ୍ତି ଫାଷ୍ଟ ବୋଲର ଅଲି ଖାନ୍। ସେ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଦଳ ତରଫରୁ ଖେଳିବେ। ୨୯ ବର୍ଷୀୟ ଏହି ଫାଷ୍ଟ ବୋଲରଙ୍କୁ ଇଂଲିଶ ସିମ୍ ବୋଲର ହ୍ୟାରି ଗର୍ନେଙ୍କ ସ୍ଥାନରେ ନିଆଯିବ। ତେବେ ଆଇପିଏଲ୍ ଅନୁମୋଦନକୁ ଅପେକ୍ଷା କରାଯାଇଛି। କାନ୍ଧରେ ଅସ୍ତ୍ରୋପଚାର ଯୋଗୁ ଗର୍ନେ ଉଭୟ ଆଇପିଏଲ୍ ଓ ଗତ ମାସରେ ଇଂଲଣ୍ଡର ଭାଇଟାଲିଟି ବ୍ଲାଷ୍ଟରୁ ଓହରିଯାଇଥିଲେ। ନିକଟରେ ଶେଷ ହୋଇଥିବା କ୍ୟାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଅଲି ଖାନ୍ ତ୍ରିନବାଗୋ ନାଇଟ୍ ରାଇଡର୍ସ ତରଫରୁ ଖେଳିଥିଲେ। ଏହି ଦଳ ଟୁର୍ନାମେଣ୍ଟରେ ଅପରାଜିତ ରହିବା ସହ ଟାଇଟଲ ବିଜୟୀ ହୋଇଥିଲା। ଖାନ୍ ୭.୪୩ ଆଭରେଜରେ ସମାନ ସଂଖ୍ୟକ ମ୍ୟାଚରୁ ୮ଟି ଉଇକେଟ ଅକ୍ତିଆର କରିଥିଲେ। ଗତ ସିଜନରେ ସେ କେକେଆର୍ ଟାର୍ଗେଟରେ ରହିଥିଲେ। ମାତ୍ର ଚୁକ୍ତି ସ୍ୱାକ୍ଷରିତ ହୋଇପାରି ନ ଥିଲା। ୨୦୧୮ ଗ୍ଲୋବାଲ ଟି୨୦ କାନାଡାରେ ଖାନ୍‌ଙ୍କ ପ୍ରତିଭାକୁ ୱେଷ୍ଟଇଣ୍ଡିଜର ଷ୍ଟାର ଅଲରାଉଣ୍ଡର ଡ୍ୱେନ୍ ବ୍ରାଭୋ ଚିହ୍ନଟ କରିଥିଲେ। ତାଙ୍କୁ ଆଣି ସେ ସିପିଏଲ୍‌ରେ ଖେଳାଇଥିଲେ। ଅଲି ଖାନ୍ ସିପିଏଲ୍ ଅଲ୍‌ଷ୍ଟାର ଟିମ୍‌ରେ ସ୍ଥାନ ପାଇଥିଲେ। ଏହି ଆମେରିକୀୟ ବୋଲର ଗୁୟାନା ଆମାଜନ ୱାରିୟର୍ସ ତରଫରୁ ଖେଳିଥିଲେ। ୧୨ଟି ମ୍ୟାଚରୁ ସେ ୧୬ଉଇକେଟ ଅକ୍ତିଆର କରିଥିଲେ। ସେହି ସିଜନରେ ଜଣେ ଫାଷ୍ଟ ବୋଲର ହିସାବରେ ସେ ଦ୍ୱିତୀୟ ସର୍ବାଧିକ ଉଇକେଟ ଅକ୍ତିଆର କରିଥିଲେ। ବ୍ରାଭୋ ଇତିମଧ୍ୟରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏଥିରେ ଖାନ୍, ବ୍ରେଣ୍ଡନ ମ୍ୟାକ୍‌କୁଲମ ସମେତ ଅନ୍ୟ କେତେଜଣ ଏକ ବିମାନ ଭିତରେ ବସିଥିବାର ଦୃଶ୍ୟ ରହିଥିଲା। ଭିଡିଓଟିର କ୍ୟାପଶନ ଲେଖାଥିଲା 'ନେକ୍ସଟ ଷ୍ଟପ୍ ଦୁବାଇ'। ଖାନ୍ ଘଣ୍ଟା ପ୍ରତି ୧୪୦ କିମିରୁ ଅଧିକ ବେଗରେ ବୋଲିଂ କରିପାରନ୍ତି। ସେ ଭଲ ୟର୍କର ପକାଇପାରନ୍ତି। ଦିନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କେକେଆର୍ ସେପ୍ଟେମ୍ବର ୨୩ରେ ଏହାର ପ୍ରଥମ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବ।



ଅଲି ଖାନ୍

# ଦ୍ୱିତୀୟ ଦିନିକିଆରେ ସ୍ମିଥ୍ ଉପଲବ୍ଧ ହେବେ

ମାଞ୍ଚେଷ୍ଟର, ୧୨।୯ (ପି.ଟି.)

ଶନିବାର ଦ୍ୱିତୀୟ ଥର ମସ୍ତିଷ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ଉପଲବ୍ଧ ହେବେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୧୯ ରନରେ ବିଜୟ ଲାଭ କରିଥିଲା। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଏହି ମ୍ୟାଚ ପାଇଁ ସ୍ମିଥ୍ ନେଟ୍ସରେ ବ୍ୟାଟିଂ କରୁଥିବାବେଳେ ଜଣେ କୋଚିଂ ଷ୍ଟାଫ୍‌ଙ୍କ ବଲ୍ ଥ୍ରୋ ଆସି ତାଙ୍କ ମୁଣ୍ଡରେ ବାଜିଥିଲା। ପ୍ରତିଷେଧମୂଳକ ବ୍ୟବସ୍ଥା ସ୍ୱରୂପ ୩୧ବର୍ଷୀୟ ଏହି ବ୍ୟାଟ୍ସମ୍ୟାନ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚର ଚୂଡ଼ାନ୍ତ ଏକାଦଶରୁ ଓହରିଯାଇଥିଲେ। ସ୍ମିଥ୍‌ଙ୍କର ପ୍ରଥମେ ଶୁକ୍ରବାର ଏବଂ ପରେ ଶନିବାର ମସ୍ତିଷ୍କ ପରୀକ୍ଷା ହୋଇଥିଲା ଏବଂ ଏଥିରେ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଆଶେସ ବେଳେ ଲର୍ଡ୍ସଠାରେ ଜୋଫ୍ରା ଆର୍ଚରଙ୍କ ଏକ ବାଉନ୍ସର ସ୍ମିଥ୍ ମୁଣ୍ଡରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଫଳସ୍ୱରୂପ ସେ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସ ସମେତ ପରବର୍ତ୍ତୀ ମ୍ୟାଚ୍ ମଧ୍ୟ ଖେଳି ନ ଥିଲେ। ବାମହାତୀ ସିମ୍ ବୋଲର ମିଚେଲ ମାର୍ଶ ଶୁକ୍ରବାର ତାଙ୍କ ଉରୁସନ୍ଧିରେ ଯନ୍ତ୍ରଣା ଅନୁଭବ କରିବାରୁ କୌଣସି ମତେ ୧୦ ଓଭର ବୋଲିଂ ଶେଷ କରିଥିଲେ। କିନ୍ତୁ ସେ ରବିବାର ମ୍ୟାଚ ଖେଳିବେ ବୋଲି ଆଶା କରାଯାଉଛି।

# ହାମିଲଟନଙ୍କୁ ପୋଲ୍ ପୋଜିଶନ

ମୁଗେଲୋ (ଇଟାଲୀ), ୧୨।୯ (ଏପି)

ଟସ୍କାନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ପାଇଁ ଲୁଇସ୍ ହାମିଲଟନ ତାଙ୍କ ମର୍ସିଡିଜ୍ ଟିମ୍‌ମେଟ୍ ଭାଲଟେରି ବୋଟାସ୍‌ଙ୍କୁ .୦୫୯ ସେକେଣ୍ଡ ପଛରେ ପକାଇ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଏହାଦ୍ୱାରା ତାଙ୍କ ପୋଲ୍‌ପୋଜିଶନ ରେକର୍ଡ ସଂଖ୍ୟା ୯୫କୁ ବୃଦ୍ଧି ପାଇଛି। ଏହି ସିଜନରେ ମର୍ସିଡିଜ୍ ଏପର୍ଯ୍ୟନ୍ତ ସମସ୍ତ ପୋଲ ପୋଜିଶନ ହାସଲ କରିଥିବା ବେଳେ ହାମିଲଟନ ୭ ଏବଂ ବୋଟାସ ୨ ଥର ପୋଲ ପୋଜିଶନ ହାସଲ କରିଛନ୍ତି। ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ହାମିଲଟନଙ୍କଠାରୁ .୩୬୫ ସେକେଣ୍ଡ ପଛରେ ତୃତୀୟ ହୋଇଥିଲେ। ତାଙ୍କ ଟିମ୍‌ମେଟ୍ ଆଲେକ୍‌ଜାଣ୍ଡର ଆଲବନ ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କ ଆଗରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। କରୋନା ମହାମାରୀ ସମୟରେ ସିଜନର ୯ମ ଫର୍ମୁଲା ୱାନ୍ କ୍ୱାଲିଫାଇଂ ସେସନରେ ପ୍ରଥମ ଥର ଦର୍ଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ପ୍ରାୟ ୩,୦୦୦ ଦର୍ଶକ ତିନୋଟି ଷ୍ଟାଣ୍ଡ୍‌ରେ ଭାଗହୋଇ ରେସ୍‌କୁ ଉପଭୋଗ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ